


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

୮୦ତମ ସ୍ୱାଧୀନତା ଦିବସ

PANIKOILI ♦VOLUME- 44 ♦ISSUE-52 ♦SATURDAY ♦15 AUGUST 2026 ♦PAGE-12 ♦₹ 7.00
♦ବର୍ଷ-୪୪ ♦ସଂଖ୍ୟା-୫୨ ♦ଶନିବାର ♦୧୫ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବିନୟତୋଷ ମିଶ୍ର କାର୍ଯ୍ୟକାରୀ ଡିଜି



"ସବୁ ଜଗନ୍ନାଥଙ୍କ ଆଶୀର୍ବାଦ"

■ ଭୁବନେଶ୍ୱର, ୧୪।୮ (ସମିସ): ପୁଲିସ ଡିଜି ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କ ଅବସର ପରେ କ୍ରାଇମ୍‌ବ୍ରାଞ୍ଚ ଡିଜି ତଥା ବରିଷ୍ଠ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ହେବେ ପରବର୍ତ୍ତୀ ଡିଜି। ରାଜ୍ୟ ପୁଲିସରେ ଏହା ସ୍ଥାୟୀ ନିଯୁକ୍ତି ନୁହେଁ। ତାଙ୍କୁ କାର୍ଯ୍ୟକାରୀ ଡିଜି ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ତାଙ୍କ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ପ୍ରକାଶ ସିଂ ଗାଇଡ ଲାଇନ୍‌ର ଉଲଙ୍ଘନ କରିବା ଅଭିଯୋଗରେ ରାଜ୍ୟ ସରକାରଙ୍କ ଡିଜିପି ଚୟନ ମାମଲା ସୁପ୍ରିମ୍‌କୋର୍ଟଙ୍କ ବିଚାରାଧୀନ ରହିଛି। ୟୁପିଏସ୍‌ସି ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଡିଜିପି ଚୟନ ନେଇ ୟୁପିଏସ୍‌ସିର ବୈଠକ ଉପରେ ସୁପ୍ରିମ୍‌କୋର୍ଟ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଇଛନ୍ତି। ସ୍ଥାୟୀ ଡିଜିପି ଚୟନକୁ ନେଇ ଅଦାଲତି କଟକଣା ଲାଗିଥିଲା ▶ପୃଷ୍ଠା-୭

### 'ସକାଳ'ର ଛୁଟି

ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୧୬ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ସୋମବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

### ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ହ୍ରାସ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

# ସର୍ବଦଳୀୟ ବୈଠକ, ସ୍ୱତନ୍ତ୍ର ଅଧିବେଶନ ବସୁ

**ସଂଶୋଧିତ ଆଇନ ବିରୋଧରେ ବିଧାନସଭାରେ ପାରିତ ହେଉ ସର୍ବସମ୍ମତ ପ୍ରସ୍ତାବ**

**ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ ଖଣିଜ ସମ୍ପଦରେ ସେସ୍ ଲାଗୁ କ୍ଷମତାରେ ଅଙ୍କୁଶ**

**ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର, ସଂଶୋଧିତ ବ୍ୟବସ୍ଥାରେ ଓଡ଼ିଶା ପ୍ରଭାବିତ ହେବ**

■ଭୁବନେଶ୍ୱର, ୧୪।୮ (ସମିସ): ସଂସଦରେ ସଦ୍ୟ ପାରିତ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ସଂଶୋଧନ ବିଲ୍, ୨୦୨୬କୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ବିଲ୍ ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତାରେ ଅଙ୍କୁଶ ଓ ଖଣିଜ ସମ୍ପଦ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାର ହ୍ରାସ ବୋଲି ଉଲ୍ଲେଖ କରି ଏଥିନିମନ୍ତେ ତୁରନ୍ତ ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟର ଆର୍ଥିକ ଅଧିକାର ହାନି ଆଶଙ୍କା ଥିବାରୁ ରାଜ୍ୟସଭାରେ ବିଜେଡି ସାଂସଦମାନେ ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ; ମାତ୍ର କେନ୍ଦ୍ର ସରକାର ଏହି ବିଲ୍ ପାରିତ କରିଛନ୍ତି ବୋଲି ନବୀନ କହିଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ କହିଛନ୍ତି ଯେ ସଂଶୋଧିତ ବ୍ୟବସ୍ଥା ଦ୍ୱାରା ଖଣିଜ ସମୃଦ୍ଧ ରାଜ୍ୟ ଯଥା ଓଡ଼ିଶା ଭଳି ରାଜ୍ୟ ଅଧିକ ପ୍ରଭାବିତ ହେବ। ଏହା ଫଳରେ ରାଜ୍ୟ ବ୍ୟାପକ ରାଜସ୍ୱ ହରାଇବା ସହ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହେବ। ଧାରା ୨ରେ ପରିବର୍ତ୍ତନ ମାଧ୍ୟମରେ କେନ୍ଦ୍ରର ନିୟନ୍ତ୍ରଣ କେବଳ ଖଣି ପରିଚାଳନାରେ ସୀମିତ ନ ରହି 'ଖଣିଜ ବହନକାରୀ ଜମି' ପର୍ଯ୍ୟନ୍ତ ବିସ୍ତାର କରାଯାଇଛି। ଏହା ରାଜ୍ୟର ଜମି ଓ ଆର୍ଥିକ ଅଧିକାର ଉପରେ କେନ୍ଦ୍ରର ହସ୍ତକ୍ଷେପ ବଢ଼ାଇବ। ସେହିପରି ଧାରା ୯-ଡି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତୀତ ଖଣିଜ ଅଧିକାର କିମ୍ବା ଖଣିଜ ଭିତ୍ତିକ ଜମି ଉପରେ ରାଜ୍ୟ ସରକାର କର, ସେସ୍ କିମ୍ବା ସମାନ ପ୍ରକାରର ଶୁଳ୍କ ଲାଗୁ କରିପାରିବ ନାହିଁ। ଏଥିସହ ଧାରା ୧୩ ର ସଂଶୋଧନ ମାଧ୍ୟମରେ ଖଣିଜ ପଦାର୍ଥ ଉପରେ ରାଜ୍ୟର କର ଲାଗୁ କରିବାର କ୍ଷମତାକୁ ସୀମିତ କରିବା ପାଇଁ ନିୟମ ପ୍ରଣୟନର ଅଧିକାର କେନ୍ଦ୍ରକୁ ଦିଆଯାଇଛି। ▶ପୃଷ୍ଠା-୭

## ୨୦୨୭ ଜନଗଣନା ପାଇଁ ୪୦ଟି ପ୍ରଶ୍ନ

■ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଆସନ୍ତା ୨୦୨୭ ମସିହା ଜନଗଣନାର ଜନସଂଖ୍ୟା ଗଣନା ପର୍ଯ୍ୟାୟ ପାଇଁ କେନ୍ଦ୍ର ସରକାର ୪୦ଟି ନିର୍ଦ୍ଦିଷ୍ଟ ପ୍ରଶ୍ନର ଭାଲିଡେସନ୍ ଓ ଅନୁମୋଦନ କରିଛନ୍ତି। ରେଜିଷ୍ଟ୍ରାର ଜେନେରାଲ୍ ଏବଂ ଜନଗଣନା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ଦ୍ୱାରା ଜାରି ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ଜନଗଣନା ଅଧିକାରୀମାନେ ପରିବାର ଅନୁସୂଚୀ (ହାଉସହୋଲ୍ଡ ସେଡ୍ୟୁଲ) ମାଧ୍ୟମରେ ଏହି ସବୁ ତଥ୍ୟ ସଂଗ୍ରହ କରିବେ। ଏହି ଜନଗଣନାରେ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ

**ଜାତି, ଆଧାର ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ**

ଅନ୍ୟାନ୍ୟ ଜାତି ସମ୍ପର୍କିତ ତଥ୍ୟ ସହିତ ମାତା-ପିତାଙ୍କ ବିବରଣୀ, ଭିନ୍ନକ୍ଷମତା, ଜନ୍ମସ୍ଥାନ, ପ୍ରବାସର କାରଣ ଓ ଅବଧି ଆଦି ପ୍ରଶ୍ନ ସାମିଲ ରହିଛି। ଏହା ବ୍ୟତୀତ ନାମ, ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ଧର୍ମ, ମାତୃଭାଷା, ଶିକ୍ଷାଗତ ଯୋଗ୍ୟତା, ବୃତ୍ତି, ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ୍ ନମ୍ବର, ଆଧାର ନମ୍ବର, ଭୋଟର ଆଇଡି, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଏବଂ କୋଭିଡ୍-୧୯ ଟିକାକରଣ ସମ୍ପର୍କିତ ବିବରଣୀ ମଧ୍ୟ ସଂଗ୍ରହ କରାଯିବ। ମହିଳାମାନଙ୍କ କ୍ଷେତ୍ରରେ ସେମାନଙ୍କ ସନ୍ତାନସନ୍ତତି ସଂଖ୍ୟା ସମ୍ପର୍କରେ ମଧ୍ୟ ପଚରାଯିବ। ଜନଗଣନା ଆଇନ୍, ୧୯୪୮ ଅନୁଯାୟୀ ସରକାରୀ ଯୋଜନା ଓ ନୀତି ପ୍ରଣୟନକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ବିସ୍ତୃତ ତଥ୍ୟ ସଂଗ୍ରହ ପ୍ରକ୍ରିୟା ପରିଚାଳିତ ହେବ।

# ଉତ୍ତର ଓଡ଼ିଶାରେ ଦ୍ୱିତୀୟ ବନ୍ୟା

**୬ ଜିଲ୍ଲାରେ ୨ ଲକ୍ଷ ଲୋକ ପ୍ରଭାବିତ**

**ସବୁ ପ୍ରମୁଖ ନଦୀରେ ବଢ଼ିଛି ଜଳସ୍ତର**

**ଆଜିଠୁ କମିବ ବର୍ଷା, ୧୯ରେ ପୁଣି ଲଘୁଚାପ**

■ ଭୁବନେଶ୍ୱର, ୧୪।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଏଥିଜନିତ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ବନ୍ୟାର ପାଣି ସମ୍ପୂର୍ଣ୍ଣ ନ ଛାଡୁଣୁ, ପୁଣି ଥରେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଉତ୍ତର ଓଡ଼ିଶାବାସୀଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସାଜିଛି। ଏବେ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ପରିଣାମ ସ୍ୱରୂପ ଏହି ନଦୀକୂଳିଆ ଲୋକେ ପୁଣି ଥରେ ବନ୍ୟା ଘେରକୁ ଆସିଛନ୍ତି। ସନ୍ଧ୍ୟା ୫ ଟା ସୁଦ୍ଧା ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ ଏବେ ସୁଦ୍ଧା ରାଜ୍ୟର ୬ ଜିଲ୍ଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱର, ଭଦ୍ରକ, ▶ପୃଷ୍ଠା-୭


डाक जीवन बीमा
Postal Life Insurance
ग्रामीण डाक जीवन बीमा
Rural Postal Life Insurance
सत्यमेव जयते
Government of India
भारतीय डाक
डाक सेवा-जन सेवा
India Post
Dak Sewa-Jan Sewa

## ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା

କମ୍ ପ୍ରିମିୟମ | ଅଧିକ ବୋନସ
ସୁରକ୍ଷିତ ଜୀବନ ସୁନିଶ୍ଚିତ ସମୃଦ୍ଧି



ଡାକ ଜୀବନ ବୀମା



ଗ୍ରାମୀଣ ଡାକ ଜୀବନ ବୀମା

### ବିଶେଷ ବୈଶିଷ୍ଟ୍ୟ

- ସରକାର-ସମର୍ଥିତ ସୁରକ୍ଷା ଏବଂ ବିଶ୍ୱସନୀୟତା
- ଯେକୌଣସି ସରକାରୀ କର୍ମଚାରୀ ତଥା ସ୍ନାତକ/ ଡିପ୍ଲୋମା ପ୍ରମାଣପତ୍ରଧାରୀମାନେ ଡାକ ଜୀବନ ବୀମା କରିବା ପାଇଁ ଯୋଗ୍ୟ
- ଆୟକର ପ୍ରଦାନ କ୍ଷେତ୍ରରେ ପ୍ରିମିୟମ ଜମା ଉପରେ ରିହାତି
- ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଗ୍ରାମୀଣ ଡାକ ଜୀବନ ବୀମା ଉପଲବ୍ଧ
- ଡାକ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା ପ୍ରିମିୟମ ଜମା ଉପରେ 0 % GST
- ଅନଲାଇନ ଏବଂ NACH ମାଧ୍ୟମରେ ପ୍ରିମିୟମ୍ ଦେୟ ପ୍ରଦାନ କରିବାର ସୁବିଧା
- ଋଣ ପ୍ରଦାନ ତଥା ଅବଧି ଓ ପ୍ରକାର ପରିବର୍ତ୍ତନ ବ୍ୟବସ୍ଥା

BHIM | UPI
PhonePe G Pay
Paytm SBI Unipay
ମାଧ୍ୟମରେ କ୍ଷଣକରେ ନିଜର ପ୍ରିମିୟମ ଜମା କରିବାର ସୁବିଧା

#InsuranceHo TohPostalHo

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଡାକଘର ସହିତ ଯୋଗାଯୋଗ କରନ୍ତୁ
ୱେବ୍ ସାଇଟ୍: www.indiapost.gov.in
ଟେଲିଫୋନ: ୦୬୭୪-୨୩୯୫୧୯୩ / ଟୋଲ୍ ଫ୍ରି: ୧୮୦୦ ୨୬୬ ୬୮୬୮

ସୌଜନ୍ୟ: ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ, ଓଡ଼ିଶା ପରିମଣ୍ଡଳ, ଭୁବନେଶ୍ୱର- ୭୫୧୦୦୧



15001/88/2627

सत्यमेव जयते



## ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)





## ୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ । ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି । ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0088

## ବାଂଲା ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍‌ଙ୍କ ପ୍ରଥମ ଭାରତ ଗସ୍ତ ଆସନ୍ତା ସପ୍ତାହରେ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବାଂଲାଦେଶରେ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍ ଆସନ୍ତା ସପ୍ତାହରେ ନିଜର ପ୍ରଥମ ଭାରତ ଗସ୍ତରେ ଆସିବେ। ଦୁଇ ଦିନିଆ ଏହି ଦ୍ୱିପାକ୍ଷିକ ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଏହି ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟ, ଆଞ୍ଚଳିକ ସୁରକ୍ଷା, ଜଳ ବଣ୍ଟନ, ଶକ୍ତି କ୍ଷେତ୍ରରେ ସହଯୋଗ ଓ ସୀମା ପରିଚାଳନା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା ହେବାର ସମ୍ଭାବନା ରହିଛି। ବିଶେଷ କରି ୧୯୯୬ ମସିହାର ଗଙ୍ଗା ଜଳ ବଣ୍ଟନ ଚୁକ୍ତିର ଅବଧି ଚଳିତ ବର୍ଷ ଡିସେମ୍ବରରେ ଶେଷ ହେବାକୁ ଯାଉଥିବାରୁ ଏହାର ନବୀକରଣ ପ୍ରସଙ୍ଗ ପ୍ରମୁଖ ସ୍ଥାନ ଗ୍ରହଣ କରିବ। ଏହାବ୍ୟତୀତ ଶେଖ୍ ହସିନାଙ୍କ ପ୍ରତ୍ୟାର୍ପଣ ଦାବିକୁ ନେଇ ସୃଷ୍ଟ ତିକ୍ତତା ମଧ୍ୟରେ ଏହି ଶୀର୍ଷସ୍ତରୀୟ ବୈଠକ ଦୁଇ ଦେଶର ସମ୍ପର୍କକୁ ପୁନଃ ସ୍ୱାଭାବିକ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହେବ।

## ଆର୍‌ଜି କର ମାମଲା: ପୂର୍ବତନ ଟିଏମ୍‌ସି ବିଧାୟକ ନିର୍ମଳ ଘୋଷଙ୍କୁ ଆକ୍ରମଣ, ଚପଲ, ଅଣ୍ଡା ମାଡ଼

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ପୀଡ଼ିତାଙ୍କ ଶବଦାହ ତରବରିଆ ଭାବେ କରିବା ଅଭିଯୋଗରେ ଗିରଫ ହୋଇଥିବା ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ନିର୍ମଳ ଘୋଷଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଛନ୍ତି। ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାସ୍ଥିତ ଖରଦହ ଥାନା ବାହାରେ ପୁଲିସ ସୁରକ୍ଷା ବଳୟ ଭାଙ୍ଗି ଉତ୍ତ୍ୟକ୍ତ ଜନତା ତାଙ୍କ ଉପରକୁ ଚପଲ, ଅଣ୍ଡା ଓ କାଦୁଅ ମାଡ଼ କରିଛନ୍ତି। ନିର୍ମଳଙ୍କୁ କୋର୍ଟରେ ହାଜର କରିବା ପାଇଁ ନିଆଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ପୁଲିସ ରାପିଡ୍ ଆକ୍ସନ୍ ଫୋର୍ସ କର୍ମଚାରୀମାନେ ତାଙ୍କୁ ସୁରକ୍ଷା ଦେବା ପାଇଁ ହେଲମେଟ୍ ପିନ୍ଧାଇ ଗାଡ଼ି ନିକଟକୁ ନେଇଥିଲେ। ବାରାକପୁର କୋର୍ଟ ପରିସରରେ ମଧ୍ୟ ଲୋକମାନେ ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ମାମଲାରେ ପୀଡ଼ିତାଙ୍କ ପିତାଙ୍କ ନୂତନ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ନିର୍ମଳ ଘୋଷ ଏବଂ ତାଙ୍କ ସହଯୋଗୀ ସଞ୍ଜୀବ ମୁଖାର୍ଜୀ ତରବରିଆ ଭାବେ ଶବଦାହ କରାଇଥିବା ଅଭିଯୋଗ ହୋଇଛି।

## ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିବେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସାମରିକ ଓ କୂଟନୈତିକ ଉତ୍ତେଜନା ମଧ୍ୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ସେପ୍ଟେମ୍ବର ମାସରେ ଭାରତ ଗସ୍ତ କରିବେ। ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ସେ ଯୋଗଦେବେ ବୋଲି ଇରାନ ସୂତ୍ରରୁ ପ୍ରକାଶ ପାଇଛି। ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ଇରାନ ଆଶାପ୍ରକଟ କରିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ସାମରିକ ପନ୍ଥା ନୁହେଁ, ବରଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ। ଭାରତର କୂଟନୈତିକ ହସ୍ତକ୍ଷେପକୁ ଇରାନ ସ୍ୱାଗତ କରିବ। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀର ସୁରକ୍ଷା ନେଇ ମଧ୍ୟ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ହୋଇଛି। ୨୦୨୪ରେ ଇରାନ ବ୍ରିକ୍ସର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା।

## ସ୍ୱାମୀଙ୍କ ବନ୍ଧୁକରୁ ଗୁଳିକରି ମହିଳାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଉତ୍ତର ପ୍ରଦେଶର ସାହାରନପୁର ଜିଲ୍ଲାରେ ଜଣେ କନଷ୍ଟେବଲଙ୍କ ସ୍ତ୍ରୀ ସ୍ୱାମୀଙ୍କ ସରକାରୀ ବନ୍ଧୁକରୁ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଥିବା ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସଦର ବଜାର ଥାନା ଅନ୍ତର୍ଗତ ହକିକତ ନଗର ଅଞ୍ଚଳରେ କନଷ୍ଟେବଲ ଟିଙ୍କୁ ସିଂହ ନିଜ ପରିବାର ସହ ଭଡ଼ା ଘରେ ରହୁଥିଲେ। ସ୍ୱାମୀ ଗାଧୋଉଥିବା ସମୟରେ ତାଙ୍କ ୩୨ ବର୍ଷୀୟା ସ୍ତ୍ରୀ ସବିତା ସରକାରୀ ବନ୍ଧୁକରୁ ନିଜ ବେକକୁ ଗୁଳି ମାରିଥିଲେ। ଗୁଳି ଶବ୍ଦ ଶୁଣି ପଡ଼ୋଶୀମାନେ ରୁଣ୍ଡ ହୋଇଥିଲେ ମଧ୍ୟ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ଖବର ପାଇ ସାହାରନପୁର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଅଭିନନ୍ଦନ ସିଂହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ କଳହ କିମ୍ବା ମାନସିକ ତ୍ରାସ ଭଳି ସମସ୍ତ ସମ୍ଭାବ୍ୟ କାରଣକୁ ନେଇ ପୁଲିସ ସ୍ୱାମୀ, ପଡ଼ୋଶୀ ଓ ଘରମାଲିକଙ୍କୁ ପଚରାଉଚରା ଜାରି ରଖିଛି।

### ବିକଶିତ ଭାରତ ୨୦୪୭ ପାଇଁ ରାଷ୍ଟ୍ରପତିଙ୍କ ଆହ୍ୱାନ

# ସନ୍ତ୍ରାସବାଦ ବିରୋଧୀ ପଦକ୍ଷେପ ଓ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ ଭାବେ ଗଢ଼ିତୋଳିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଦେଶ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ବେଳେ ସେ ଜାତୀୟ ସୁରକ୍ଷା, ଅର୍ଥନୀତି ଏବଂ ସାମାଜିକ ନ୍ୟାୟ କ୍ଷେତ୍ରରେ ସରକାରଙ୍କ ପ୍ରାଥମିକତା ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶ ବିରୋଧରେ ସିନ୍ଧୁ ଜଳ ଚୁକ୍ତିର ସ୍ଥଗିତାଦେଶକୁ ଏକ ନିର୍ଣ୍ଣାୟକ ଓ ସାହସିକ ପଦକ୍ଷେପ ଭାବେ ବର୍ଣ୍ଣନା କରିଥିଲେ। ଏହି ନିଷ୍ପତ୍ତି ବିଶେଷ କରି ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଇଥିବା ସେ କହିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିମାନେ ଯେଉଁଠି ଲୁଚିଲେ ମଧ୍ୟ ସେମାନଙ୍କୁ କଠୋର ପରିଣାମ ଭୋଗିବାକୁ ପଡ଼ିବ। 'ଅପରେସନ ସିନ୍ଦୂର' ଭାରତୀୟ ସଶସ୍ତ୍ର ବାହିନୀର ଶତ୍ରୁ ଉପରେ ସଠିକ ଆକ୍ରମଣ କରିବାର କ୍ଷମତାର ପ୍ରମାଣ ବୋଲି ସେ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ସାମରିକ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର କର୍ମଚାରୀଙ୍କ ପାଇଁ ୭୮ଟି ବୀରତ୍ୱ ପୁରସ୍କାର ମଧ୍ୟ ଅନୁମୋଦନ କରିଛନ୍ତି। ବିଶ୍ୱସ୍ତରୀୟ ଅସ୍ଥିରତା ଏବଂ ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୀତି ବିଶ୍ୱର ହାରାହାରି ଅଭିବୃଦ୍ଧି ହାରଠାରୁ ୨ ଗୁଣ ଅଧିକ ବେଗରେ ବୃଦ୍ଧି ପାଉଛି। ଗତ ଏକ ଦଶନ୍ଧିରେ ଦେଶର ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି। ଏହା ବ୍ୟତୀତ ଜନ ଧନ ଯୋଜନା ଅଧୀନରେ ୫୯ କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି। ସେମାନଙ୍କ ମଧ୍ୟରେ ୩୨ କୋଟିରୁ ଅଧିକ ମହିଳା ରହିଛନ୍ତି। ୮୦ କୋଟି ହିତାଧିକାରୀଙ୍କୁ ମାଗଣା ରାସନ ଜରିଆରେ ଖାଦ୍ୟ ସୁରକ୍ଷା ନିଶ୍ଚିତ କରାଯାଉଛି। ଆୟୁଷ୍ମାନ ଭାରତ ଯୋଜନାରେ ୭୦ କୋଟି ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଦେଶକୁ ନକ୍ସଲମୁକ୍ତ କରିବାକୁ ରାଷ୍ଟ୍ରପତି ଏକ ବଡ଼ ସଫଳତା ଭାବେ ଦର୍ଶାଇଛନ୍ତି। ବିଶେଷକରି ବସ୍ତର ଭଳି ଅଞ୍ଚଳରେ ଦ୍ରୁତ ବିକାଶ ଓ ସାଂସ୍କୃତିକ ପରିବର୍ତ୍ତନ ହେଉଥିବା ସେ ଉଲ୍ଲେଖ କରିଛନ୍ତି। ନ୍ୟାୟିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ, ସମ୍ବଳ ଅଭାବରୁ କେହି ନ୍ୟାୟରୁ ବଞ୍ଚିତ ନ ହେବା ନ୍ୟାୟିକ ଅଧିକାରୀମାନେ ସୁନିଶ୍ଚିତ କରିବା ଉଚିତ୍। ଭାରତ ଆଜି ବିଶ୍ୱର ଡିଜିଟାଲ କାରବାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିଶ୍ୱର ଅଧାରୁ ଅଧିକ ରିଅଲ-ଟାଇମ ଡିଜିଟାଲ କାରବାର କେବଳ ଭାରତରେ ହେଉଛି। ଏହି ଅବସରରେ ରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ଭାବେ ବର୍ଣ୍ଣନା କରିଥିଲେ। ଏଥିସହ ପରୀକ୍ଷା ପରିଚାଳନାରେ ସଂସ୍କାର ନିମନ୍ତେ ସରକାରଙ୍କ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ସେ ଦେଶରେ ଖେଲୋ ଇଣ୍ଡିଆର ସକରାତ୍ମକ ଦିଗ ବିଷୟରେ ଆଲୋକପାତ କରିଥିଲେ। ଲକ୍ଷପତି ଦିଦି, ମାଁ ପାଇଁ ଗଛଟିଏ ଭଳି ଲୋକାଭିମୁଖୀ ପଦକ୍ଷେପର ସେ ପ୍ରଶଂସା କରିଥିଲେ। ଅଭିଭାଷଣର ଶେଷରେ ରାଷ୍ଟ୍ରପତି ଆଜିର ଦିନକୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଭାବେ ମନେ ପକାଇଥିଲେ। ସେ ଦେଶର ଅଖଣ୍ଡତା ତଥା ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବାକୁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରିଛନ୍ତି।

## ବିଦେଶରେ ଆକ୍ରମଣ: ୫ ବର୍ଷରେ ୭ ଗୁଣ ବୃଦ୍ଧି ପାଇଲା ଭାରତୀୟଙ୍କ ଉପରେ ହିଂସା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ଉପରେ ଆକ୍ରମଣ ଘଟଣା ପ୍ରାୟ ୭ ଗୁଣ ବୃଦ୍ଧି ପାଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ରାଜ୍ୟସଭାରେ ପ୍ରକାଶ କରିଛି। ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୨୧ରେ ୧୫ଟି ଆକ୍ରମଣ ମାମଲା ସାମ୍ନାକୁ ଆସିଥିବା ବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୦୪ରେ ପହଞ୍ଚିଛି। ୨୦୨୧ରୁ ୨୦୨୫ ମଧ୍ୟରେ ସମୁଦାୟ ୩୦୨ଟି ହିଂସାକାଣ୍ଡ ଘଟିଛି। ସର୍ବାଧିକ ଆକ୍ରମଣ ମାମଲା ଆମେରିକା (୩୩), ୟୁଏଇ (୩୨), ବ୍ରିଟେନ୍ (୩୧), କାନାଡ଼ା (୩୦), ଆୟରଲାଣ୍ଡ (୨୪), ରୁଷ (୨୩) ଏବଂ ଜର୍ମାନୀ (୧୯) ଭଳି ଦେଶଗୁଡ଼ିକରେ ରେକର୍ଡ କରାଯାଇଛି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ ବିଦେଶରେ ଭାରତୀୟ ନାଗରିକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା। ଭାରତୀୟ ଦୂତାବାସଗୁଡ଼ିକ ଏହିପରି ଘଟଣା ଉପରେ ନଜର ରଖିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଦେଶର ପ୍ରଶାସନ ସହ ଆଲୋଚନା କରୁଛନ୍ତି।

**● ରାସ୍ତାରେ ଚନ୍ଦ୍ର ଓ ମଙ୍ଗଳର ଗର୍ତ୍ତ!**

## ମହାକାଶଚାରୀ ବେଶରେ ଶତାଧିକ ଲୋକଙ୍କ ଅଭିନବ ପ୍ରତିବାଦ

ଜୟପୁର, ୧୪।୮ (ଏଜେନ୍ସି): ବିନା ମହାକାଶ ଯାତ୍ରାରେ ଚନ୍ଦ୍ରପୃଷ୍ଠର ଅନୁଭୂତି! ରାଜସ୍ଥାନର ଜୟପୁରସ୍ଥିତ ଝୋଟୱାଡ଼ା ଅଞ୍ଚଳରେ ଖରାପ ରାସ୍ତା ଓ ବଡ଼ ବଡ଼ ଖାଲଖମାକୁ ନେଇ ସ୍ଥାନୀୟ ଅଧିବାସୀମାନେ ଏକ ଅଭିନବ ପ୍ରତିବାଦ କରିଛନ୍ତି। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ରାସ୍ତାରେ ଥିବା ପାଣିପୂର୍ଣ୍ଣ ଖାଲଗୁଡ଼ିକୁ ଚନ୍ଦ୍ରପୃଷ୍ଠର ଗାତ (କ୍ରେଟର) ସହ ତୁଳନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝୋଟୱାଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋକୁଳପୁରାର ପ୍ରତାପ ସର୍କଲ ରାସ୍ତାରେ ଗୁରୁବାର ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଏହି ପ୍ରଦର୍ଶନ ଚାଲିଥିଲା। ପ୍ରତିବାଦକାରୀଙ୍କ ମଧ୍ୟରୁ ଦୁଇଜଣ ଜଣ ମହାକାଶଚାରୀ ପୋଷାକ ପିନ୍ଧି ରାସ୍ତାରେ ଜମିଥିବା ବର୍ଷା ପାଣି ଓ ବଡ଼ ବଡ଼ ଖାଲ ମଧ୍ୟରେ ଚାଲିଥିଲେ। ଏହା ସହିତ ଏକ ନକଲି ରକେଟ୍ ମଧ୍ୟ ରଖାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଦ୍ୱାରା ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଧାୟକ ତଥା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂହ ରାଠୋର, ସାଂସଦ ରାଓ ରାଜେନ୍ଦ୍ର ସିଂହ ଏବଂ ଜୟପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଗତ ତିନି ମାସ ହେଲା ଚେଷ୍ଟା କରି ନିରାଶ ହେବା ପରେ ସେମାନେ ଏହି ବ୍ୟଙ୍ଗାତ୍ମକ ପ୍ରତିବାଦର ପନ୍ଥା ଆପଣେଇଛନ୍ତି। ସମସ୍ୟାର ଗାମ୍ଭୀର୍ଯ୍ୟକୁ ଦର୍ଶାଇ ପ୍ରତିବାଦକାରୀମାନେ କହିଛନ୍ତି ଯେ ଖାଲଗୁଡ଼ିକ ଚନ୍ଦ୍ର ଓ ମଙ୍ଗଳ ଗ୍ରହର ଗାତ ପରି ଦେଖାଯାଉଥିବାରୁ ମହାକାଶ ଯାତ୍ରା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। ଅପରପକ୍ଷରେ, ସମ୍ପୃକ୍ତ ଅଞ୍ଚଳରେ ଡ୍ରେନେଜ୍ ଓ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଛି ଏବଂ ମୌସୁମୀ ବର୍ଷା ଶେଷ ହେବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।


## ସାବରକର ଅବମାନନା ମାମଲା ରଦ୍ଦ କଲେ ସୁପ୍ରିମକୋର୍ଟ



ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଚାଲିଥିବା ଅପରାଧିକ ଅବମାନନା ମାମଲାକୁ ଶୁକ୍ରବାର ସୁପ୍ରିମ୍ କୋର୍ଟ ରଦ୍ଦ କରିଛନ୍ତି। ନିମ୍ନ ଅଦାଲତ ପକ୍ଷରୁ ଜାରି ହୋଇଥିବା ସମନ୍‌କୁ ଖାରଜ କରି ସୁପ୍ରିମକୋର୍ଟ ଲୋକସଭାର ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ଶୀଳ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏହି ଅଭିଯୋଗ ପାଇଁ ଆବଶ୍ୟକୀୟ ଆଇନଗତ ମଞ୍ଜୁରି ନିଆଯାଇ ନଥିଲା। ଉତ୍ତର ପ୍ରଦେଶ ସରକାର ଏବଂ ଅଭିଯୋଗକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ମଧ୍ୟ ମଞ୍ଜୁରି ଅଭାବର ସ୍ପଷ୍ଟ ସୂଚନା ମିଳିବା ପରେ କୋର୍ଟ ନିମ୍ନ ଅଦାଲତର ସମସ୍ତ ନିର୍ଦ୍ଦେଶ ଓ ଅଭିଯୋଗକୁ ପ୍ରତ୍ୟାହାର କରିନେଇଛନ୍ତି। ସୂଚନାଯୋଗ୍ୟ, ଏହି ବିବାଦୀୟ ମାମଲାଟି ୨୦୨୨ ନଭେମ୍ବର ୧୭ ତାରିଖର ଅଟେ। ମହାରାଷ୍ଟ୍ରର ଅକୋଲା ଜିଲ୍ଲାରେ 'ଭାରତ ଯୋଡ଼ ଯାତ୍ରା' ସମୟରେ ଏକ ସମାବେଶକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ ସାବରକରଙ୍କ ସମ୍ପର୍କରେ କେତେକ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ଦ୍ୱାରା ସାବରକରଙ୍କୁ ଯୋଜନାବଦ୍ଧ ଭାବେ ଅପମାନିତ କରାଯାଇଛି ବୋଲି ଅଭିଯୋଗ କରି ଆଇନଜୀବୀ ନୃପେନ୍ଦ୍ର ପାଣ୍ଡେ ଏକ ଅପରାଧିକ ମାମଲା ଦାୟର କରିଥିଲେ। ଏହି ମାମଲାରେ ନିମ୍ନ ଅଦାଲତ ରାହୁଲଙ୍କୁ ହାଜର ହେବା ପାଇଁ ସମନ୍ ଜାରି କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ୨୦୨୫ ଏପ୍ରିଲ୍ ୪ରେ ଲକ୍ଷ୍ନୌ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ ନକରି ସେସନ୍ସ କୋର୍ଟକୁ ଯିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତିକୁ ସୁପ୍ରିମ୍ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶ ପରେ ରାହୁଲଙ୍କ ବିରୋଧରେ ଚାଲିଥିବା ଏକ ପ୍ରମୁଖ ଆଇନଗତ ବିବାଦର ଅନ୍ତ ଘଟିଛି।

## ଭାରତକୁ ପୁଣି ପାକ୍ ପ୍ରଧାନମନ୍ତ୍ରୀଙ୍କ ଧମକ



ଇସଲାମାବାଦ, ୧୪।୮ (ଏଜେନ୍ସି): ୧୯୬୦ ମସିହାର ସିନ୍ଧୁ ନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ଭାରତ ସ୍ଥଗିତ ରଖିବା ନିଷ୍ପତ୍ତିକୁ ନେଇ ପାକିସ୍ତାନ ପୁଣି ଥରେ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରିଛି। ଇସଲାମାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭାରତକୁ ଚେତାବନୀ ଦେଇ କହିଛନ୍ତି ଯେ ପାକିସ୍ତାନର ପ୍ରତ୍ୟେକ ଟୋପା ଜଳ ସେମାନଙ୍କ ପାଇଁ ଜୀବନ ରେଖା ବା 'ଲାଲ୍ ରେଖା' (ରେଡ୍ ଲାଇନ୍) ଏବଂ ଜଳ ଅଧିକାରରେ କୌଣସି ଆଞ୍ଚ ଆସିଲେ ଏହାର ପ୍ରତ୍ୟକ୍ଷ ଜବାବ ଦିଆଯିବ। ଶେହବାଜ ଶରିଫ ନିଜ ଦେଶକୁ ଶାନ୍ତିର ପକ୍ଷଧର ଭାବେ ଦର୍ଶାଇବା ସହ ଏହି ଶାନ୍ତି କାମନାକୁ ଦୁର୍ବଳତା ନ ଭାବିବାକୁ କହିଛନ୍ତି। ଭାରତ ଏକପାଖିଆ ଓ ବେଆଇନ ଭାବେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖି ଶାନ୍ତିର ଶତ୍ରୁ ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ। ଏହି ପାକିସ୍ତାନ ପ୍ରୟୋଜିତ ଆତଙ୍କବାଦୀ ଆକ୍ରମଣର ପ୍ରତିଜବାବରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଚୁକ୍ତି ସ୍ଥଗିତ ହେବା ପରଠାରୁ ଭାରତ ସିନ୍ଧୁ, ଜେଲମ ଓ ଚେନାବ ନଦୀର ଜଳସ୍ତର ସମ୍ପର୍କିତ ତଥ୍ୟ ପାକିସ୍ତାନକୁ ଦେବା ବନ୍ଦ କରିଦେଇଛି। ଏହି ତଥ୍ୟ ବର୍ଷା ସମୟରେ ବନ୍ୟା ସୂଚନା ପାଇଁ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

## ଜାପାନରେ ଗୋଟିଏ ଘଣ୍ଟାରେ ମାସକର ବର୍ଷା

■ ୪ ମୃତ, ବିମାନବନ୍ଦରରେ ୭ ହଜାର ଯାତ୍ରୀ ଫସିଲେ
■ ପ୍ରଥମ ଥର ପାଇଁ ସର୍ବୋଚ୍ଚ ସତର୍କସୂଚନା ଜାରି

ଟୋକିଓ, ୧୪।୮ (ଏଜେନ୍ସି): ଜାପାନ ରାଜଧାନୀ ଟୋକିଓ ନିକଟସ୍ଥ ଚିବା ପ୍ରଦେଶରେ ଗୁରୁବାର ରାତିରେ ମାତ୍ର ଗୋଟିଏ ଘଣ୍ଟାରେ ୧୧୫ ମିଲିମିଟର ବର୍ଷା ହୋଇଛି, ଯାହା ସାଧାରଣତଃ ସମ୍ପୂର୍ଣ୍ଣ ଅଗଷ୍ଟ ମାସରେ ହୋଇଥାଏ। ଏହି ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନାରିତା ବିମାନବନ୍ଦରରେ ୭ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ରାତିସାରା ଫସି ରହିଛନ୍ତି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ସର୍ବୋଚ୍ଚ 'ଲେଭଲ-୫' ବିପଦ ସଙ୍କେତ ଜାରି କରାଯାଇଛି। ବର୍ଷା ଯୋଗୁଁ ୪୫,୦୦୦ରୁ ଅଧିକ ଘରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି ଏବଂ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେନାବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବନ୍ୟା ପାଣିରେ ଗାଡ଼ି ଫସିଯିବା ଓ ରାସ୍ତାରେ ପାଣି ଜମିବା କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି। ଚିବା ପ୍ରଦେଶର ରାଜ୍ୟପାଳ ତୋଷିହିତୋ କୁମାଗାଇ ଏହାକୁ ଐତିହାସିକ ଓ ଅତ୍ୟନ୍ତ ଭୟାନକ ପରିସ୍ଥିତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଜୀବନରେ ସେ କେବେ ଏପରି ବିପର୍ଯ୍ୟୟ ଦେଖିନଥିଲେ। ଗତ ୧୫ ଦିନ ମଧ୍ୟରେ ଜାପାନରେ 'ଡଲଫିନ୍', 'ଚାନ-ହୋମ୍' ଓ 'ପିଲୋ' ନାମକ ତିନୋଟି ବଡ଼ ସାମୁଦ୍ରିକ ଝଡ଼ ଆସିବା ଫଳରେ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିଛି। ଶୁକ୍ରବାର ବର୍ଷାର ପରିମାଣ କମିଥିଲେ ହେଁ ବନ୍ୟା ଓ ଭୂସ୍ଖଳନର ବିପଦ ଏବେ ବି ଟଳିନାହିଁ। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ଅନୁରୋଧ କରାଯାଇଛି।

**● ଫୁକେଟ୍-ଦିଲ୍ଲୀ ବିମାନ ଦୁର୍ଘଟଣା**

## ହାଇଡ୍ରୋଲିକ୍ ସିଷ୍ଟମ୍ ଫେଲ୍ ହେବାରୁ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ ପାଇଲଟ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ଗତ ଅଗଷ୍ଟ ୪ ତାରିଖରେ ଆକାଶମାର୍ଗରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହି ଘଟଣାରେ ଏୟାରବସ୍‌ର ପ୍ରାରମ୍ଭିକ ତଦନ୍ତରୁ ପ୍ରକାଶ ଯେ, ବିମାନର ତିନୋଟିଯାକ ହାଇଡ୍ରୋଲିକ୍ ସିଷ୍ଟମ୍ ଏକାସଙ୍ଗରେ ଅଚଳ ହୋଇଯିବାରୁ ପାଇଲଟ୍ ପ୍ରାୟ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ। ଏହି ଦୁର୍ଘଟଣାରେ ୨୪ ଜଣ ଯାତ୍ରୀ ଓ ବିମାନ କର୍ମଚାରୀ ଆହତ ହୋଇଥିଲେ। ହାଇଡ୍ରୋଲିକ୍ ସିଷ୍ଟମ୍ ବନ୍ଦ ହେବା ସହ ଅଟୋପାଇଲଟ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା, ଯାହାଫଳରେ ପାଇଲଟ୍‌ଙ୍କ ନିୟନ୍ତ୍ରଣ କାମ କରିନଥିଲା। ତେବେ କିଛି ସେକେଣ୍ଡ ପରେ ସିଷ୍ଟମ୍ ପୁଣି ସକ୍ରିୟ ହେବାରୁ ପାଇଲଟ୍ ବିମାନକୁ ନିୟନ୍ତ୍ରଣକୁ ଆଣି ଦିଲ୍ଲୀରେ ସୁରକ୍ଷିତ ଅବତରଣ କରାଇଥିଲେ। ଅନ୍ୟପଟେ ତଦନ୍ତରୁ ଜଣାପଡ଼ିଛି ଯେ, ବିମାନର ଜଣେ ପାଇଲଟ୍ ଗଞ୍ଜେଇ ସେବନ କରିଥିଲେ। ଏହି ଘଟଣା ପରେ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ନିଜର ସମସ୍ତ ୫, ୦୦୦ରୁ ଊର୍ଦ୍ଧ୍ୱ ପାଇଲଟ୍‌ଙ୍କ ପାଇଁ ନିୟମିତ ନିଶାଦ୍ରବ୍ୟ ଯାଞ୍ଚ ବାଧ୍ୟତାମୂଳକ କରିଛନ୍ତି।

### ନାଲ୍‌ସାର୍ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ବାର୍ କାଉନସିଲକୁ ସମାଲୋଚନା କଲେ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ହାଇଦରାବାଦ ସ୍ଥିତ ନାଲସାର୍ ଆଇନ୍ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଓକିଲାତି ପଞ୍ଜୀକରଣ ଉପରେ କଟକଣା ଲଗାଯାଇଛି। ଏନେଇ ଭାରତୀୟ ବାର୍ କାଉନ୍ସିଲକୁ (ଆଇବିସି) କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ। ବାର୍ କାଉନସିଲର ଏହି ଆଦେଶକୁ 'ସମ୍ପୂର୍ଣ୍ଣ ଅନାବଶ୍ୟକ' ବୋଲି ଦର୍ଶାଇ, ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ କୌଣସି ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯିବା ନିଷ୍ପତ୍ତିକୁ ପ୍ରାୟ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ବିରୋଧ କରିଥିଲେ। ଏହି ପ୍ରତିବାଦ ପରେ ଭାରତୀୟ ବାର୍ କାଉନ୍ସିଲ୍‌ର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ନେତୃତ୍ୱରେ କାଉନ୍ସିଲ ସମସ୍ତ ରାଜ୍ୟ ବାର୍ କାଉନ୍ସିଲ୍‌ଗୁଡ଼ିକୁ ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସ୍ନାତକମାନଙ୍କୁ ଆଇନଜୀବୀ ଭାବେ ପଞ୍ଜୀକରଣ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବାର୍ କାଉନ୍ସିଲ କିଛି ଘଣ୍ଟା ମଧ୍ୟରେ ନିଜ ନିଷ୍ପତ୍ତି ବଦଳାଇ ଏହି ଆଦେଶକୁ ପ୍ରତ୍ୟାହାର କରିନେଇଥିଲା। ଏହି ପ୍ରସଙ୍ଗକୁ ନେଇ ଦାୟର ହୋଇଥିବା ଜରୁରୀ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବାର୍ କାଉନ୍ସିଲର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟ ବିଚାରପତି ମୌଖିକ ଭାବେ କହିଛନ୍ତି ଯେ, 'ଛାତ୍ରଛାତ୍ରୀଙ୍କର ପ୍ରତିବାଦ କରିବାର ଅଧିକାର ରହିଛି। ଏହା ମୋ ଏବଂ ଛାତ୍ରମାନଙ୍କ ମଧ୍ୟରେ ଏକ ଆଲୋଚନା। ଏଥିରେ ବାର୍ କାଉନ୍ସିଲର ଭୂମିକା କ'ଣ ସେମାନେ ଅନାବଶ୍ୟକ ଭାବେ ହସ୍ତକ୍ଷେପ କରୁଛନ୍ତି।'

### 'କକ୍ରୋଚ୍' ମନ୍ତବ୍ୟକୁ ନେଇ ସ୍ୱଷ୍ଟୀକରଣ

ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ଦେଇଥିବା ମୌଖିକ ମନ୍ତବ୍ୟକୁ ବିକୃତ କରି ସୋସିଆଲ ମିଡିଆରେ ଭୁଲ୍ ଭାବେ ପ୍ରସାରିତ କରାଯାଇଛି ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ କହିଛନ୍ତି। ଦେଶର ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରିବା ପାଇଁ ଏକ ମନ୍ଦ ଉଦ୍ଦେଶ୍ୟ ରଖି ଏହି ମନ୍ତବ୍ୟକୁ ଅପବ୍ୟବହାର କରାଯାଇଥିବା ସେ ପ୍ରକାଶ କରିଛନ୍ତି। 'ଡିଡି ନିଉଜ୍'କୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରଧାନ ବିଚାରପତି କହିଛନ୍ତି ଯେ କୋର୍ଟ କାର୍ଯ୍ୟାନୁଷ୍ଠାନର ଛୋଟ ଛୋଟ ଭିଡିଓ କ୍ଲିପ୍‌କୁ ବିନା ସମ୍ପୂର୍ଣ୍ଣ ପ୍ରସଙ୍ଗରେ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ସୂଚନାଯୋଗ୍ୟ, ଗତ ମେ ୧୫ରେ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜାଲ୍ ଡିଗ୍ରୀ ହାସଲ କରି ସୋସିଆଲ ମିଡିଆ ଓ ଆରଟିଆଇ ଆକ୍ଟିଭିଷ୍ଟ ସାଜିଥିବା କିଛି ବ୍ୟକ୍ତିଙ୍କୁ 'କକ୍ରୋଚ' ବା ଅସରପା ସହ ତୁଳନା କରିଥିଲେ।

## ୧୩, ୦୦୦ କୋଟିର ଡ୍ରଗ୍ସ କାରବାର: ବୀରେନ୍ଦ୍ର ବସୋୟା ଦୁବାଇରୁ ପ୍ରତ୍ୟାର୍ପିତ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ୧୩,୦୦୦ କୋଟି ଟଙ୍କାର ବୃହତ୍ ଡ୍ରଗ୍ସ କାରବାରର ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ସିଂହ ବସୋୟାଙ୍କୁ ଦୁବାଇରୁ ଭାରତ ଆଣିବାରେ ସଫଳ ହୋଇଛି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)। ଅନ୍ତର୍ଜାତୀୟ ପୁଲିସ ସଂସ୍ଥାର ରେଡ୍ ନୋଟିସ୍ ଆଧାରରେ ତାଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସରେ ଗିରଫ କରାଯାଇଥିଲା। ବସୋୟା ୨୦୨୩ରୁ ଦେଶଛାଡ଼ି ଫେରାର୍ ଥିଲେ ଏବଂ ବିଦେଶରେ ରହି ଏହି ଅନ୍ତର୍ଜାତୀୟ ଡ୍ରଗ୍ସ ଗ୍ୟାଙ୍ଗର ପରିଚାଳନା କରୁଥିଲେ। ୨୦୨୪ରେ ଦିଲ୍ଲୀ, ପଞ୍ଜାବ ଓ ଗୁଜରାଟର ଅଙ୍କଲେଶ୍ୱର ସ୍ଥିତ ଔଷଧ କାରଖାନାରୁ ବିପୁଳ ପରିମାଣର କୋକେନ୍, ମେଫେଡ୍ରୋନ୍ ଓ ଗଞ୍ଜେଇ ଜବତ କରାଯାଇଥିଲା। ସମୁଦାୟ ୧,୨୮୯ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବିପୁଳ ନିଶାଦ୍ରବ୍ୟ ଜବତ ହେବା ସହ ଏହି ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଥିଲା। ବିଦେଶରୁ ସମୁଦ୍ର ଓ ବିମାନ ପଥରେ ଆସୁଥିବା ଏହି ନିଶାଦ୍ରବ୍ୟକୁ ଔଷଧ ଓ ଖାଦ୍ୟ ସାମଗ୍ରୀର ପ୍ୟାକେଟ୍‌ରେ ଲୁଚାଇ ବିଭିନ୍ନ ସହରକୁ ପଠାଯାଉଥିଲା। ଏହି ବେଆଇନ କାରବାରରେ ବସୋୟାଙ୍କ ପୁଅ ଓ ଭାଇ ମଧ୍ୟ ସାମିଲ ଥିବା ଜଣାପଡ଼ିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ସଫଳତାକୁ ନିଶାଦ୍ରବ୍ୟ ବିରୋଧରେ ଜାତୀୟ ନୀତିର ଏକ ବଡ଼ ବିଜୟ ବୋଲି କହିଛନ୍ତି। ବିଦେଶରେ ଲୁଚି ରହିଥିବା ଅପରାଧୀମାନଙ୍କୁ ଆଇନର ପରିସରଭୁକ୍ତ କରିବା ପାଇଁ ଭାରତୀୟ ସଂସ୍ଥାଗୁଡ଼ିକର ଏହା ଏକ ପ୍ରଶଂସନୀୟ ପଦକ୍ଷେପ।

## ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ

# ଚାରି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି



- ଚାଷୀ ପଞ୍ଜୀକରଣ, ଏସ୍ଆଇଆର୍‌କୁ ନେଇ ଉଦ୍‌ବେଗ
- ବହି ତ୍ରୁଟି, ଏମ୍ଏମ୍‌ଡ଼ିଆର୍ ସଂଶୋଧନ ଚିନ୍ତାଜନକ
- ରାଜ୍ୟର ବିଜେପି ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର, ୧୪।୮ (ସମିସ): ସାମ୍ପ୍ରତିକ ସମୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି। ନବୀନ ନିବାସରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ହାନି ସମୟରେ ବିଜେଡି ନିରବ ରହିପାରିବ ନାହିଁ ଏବଂ ଏହି ପ୍ରସଙ୍ଗରେ ସାରା ରାଜ୍ୟରେ ଜନ ଆନ୍ଦୋଳନ ସୃଷ୍ଟି କରିବାକୁ ନବୀନ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ ନିକଟରେ ସଂସଦରେ ପାରିତ ହୋଇଥିବା ସଂଶୋଧିତ ଏମ୍ଏମ୍‌ଡିଆର୍ ଆକ୍ଟ ଦ୍ୱାରା ଓଡ଼ିଶା ବର୍ଷକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହରାଇବା ଆଶଙ୍କା ରହିଛି। ଏହା ସହ ରାଜ୍ୟର ଆର୍ଥିକ ସାର୍ବଭୌମତ୍ୱ ଉପରେ କେନ୍ଦ୍ର ସରକାର ଅଙ୍କୁଶ ଲଗାଇଛନ୍ତି। ରାଜ୍ୟ ସ୍ୱାର୍ଥ ବିରୋଧୀ ନୀତି ପ୍ରସ୍ତୁତ ବେଳେ ରାଜ୍ୟରୁ ନିର୍ବାଚିତ ୨୦ ବିଜେପି ସାଂସଦ କେବଳ ନିରବ ରହିନାହାନ୍ତି, ସଂସଦରେ ଏହାକୁ ସମର୍ଥନ କରିଛନ୍ତି । ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ବୈଠକରେ ଆଲୋଚନା ହୋଇଛି । ଅନୁରୂପ ଭାବରେ ସ୍କୁଲ ପିଲାଙ୍କ ପଢ଼ା ବହିରେ ହଜାର ହଜାର ତ୍ରୁଟିବିଚ୍ୟୁତି ରାଜ୍ୟର ଭବିଷ୍ୟତକୁ ଶେଷ କରିବାକୁ ଉଦ୍ୟମ ବୋଲି ମନେ କରାଯାଉଛି। ସେହିପରି ଚାଷୀ ପଞ୍ଜୀକରଣରେ ସୃଷ୍ଟି ହୋଇଥିବା ସମସ୍ୟା ରାଜ୍ୟର କୋଟିକୋଟି ଅନ୍ନଦାତାଙ୍କ ପେଟରେ ଲାତ ପରି ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଚାଷୀ ସମସ୍ୟା ଓ ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ସରକାରଙ୍କ ବିରୋଧରେ ଆନ୍ଦୋଳନ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସରକାର ସମ୍ଭବତଃ ଏବେ ରାଜ୍ୟରେ ଅଧିକ ପରିମାଣ ଚାଷ ଓ ଧାନ ଉତ୍ପାଦନ ଚାହୁଁ ନାହାନ୍ତି; ତେଣୁ ଚାଷୀ ପଞ୍ଜୀକରଣରେ ଯାବତୀୟ ବିଭ୍ରାଟ ସୃଷ୍ଟି କରାଯାଉଛି ବୋଲି ଦଳର ନେତାମାନେ ବୈଠକରେ କ୍ଷୋଭ ପ୍ରକାଶ କରିଛନ୍ତି।

ପିଏସି ବୈଠକ ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ସରକାର ଏବେ ଚାଷୀଙ୍କଠାରୁ ଅଧିକ ଧାନ କିଣିବାକୁ ଚାହୁଁ ନାହାନ୍ତି। ଏଥିପାଇଁ ବିଭିନ୍ନ ଫନ୍ଦି କରାଯାଉଛି। ଚାଷୀଙ୍କୁ ଯେପରି ପୂର୍ବଭଳି ପଞ୍ଜିକରଣ ସୁବିଧା ମିଳୁଥିଲା ଏବେ ସମାନ ବ୍ୟବସ୍ଥା ଲାଗୁ କରିବା ଉପରେ ସରକାରଙ୍କ ଉପରେ ଚାପ ପକାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ପୂର୍ବରୁ ନବୀନ ସରକାର ଏସ୍ଏଚ୍‌ଜିମାନଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରିଥିବା ବେଳେ ଏବେ ନୂତନ ସରକାର ସେମାନଙ୍କୁ ଏଥିରୁ ବାଦ୍ ଦେଇଛନ୍ତି। ମହିଳାମାନଙ୍କ ବିରୋଧୀ ବିଜେପି ସରକାର ବିରୋଧରେ ବିଜେଡି ତୀବ୍ର ବିରୋଧ କରିବ ବୋଲି ସେ କହିଛନ୍ତି।

ସେହିପରି ପିଏସି ସଦସ୍ୟ ତଥା ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେଏମ୍ଏମ୍‌ଡିଆର୍ ଆକ୍ଟ ସଂଶୋଧନ ଦ୍ୱାରା ଓଡ଼ିଶା ବର୍ଷକୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର କ୍ଷତି ସହିବ। ଏହି ପ୍ରସଙ୍ଗରେ ବିଜେପିର ୨୦ ଜଣ ସାଂସଦ ସଂସଦରେ ନିରବ ରହିବା ଅତ୍ୟନ୍ତ କ୍ଷୋଭର ବିଷୟ। ବିଜେଡି ଏହି ବିଲ୍‌କୁ ବିରୋଧ କରିଛି ଓ ସଂସଦରେ ଦୃଢ଼ ପ୍ରତିବାଦ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜନେସ୍ ଆଡ୍‌ଭାଇଜରୀ କମିଟିରେ ମଧ୍ୟ ସେ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ କରିଥିବା ଦାବିରେ ସରକାର ସହମତ ହୋଇଥିଲେ ହେଁ ସଂସଦରେ ଏହାକୁ ବଳପୂର୍ବକ ଧ୍ୱନିମତରେ ପାସ୍ କରାଇ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବ ଓ ଏହା ବିରୋଧରେ ଜୋରଦାର ଲଢ଼େଇ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି। ବୈଠକରେ ସାଂସଦ ଡଃ ସଂତ୍ରୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ସଞ୍ଜୟଦାସ ବର୍ମା, ଟୁକୁନୀ ସାହୁ, ବିକ୍ରମ କେଶରୀ ଆରୁଖ୍, ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ମାଇନିଂ ଅଧିକାରୀଙ୍କୁ ଅଟକ ଘଟଣା

# କପ୍ତିପଦା ଉପଜିଲ୍ଲାପାଳ ନିଲମ୍ବିତ



- ପ୍ରଣୟ ରଞ୍ଜନ ବେହେରା ନୂଆ ଉପଜିଲ୍ଲାପାଳ
- କାଲି କରିବେ ପତାକା ଉତ୍ତୋଳନ

ବାରିପଦା, ୧୪।୮ (ସମିସ): ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ମାଫିଆ ପରିବର୍ତ୍ତେ ଖଣି ବିଭାଗର ଅଧିକାରୀଙ୍କୁ ଅଟକ ରଖାଇବା ଘଟଣାରେ ଶୁକ୍ରବାର କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ନିଲମ୍ବିତ ହୋଇଛନ୍ତି। ତାଙ୍କ ସ୍ଥାନରେ ବାରିପଦା ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରାଙ୍କ କପ୍ତିପଦା ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସ୍ୱାଧୀନତା ଦିବସରେ ଉପଖଣ୍ଡ ସ୍ତରୀୟ ପତକା ଉତ୍ତୋଳନ କାର୍ଯ୍ୟ ସମ୍ଭାଳିବେ ବୋଲି ଜଣା ପଡିଛି ।

ସାଧାରଣ ପ୍ରଶାସନ ଓ ଲୋକଅଭିଯୋଗ ବିଭାଗ ପକ୍ଷରୁ ଜାରି ଅଧିସୂଚନା ଅନୁଯାୟୀ, ଓଏଏସ୍ ଗ୍ରେଡ୍-ଏ (ଏସ୍ସି) ଅଧିକାରୀ ପ୍ରଣୟ ରଞ୍ଜନ ବେହେରା କପ୍ତିପଦା(ଉଦଳା) ଉପଜିଲ୍ଲାପାଳ ସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାରିପଦା ଆଇଟିଡିଏର ପିଏ ପଦର ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଶେଷ ସଚିବ ଘସିରାମ ମୁର୍ମୁଙ୍କ ଦ୍ୱାରା ଏହି ଅଧିସୂଚନା ଜାରି କରାଯାଇଛି। ସୂଚନା ଥାଉକି, ଗତ ଜୁଲାଇ ୧୭ରେ ଚୁଳିଆପୋଷି ଅଞ୍ଚଳରୁ ବେଆଇନ ବାଲି ଟ୍ରାକ୍ଟର ଜବତ କରିବା ପରେ, ବିନା ପୂର୍ବ ଅନୁମତିରେ ଚଢ଼ାଉ କରାଯାଇଥିବା ଦର୍ଶାଇ ଉପଜିଲ୍ଲାପାଳ ଶ୍ରୀ ବାରିକ ଜିଲ୍ଲା ଖଣି ଅଧିକାରୀ ଓ ଦୁଇ ଜଣ ଜୁନିଅର ଅଫିସରଙ୍କୁ ଥାନାରେ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଜ କର୍ତ୍ତବ୍ୟ କରୁଥିବା ସରକାରୀ ଅଧିକାରୀଙ୍କ ପ୍ରତି ଏପରି ସ୍ୱେଚ୍ଛାଚାରୀ ଆଚରଣକୁ ବିଭାଗ ଗମ୍ଭୀର ଶୃଙ୍ଖଳାଗତ ବିଚ୍ୟୁତି ବୋଲି ଦର୍ଶାଇଥିଲା। ତାଙ୍କ ବିରୋଧରେ ଖଣିବିଭାଗ ଅଭିଯୋଗ କ୍ରମେ ତଦନ୍ତ କରି ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ଗତ ଜୁଲାଇ ୨୩ତାରିଖରେ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଆରଡିସି (କେନ୍ଦ୍ରାଞ୍ଚଳ, କଟକ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତିନି ସପ୍ତାହ ବିତିବାକୁ ଯାଇଥିଲେ ସୁଦ୍ଧା ତଦନ୍ତ ଆଗେଇ ନପାରି ଦିଗହରା ରହିଥିଲା। ଘଟଣାର ୩ସପ୍ତାହ ପରେ ନନ୍ଦିଘୋଷ ଓ ସକାଳରେ ଏନେଇ ଖବର ପ୍ରସାର ଓ ପ୍ରକାଶ ପାଇଥିଲା । ତେବେ ଶେଷରେ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ବିବାଦୀୟ ଉପଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

# ସାଇବର ସୁରକ୍ଷା ନେଇ ପୁଲିସର ରାଜ୍ୟବ୍ୟାପୀ ସଚେତନତା

କଟକ,୧୪।୮ (ସମିସ): ସାଇବର ଅପରାଧର ମୁକାବିଲା କରିବା ସହ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସୁରକ୍ଷିତ, ସଚେତନ ଓ ଦାୟିତ୍ୱବାନ ଡିଜିଟାଲ୍ ନାଗରିକ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଆଜି ଏକ ବୃହତ୍ ରାଜ୍ୟବ୍ୟାପୀ ସାଇବର ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦିନ ୧୨ଟାରୁ ଆରମ୍ଭ ହୋଇଥିବା ଏହି ବ୍ୟାପକ ଅଭିଯାନରେ ରାଜ୍ୟର ୩୫ଟି ପୁଲିସ ଜିଲ୍ଲା ଅନ୍ତର୍ଗତ ୨୦,୦୦୦ରୁ ଅଧିକ ବିଦ୍ୟାଳୟ ଏବଂ ୨,୦୦୦ରୁ ଅଧିକ ମହାବିଦ୍ୟାଳୟ ଲାଇଭ୍ ୱେବକାଷ୍ଟ ଓ ଭିଡିଓ କନଫରେନ୍ସି ମାଧ୍ୟମରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ୪୦ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ପୁଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ନେଇ ସଚେତନ ଓ ସତର୍କ ରହିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର-ସୁରକ୍ଷିତ ଓଡ଼ିଶା ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ନିଜ ପରିବାର, ବନ୍ଧୁବର୍ଗ ଓ ସମାଜରେ ସାଇବର ସଚେତନତାର ଦୂତ ହେବାକୁ ଆହ୍ୱାନ ଦେଇଥିଲେ।

# ପୋଖରୀରୁ ମାଈ ହାତୀର ମୃତଦେହ ଉଦ୍ଧାର



ଜଗନ୍ନାଥପୁର,୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଜଗନ୍ନାଥପୁର ପଞ୍ଚାୟତ ଜଗନ୍ନାଥପୁର ଗାଁ ବଡ଼ଘାଇ ପୋଖରୀରୁ ଶୁକ୍ରବାର ଏକ ମାଈ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଅପରାହ୍ନ ପ୍ରାୟ ୩ଟାରେ ସ୍ଥାନୀୟ ଲୋକେ ପୋଖରୀରେ ମୃତ ହାତୀ ଭାସୁଥିବା ଦେଖିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ମୃତ୍ୟୁ କିପରି ହେଲା, ତାହାର କାରଣ ସ୍ପଷ୍ଟ ହୋଇନାହିଁ। ବନ ବିଭାଗ ପକ୍ଷରୁ ଏ ନେଇ ତଦନ୍ତ କରାଯାଉଛି। ହାତୀଟି କେଉଁଠାରୁ ଆସିଥିଲା ଏବଂ କେତେ ସମୟ ଧରି ପୋଖରୀ ନିକଟରେ ଥିଲା, ସେ ନେଇ ମଧ୍ୟ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ତଦନ୍ତ ଓ ଆବଶ୍ୟକ ପରୀକ୍ଷା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।




# ଓଡ଼ିଶାରୁ ୧୭ ଜଣ ପାଇବେ ପୁଲିସ ପଦକ

ଭୁବନେଶ୍ୱର,୧୪।୮ (ସମିସ): ସାହସିକତା, ଉଲ୍ଲେଖନୀୟ ଓ ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ବିଭାଗର ୧୭ ଜଣଙ୍କୁ ପୁଲିସ ପଦକ ପ୍ରଦାନ କରାଯିବ। ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଭିନ୍ନ କେନ୍ଦ୍ରୀୟ ଫୋର୍ସ ଲାଗି ପୁଲିସ ପଦକ ଘୋଷଣା କରାଯାଇଛି। ସେହିପରି ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା, କାରାଗାର ସଂସ୍କାର ସେବା ବର୍ଗରେ ମଧ୍ୟ ପଦକ ତାଲିକା ଘୋଷଣା କରାଯାଇଛି। ଓଡ଼ିଶା ପୁଲିସ ସେବାର ୧୭ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ସାହସିକତା ପାଇଁ "ପୁଲିସ ପଦକ', ଉଲ୍ଲେଖନୀୟ ସେବା ପାଇଁ ୨ ଜଣଙ୍କୁ 'ରାଷ୍ଟ୍ରପତି ପୁଲିସ ପଦକ' ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୧୦ ଜଣଙ୍କୁ "ପୁଲିସ ପଦକ'ରେ ସମ୍ମାନିତ କରାଯିବ।

ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପାଇବାକୁ ଆଇପିଏସ ଅଫିସର ସଞ୍ଜୀବ ପଣ୍ଡା ଓ ଡିଏସପି ସ୍ମିତାରାଣୀ ମହାନ୍ତି ମନୋନୀତ ହୋଇଛନ୍ତି। ସାହସିକତା ପୁଲିସ ପଦକ ପାଇଁ ସବ୍ ଇନ୍ସପେକ୍ଟର ମନ୍ମଥ କୁମାର ମହାପାତ୍ର, ହାବିଲଦାର ନିରାକାର ଭୁଏ, କମାଣ୍ଡୋ ସନ୍ତୋଷ ଗୁରୁଙ୍ଗ, ସୁମନ ପୁନ, ସୁରେଶ ଚନ୍ଦ୍ର ପୁତା ମନୋନୀତ ହୋଇଛନ୍ତି। ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ରାଜ୍ୟରୁ ପୁଲିସ ପଦକ ପାଇବାକୁ ମନୋନୀତ ୧୦ଜଣ ହେଲେ ଡିଏସପି ମନୋରଞ୍ଜନ ପାଇକରାୟ, ସୁରେଶ କୁମାର ବଳ, ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ଡେପୁଟି କମାଣ୍ଡାଣ୍ଟ ଭବେଶ କୁମାର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପରେଶ କୁମାର ମିନତୀ ନନ୍ଦନ ପତି, କନଷ୍ଟେବଳ ଶ୍ୟାମଳି ବିଶ୍ୱାସ, ସବ୍ ଇନ୍ସପେକ୍ଟର ବରୁଣ କୁମାର ନାୟକ, ହାବିଲଦାର ସୁବାଷ ଚନ୍ଦ୍ର ତ୍ରିନାଥ ଗୌଡ, କନଷ୍ଟେବଳ ମୁସ୍ତାକ ଅଲ୍ଲି ଖାନ୍, ଦାବିଲଦାର ପ୍ରଶାନ୍ତ କୁମାର ବିଶ୍ୱାଳ। ରାଜ୍ୟରେ ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ସଂସ୍କାର ସେବା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଅଗ୍ନିଶମ ବର୍ଗରେ ଉଲ୍ଲେଖନୀୟ ସେବା ପାଇଁ ଜଣଙ୍କୁ ରାଷ୍ଟ୍ରପତି ପଦକ ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଡ୍ରାଇଭର ହାବିଲଦାର ନୁଏଲ କେରକେଟା, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଅମିତାଭ ରାଜଙ୍କୁ ପୁଲିସ ପଦକ ମିଳିବ। ସେହିପରି ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ହାମଗାର୍ଡ ଅଭିରାମ ସେଠୀଙ୍କୁ ପଦକ ମିଳିବ। ସେହିପରି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ କାରାଗାର ସଂସ୍କାର ସେବା ବର୍ଗରେ ଚିଫ୍ ୱାର୍ଡର ପ୍ରମୋଦ କୁମାର ସ୍ୱାଇଁ ଏବଂ ୱାର୍ଡର ବିଶ୍ୱନାଥ ପଣ୍ଡାଙ୍କୁ ପଦକ ମିଳିବ।



## ହାତୀ ଉପଦ୍ରବରେ ତାତିଲେ ଲୋକେ

# କ୍ଷତିପୂରଣ ଦାବିରେ ରାସ୍ତାକୁ ଓହ୍ଲାଇଲେ





ତୁରୁମୁଙ୍ଗା, ୧୪।୮ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ହାତୀ ଉପଦ୍ରବ ଦ୍ୱାରା ଧନଜୀବନ ହାନି ରୀତିମତ ବଢ଼ିବାରେ ଲାଗିଛି। ଏଥିରେ ଅତିଷ୍ଠ ହୋଇ ରାସ୍ତାକୁ ଓହ୍ଲାଇଛନ୍ତି ଗ୍ରାମବାସୀ। ହାତୀପଲଙ୍କୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ କରି ଶୁକ୍ରବାର ମଙ୍ଗଳପୁର ପାଟନାଳି ଏରଣ୍ଡେଇ ଗ୍ରାମର ଶତାଧିକ ମହିଳା ରାଜାରାସ୍ତାକୁ ଓହ୍ଲାଇଥିଲେ। ପାଟଣା-ଢେଙ୍କିକୋଟ ୨୨୦ ନମ୍ବର ଜାତୀୟ ରାଜପଥକୁ ମଙ୍ଗଳପୁର ନିକଟରେ ଅବରୋଧ କରିଥିଲେ। ସକାଳ ୧୦ଟାରୁ ରାସ୍ତାରୋକ କରିଥିଲେ। ଖବର ପାଇ ଏସିଏଫ ସୁଦୀପ୍ତ ପଣ୍ଡା ପାଟଣା ବନପାଳ ନିରଞ୍ଜନ ସେଠୀ ବୁଝାସୁଝା କରିବା ସହ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ସହ ଟର୍ଚ୍ଚ ଲାଇଟ ଯୋଗାଇ ଦେବା ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନ ଗୋଟାଏ ପରେ ଉତ୍ୟକ୍ତ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ। ଏସିଏଫ କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିଥିଲେ। ବଡ଼ପାଟଣା ସରପଞ୍ଚ ବିନତି ବାନାରା, ୱାର୍ଡସଭ୍ୟ ସେଠୀ ସାମିଲ ହୋଇ ଲୋକଙ୍କ ସମସ୍ୟା ବିଭାଗୀୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ଏସ୍‌ଆଇ ଲକ୍ଷ୍ମଣ ମାଝୀଙ୍କ ସହ ପାଟଣା ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ହାତୀ ପଶିଲା, ଭାଙ୍ଗିଲା



ଆନନ୍ଦପୁର, ୧୪।୮ (ସମିସ): ଗୁରୁବାର ବିଳମ୍ବିତ ରାତିରେ ଆନନ୍ଦପୁର ସହର ଭିତରେ ବଣୁଆ ହାତୀପଶି ଆସିବା ଯୋଗୁଁ ଭୟର ବାତାବରଣ ଖେଳିଯାଇଛି। ଘର ଭିତରେ ପଶି ନଷ୍ଟ କରିବା ସହିତ ଘର ଆଗରେ ଥିବା କାରକୁ ଭାଙ୍ଗିରୁଜି ଦେଇଛି। ଘରେ ଶୋଇଥିବା ସ୍ୱାମୀ-ସ୍ତ୍ରୀ ଓ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଆନନ୍ଦପୁର ସହର ଭିତରକୁ ଗୋଟିଏ ବଣୁଆ ହାତୀ ପଶିଆସି କଚେରି ଛକ ଦେଇ ତିନି ନମ୍ବର ୱାର୍ଡର ବାଉତି ସାହିରେ ପ୍ରକାଶ ଦଳେଇଙ୍କ ଗୋଟିଏ କାର



ଭାଙ୍ଗିବା ପରେ ବସନ୍ତ ନାଥଙ୍କ ଚାଳ ଘରକୁ ଭାଙ୍ଗିଥିଲା। ସୌଭାଗ୍ୟବଶତଃ ଘରେ ଶୋଇଥିବା ବସନ୍ତ ଓ ତାଙ୍କ ପତ୍ନୀ ଓ ପୁଅ ବାହାରି ଯିବାରୁ ହାତୀ କବଳରୁ ବର୍ତ୍ତି ଯାଇଛନ୍ତି। ପରେ ପରେ ହାତୀଟି ଭରା ବୈତରଣୀ ନଦୀ ପାରି ହୋଇ କୁମୁଣିଆ ଗାଁ ନିକଟରେ ରହିଥିବା ଜଣାପଡିଛି। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ ପଣ୍ଡା ରେଞ୍ଜର ନବକୁମାର ନାୟକ ଓ କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ତୁରୁମୁଙ୍ଗା, ୧୪।୮ (ସମିସ): ପୁଣି ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଚିନାମାଳିପଶି ଗ୍ରାମର ଜୟରାମ ମହାନ୍ତ। ଜୟରାମ ସକାଳୁ ବିଲକୁ ସାର ପକାଇବା ପାଇଁ ଯାଉଥିବା ସମୟରେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

# ଅବ୍ୟବସ୍ଥା ମଧ୍ୟରେ ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ



ଚମ୍ପୁଆ, ୧୪।୮ (ସମିସ): ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସହଜ ଓ ସରଳ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ଏହାସତ୍ତ୍ୱେ ଚମ୍ପୁଆ ଲ୍ୟାମ୍ପସରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଷ୍ଟାଫ୍ ଓ ଅଫିସ ଗୃହ ସହିତ ସେଡ ଅଭାବରୁ ଚାଷୀମାନେ ବର୍ଷା ଓ ଖରାରେ ଘଣ୍ଟା ଘଣ୍ଟା ପଞ୍ଜୀକରଣ ପାଇଁ ଠିଆ ହୋଇ ରହୁଛନ୍ତି। ସୂଚନା ଅନୁସାରେ ଅଗଷ୍ଟ ୬ ତାରିଖରୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିଥିବା ବେଳେ ଚମ୍ପୁଆ ଲ୍ୟାମ୍ପସରେ ଚମ୍ପୁଆ ସମେତ, କଣ୍ଡରା ଓ କରଞ୍ଜିଆ ଲ୍ୟାମ୍ପ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର ଚାଷୀମାନଙ୍କୁ ଏକତ୍ରିତ କରି ଏଠାରେ ପଞ୍ଜୀକରଣ ଫର୍ମ ଦିଆଯାଉଛି। ଫଳରେ ପ୍ରବଳ ଭିଡ଼ ସହ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସଂପୃକ୍ତ ଚାଷୀମାନେ ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସ୍ ବୁକ୍, ଜମି ରେକର୍ଡ ଓ ଏବଂ ଆବଶ୍ୟକ ସ୍ଥଳେ ଜମି ମାଲିକଙ୍କ ସମ୍ମତିପତ୍ର ଦାଖଲ କରୁଛନ୍ତି। ଚାଷୀମାନଙ୍କ ସମ୍ମୁଖରେ ସୋସାଇଟୀ ସ୍କାନରରେ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏହି ପଞ୍ଜିକରଣ ପ୍ରକ୍ରିୟାରେ ଯୋଗାଣ ଓ ଖାଉଟି ବିଭାଗ, ସମବାୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ କରାଯାଉଛି। ଚମ୍ପୁଆ ଏଆରସିଏସ୍ ମଙ୍ଗଳ ସୋରେନଙ୍କ ସୂଚନା ଅନୁସାରେ ଚାଷିମାନଙ୍କ ପଞ୍ଜୀକରଣକୁ ଅଗ୍ରାଧିକାର ଦିଆଯାଉଛି। ସୀମିତ କର୍ମଚାରି ଦ୍ୱାରା କାର୍ଯ୍ୟ କରାଯାଉଛି। ଆଜି ପର୍ଯ୍ୟନ୍ତ ୩୬୮ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି।

# ସାର ଅଭାବ ଓ ପ୍ରଧାନମନ୍ତ୍ରୀ ଆବାସ ଅନିୟମିତତା

**କଂଗ୍ରେସର ଆନ୍ଦୋଳନ ଚେତାବନୀ**

ଆନନ୍ଦପୁର, ୧୪।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଆନନ୍ଦପୁରରେ ଚାଷୀକୁଳ ହତାଶ ହୋଇ ପଡିଛନ୍ତି। ଏଭଳି ସମୟରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସମବାୟ ସମିତିରେ ସାରର କୃତ୍ରିମ ଅଭାବ ପରିଲକ୍ଷିତ ହୋଇଛି। ୧୭ ଶହ ଟଙ୍କା ସାର ବସ୍ତାକୁ ଚାଷୀ ବଜାରରେ ୨୭ ଶହ ଟଙ୍କାରେ ବାଧ ହୋଇ କିଣୁଛି। ସରକାରଙ୍କ ଅବ୍ୟବସ୍ଥା ଓ ଅପାରଗତା ଯୋଗୁଁ ସାରର କୃତ୍ରିମ ସଙ୍କଟ ସୃଷ୍ଟି ହୋଇଥିବା ନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅଭିଯୋଗ କରିଛନ୍ତି। ବନ୍ୟା ପ୍ରଭାବିତ ଚାଷୀଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ସାର ପ୍ରଦାନ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି। ସେହିପରି ବେଡି ଉପରେ କୋରଡା ମାଡ ଭଳି ଛଣଛପର ଘର ବନ୍ୟାରେ ଭାଙ୍ଗି ପଡିଛି। ଭାଙ୍ଗି ଯାଇଥିବା ଘରକୁ ସଜାଡ଼ିବା ଓ ମୁଣ୍ଡ ଗୁଞ୍ଜିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସହାୟତା ଆଶାରେ ଥିବା ଜଣେ ଗରିବ ଲୋକଙ୍କ ନାମ ପ୍ରଥମ ତାଲିକାରେ ଥିଲା। ଦ୍ୱିତୀୟ ତାଲିକା ପ୍ରକାଶ ପାଇବାବେଳେ ଶାସକ ଦଳର କର୍ମୀମାନଙ୍କ ଚାପରେ ତାଙ୍କ ନାମ କାଟି ଦେଇଛନ୍ତି। ଫଳରେ ଆଶା ଓ ଭରସା ନେଇ ଅପେକ୍ଷା କରିଥିବା ସେହି ଗରିବ ପରିବାର ଆଜି ନିରାଶ ଓ ହତାଶ। ଏହା କେବଳ ଜଣେ ଲୋକର କଥା ନୁହେଁ ସମଗ୍ର ଆନନ୍ଦପୁରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ତାଲିକାରେ ସାମିଲ କରିବାକୁ ସେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ କେନ୍ଦୁଝର ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି; ନହେଲେ କଂଗ୍ରେସ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି।

# ଅନ୍ତର୍ଜାତୀୟ ଯୁବ ଦିବସରେ ଆଇନ ସଚେତନତା

କେନ୍ଦୁଝର, ୧୪।୮ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ପଦ୍ମପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ, ଶିଶୁ ନ୍ୟାୟ ଆଇନ, ସରକାରୀ ଯୋଜନା, ଜାଗ୍ରିତୀ ଯୋଜନା ସମ୍ବନ୍ଧୀୟ ଏକ ଆଇନ ସଚେତନତା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପଦଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗତିକୃଷ୍ଣ ବାରିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ଶିଶୁ ନ୍ୟାୟ ବୋର୍ଡ ସଦସ୍ୟା ମଞ୍ଜୁ ମଲ୍ଲିକ କିଶୋର-କିଶୋରୀଙ୍କ ପାଇଁ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସନ୍ଧ୍ୟା ମିଶ୍ର, ମଧୁସ୍ମିତା ପ୍ରଧାନ, ମାନିନୀ ସାହୁ, ପୁଷ୍ପଲତା ସାହୁ, ଅଧ୍ୟାପକ ନିରଞ୍ଜନ ସାହୁ, ସତ୍ୟବ୍ରତ ସାହୁ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଗଛ କାଟୁଥିବା ବେଳେ ଅଘଟଣ; ୪ ଘର କ୍ଷତିଗ୍ରସ୍ତ



ବଡ଼ବିଲ, ୧୪।୮ (ସମିସ): ଜିଲ୍ଲାର ବଡ଼ବିଲ ତହସିଲ ଅନ୍ତର୍ଗତ ନାଲଦା ଟୋଲ୍‌ଗେଟ୍ ନିକଟରେ ଦୁଇରୁ ତିନୋଟି ବିରାଟକାୟ ଗଛ କାଟୁଥିବା ବେଳେ ଅସାବଧାନତା କାରଣରୁ ଏକ ଗଛ ବାସଗୃହ ଉପରେ ପଡ଼ିଯିବାରୁ ଚାରିଟି ଘର କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ଘରଗୁଡ଼ିକର ଖପର ଓ ଅନ୍ୟାନ୍ୟ ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଶମ୍ଭୁ ବାଲମୁଚୁଙ୍କ ସହ ତାଙ୍କ ୮ ଜଣ ପରିବାର ସଦସ୍ୟ, ଚୁମର ଲାଗୁରିଙ୍କ ସହ ୮ ସଦସ୍ୟ, ଦୁଲମି ସୀଙ୍କୁଙ୍କ ସହ ୫ ଜଣ ସଦସ୍ୟ, ଦୁଗୁ ଚାମ୍ପିଆଙ୍କ ସହ ୪ ସଦସ୍ୟ ନାହିଁ ନ ଥିବା ହଇରାଣ ହେଉଥିବା ଜଣାପଡିଛି। ଘରୋଇ ଜମି ହୋଇଥିଲେ ମଧ୍ୟ ବିରାଟକାୟ ଗଛ କାଟିବା ବେଳେ ଜନସୁରକ୍ଷା ଓ ନିୟମାବଳୀ ପାଳନ ହୋଇଛି କି ନାହିଁ, ତାହାର ଯାଞ୍ଚ ହେବା ଆବଶ୍ୟକ। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଉପଯୁକ୍ତ କ୍ଷତିପୂରଣ ଦେବା ସହ ଘଟଣାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର ଲୋକାର୍ପିତ



ତେଲକୋଇ, ୧୪।୮ (ସମିସ): ତେଲକୋଇ ବ୍ଲକ କେନ୍ଦୁପତ୍ର ରେଞ୍ଜ ସିଂକୁଲାବାହାଲଠାରେ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦଘାଟନ କରାଯାଇଛି। ପୁରୁଣା କେନ୍ଦୁପତ୍ର ଗୋଦାମ ଭବନଗୁଡିକର ନବୀକରଣ କରାଯାଇ ଏହି ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, କେନ୍ଦୁଝର କେନ୍ଦୁପତ୍ର ଉପଖଣ୍ଡ ଅଧିକାରିଣୀ ସ୍ୱାଗତିକା ସାହୁ, ୧୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଛଇଳବାଳା ନାୟକ, ଜଗମୋହନପୁର ସରପଞ୍ଚ ଗୋବିନ୍ଦ ପଧାନ, କେନ୍ଦୁଝର ଭାରପ୍ରାପ୍ତ ଡିଏସ ଡିଇଓ ସୁଧା ଓରାମ, କେନ୍ଦ୍ର ପରିଚାଳକ ହାର୍ଡକୋନଲିଃ ର ଶିବଶ୍ରିତା ସ୍ୱାଇଁ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ପ୍ରଶିକ୍ଷଣ ଯୋଗାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ନିଜସ୍ୱ ଆୟର ଉତ୍ସ ସୃଷ୍ଟି କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏକ ଶ୍ରେଣୀଗୃହ ଓ ୬୦ ଜଣ ପ୍ରଶିକ୍ଷାର୍ଥୀ ସ ହ ଏକ ହଷ୍ଟେଲ ପ୍ରସ୍ତୁତ କରାଯାଇଥିବା ବେଳେ ଏଲ ରୋଷେଇ ଘର, ଭୋଜନାଳୟ ଏବଂ ଆଇଟି ଲ୍ୟାବ ମାନ ପ୍ରସ୍ତୁତ କରାଯାଇଛି। ସେହିପରି ଶୌଚାଳୟଠାରୁ ଆରମ୍ଭ କରି ୪ଟି ସ୍ନାନାଗାର ମଧ୍ୟ ରହିଛି। ତେଲକୋଇ ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ପାଇଁ ଆତ୍ମନିର୍ଭରଶୀଳ ହେଲେ ଦାଦନ ମୁକ୍ତି ମିଳିବା ଆଶା କରାଯାଉଛି। ଅନ୍ୟପକ୍ଷରେ କେନ୍ଦୁଝର ଡିଏସ ଡିଇଙ୍କ ସମନ୍ୱୟରେ ଏକ ଚୁକ୍ତି ମାଧ୍ୟମରେ ଏହି କେନ୍ଦ୍ରକୁ ହାରଡିକମ୍‌କୁ ହସ୍ତାନ୍ତର କରାଯାଇଛି। ଅଭିଭାବକ ସହ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତେଲକୋଇ କେନ୍ଦୁପତ୍ର ରେଞ୍ଜର ମନୋରଞ୍ଜନ ସେନାପତି ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ, ବନ ବିଭାଗର ଅଧିକାରୀ ସହଯୋଗ କରିଥିଲେ।

# 'କେଆର କ୍ୟୁର' ସ୍ମାର୍ଟ ଜରୁରୀ ସୁରକ୍ଷା ବ୍ୟବସ୍ଥାର ଶୁଭାରମ୍ଭ

ବଡ଼ବିଲ, ୧୪।୮ (ସମିସ): ଜରୁରୀ ସମୟରେ ଆବଶ୍ୟକ ସୂଚନା ଶୀଘ୍ର ଉପଲବ୍ଧ କରାଇବା ସହ ତୁରନ୍ତ ସହାୟତା ପାଇଁ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଅରୋଲାଇଫ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'କେୟାର କ୍ୟୁର' ନାମକ ସ୍ମାର୍ଟ କ୍ୟୁର-ଆଧାରିତ ଜରୁରିକାଳୀନ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇଛି। କେୟାର କ୍ୟୁର ମାଧ୍ୟମରେ ବ୍ୟବହାରକାରୀ ନିଜର ନାମ, ରକ୍ତ ଗୋଷ୍ଠୀ, ଆବଶ୍ୟକ ଚିକିତ୍ସା ସମ୍ପର୍କିତ ସୂଚନା ଓ ଜରୁରିକାଳୀନ ଯୋଗାଯୋଗ ନମ୍ବର ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପରେ ମିଳୁଥିବା ସ୍ୱତନ୍ତ୍ର କ୍ୟୁର କୋଡ୍‌କୁ ପରିଚୟପତ୍ର, ଗାଡ଼ି, ହେଲମେଟ୍, ବ୍ୟାଗ୍, ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ସୁବିଧାଜନକ ସ୍ଥାନରେ ରଖାଯାଇପାରିବ। ଜରୁରୀ ପରିସ୍ଥିତିରେ ନିକଟସ୍ଥ ବ୍ୟକ୍ତି ମୋବାଇଲ୍ ଫୋନ୍‌ରେ କ୍ୟୁର କୋଡ୍ ସ୍କାନ୍ କରି ଅନୁମୋଦିତ ଜରୁରୀ ସୂଚନା ଦେଖିପାରିବେ। ଏହାସହିତ ଜରୁରିକାଳୀନ ସୁବିଧା ମାଧ୍ୟମରେ ପଞ୍ଜିକୃତ ଜରୁରୀ ସମ୍ପର୍କଙ୍କ ନିକଟକୁ ବ୍ୟବହାରକାରୀଙ୍କ ବର୍ତ୍ତମାନର ଅବସ୍ଥାନ ସହ ଜରୁରୀ ସୂଚନା ପଠାଇବାର ବ୍ୟବସ୍ଥା ରହିଛି। ଗୋପନୀୟତାକୁ ଗୁରୁତ୍ୱ ଦେଇ ଯେଉଁଠାରେ ସିଷ୍ଟମ୍ ଓ ଟେଲିକମ୍ ସେବା ସମର୍ଥନ କରେ, ସେଠାରେ ଭରଚୁଆଲ୍ କିମ୍ବା ଅସ୍ଥାୟୀ ନମ୍ବର ମାଧ୍ୟମରେ ଉଭୟ ପକ୍ଷର ପ୍ରକୃତ ଫୋନ୍ ନମ୍ବର ଗୋପନ ରଖି ଯୋଗାଯୋଗ କରିବାର ସୁବିଧା ମଧ୍ୟ ରହିଛି।

# ଫାଶରେ ପଡ଼ିଲେ ଭାଲୁ ଛୁଆ; ସୁରକ୍ଷିତ ଉଦ୍ଧାର



କେନ୍ଦୁଝର, ୧୪।୮ (ସମିସ): ଭୋକ ବିକଳରେ ଗାଁକୁ ବାଟହୁଡ଼ି ଆସିଥିବା ଦୁଇ ଛୁଆ ଭାଲୁ ଜାଲରେ ଫସିଗଲେ। ଶୁକ୍ରବାର ସକାଳୁ କେନ୍ଦୁଝରେ ଟାଉନ ସେକ୍ସନ ମଇଦାନକେଲ ବିଟ୍ ଚକ ଓ ମଇଦାନକେଲ ଗାଁ ମଧ୍ୟସ୍ଥଳ ନିକଟସ୍ଥ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ବିଛା ଯାଇଥିଲା ୧୫ ଫୁଟ ଲମ୍ବର ଜିଆଇ ତାର। ଭାଲୁ ୨ଟିର ଚିତ୍କାର ଶୁଣି ସ୍ଥାନୀୟ ଲୋକ ବନ ବିଭାଗକୁ ସୂଚନା ଦେଇଥିଲେ। କର୍ମଚାରୀ, ରାପିଡ ରେସପନ୍ସ ଟିମ, ଏସିଏଫ୍ ଡ ସୁଦୀପ୍ତ ପଣ୍ଡା, ଫରେଷ୍ଟର ଯତିନ୍ଦ୍ର ସାହୁ, ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପଶୁ ଚିକିତ୍ସକ ଡାକ୍ତର ବ୍ରଜରାଜ ଯାଦବ ଭାଲୁ ଦୁଇଟିକୁ ଟ୍ରାଙ୍କୁଲାଇଜ୍ କରି ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଭାଲୁ ଛୁଆ ଦୁଇଟିର ବୟସ ଆନୁମାନିକ ୬ ମାସ ହେବ। ବର୍ତ୍ତମାନ ଚାଷ କାର୍ଯ୍ୟ ଚାଲିଛି ଓ ପ୍ରଚୁର ପରିମାଣରେ ଫସଲ ହେଉଥିବା ଯୋଗୁଁ ଜଙ୍ଗଲୀ ଜନ୍ତୁ ସବୁ ଏବେ ଗାଁ ମୁହାଁ ହୋଇଛନ୍ତି। ଗାଁ ନିକଟରେ ୫/୬ ଟି ଭାଲୁ ଚଳପ୍ରଚଳ କରନ୍ତି। ତା' ସହ ବାର୍ହା, କୁଟୁରା, ହାତୀ ଭଳି ବନ୍ୟଜନ୍ତୁଙ୍କ ଗାଁକୁ ଅବାଧ ପ୍ରବେଶ ରହିଛି। ବନ ବିଭାଗ ପକ୍ଷରୁ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ନିୟମିତ ପାଦଚଲା ପାଟ୍ରୋଲିଂ କରାଗଲେ ବନ୍ୟଜନ୍ତୁ ଏବଂ ଜଙ୍ଗଲ ସୁରକ୍ଷା ସହ ଶିକାରୀଙ୍କ ଅବାଧ ପ୍ରବେଶ ଉପରେ ରୋକ ଲାଗିପାରିବ ବୋଲି ମତ ପ୍ରକାଶ ପାଇଛି।

# ଜଳବନ୍ଦିରେ ନୂଆଗାଁ ଓ ରାଘବପୁର; ଯୋଗାଯୋଗ ବିଚ୍ଛିନ୍ନ





ହାଟଡ଼ିହୀ,୧୪।୮ (ସମିସ): ଲଗାଣ ବର୍ଷାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ନଦୀକୂଳ ଓ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ନଦୀକୂଳିଆ ଗାଁ ମଧ୍ୟରେ ଆଇତିପୁର ପଞ୍ଚାୟତର ନୂଆଗାଁ ଓ ରାଘବପୁର ଗାଁ ଦୁଇଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଗାଁକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ନଦୀଜଳରେ ବୁଡ଼ିଯିବା ସହ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହି ଅଞ୍ଚଳରେ ପନିପରିବା ଫସଲ ଉଜୁଡ଼ିବା ଯିବା ସହ ଶହ ଶହ ହେକ୍ଟର ଚାଷଜମି ଜଳମୟ ହୋଇଯାଇଛି। ଗତକାଲି ରାତିରୁ ବୈତରଣୀ ନଦୀର ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଥିଲା ବେଳେ ଆଜି ପୂର୍ବାହ୍ନରେ ପ୍ରଶାସନିକ ଅଧିକାରୀମାନେ ସେଠାକୁ ଯାଇ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ନୂଆଗାଁ ଗ୍ରାମରେ କିଛି ଲୋକଙ୍କ ଘରେ ବନ୍ୟାଜଳ ପଶିଥିବା ବେଳେ ରାଘବପୁର ଏବଂ ନୂଆଗାଁ ଗ୍ରାମରେ ରହିଥିବା ଦୁଇଟି ସ୍କୁଲରେ ବନ୍ୟାଜଳ ପଶିଯାଇଛି। ଏପଟେ ଚାଷୀଙ୍କ ପନିପରିବା ଚାଷ ଉଜୁଡ଼ିଯିବା ସହ ଧାନ ଚାଷକାମରେ ବିଳମ୍ବ ଘଟିଛି। ଅନ୍ୟପଟେ ସ୍କୁଲରେ ବନ୍ୟାଜଳ ପଶିଯିବା କାରଣରୁ ଶ୍ରେଣୀଗୃହଗୁଡ଼ିକ ସନ୍ତସନ୍ତିଆ କାରଣରୁ ପିଲାଙ୍କ ପାଠପଢ଼ାରେ ବ୍ୟାହତ ଘଟିବ ବୋଲି ଗ୍ରାମବାସୀ କହିଛନ୍ତି। ଆଇତିପୁର ଗ୍ରାମର ଅଳ୍ପକିଛି ଲୋକଙ୍କ ଘରେ ବନ୍ୟାପାଣି ପଶିଥିବା ବେଳେ ଅମୃତପୁର, ମଧୁପୁର, ମଦରଙ୍ଗା ଆଦି ଗାଁକୁ ସଂଯୋଗ ହୋଇଥିବା ରାସ୍ତାଘାଟ ବନ୍ୟାପାଣିରେ ବୁଡ଼ିଯାଇଛି। ପ୍ରଥମ ବନ୍ୟାରେ ଯୋଗ୍ୟ ହିତାଧିକାରୀଙ୍କୁ ଜରିପାଲ ମିଳିବା ବଦଳରେ ଅଯୋଗ୍ୟ ପକ୍କାଘର ଥିବା ହିତାଧିକାରୀଙ୍କୁ ଜରିପାଲ ଦିଆଯାଇଥିବା ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଜି ହାଟଡ଼ିହୀ ତହସିଲଦାର ସ୍ଥିତି ଅନୁଧ୍ୟାନ ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଜରିପାଲ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କାଞ୍ଜିପାଣି ଘାଟିରେ ଭୂସ୍ଖଳନ



ତେଲକୋଇ, ୧୪।୮ (ସମିସ): ଗୁରୁବାର ରାତିରେ ଲଗାଣ ବର୍ଷା ହେବା ଫଳରେ ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିର ଧଳାପଥର ବାଙ୍କ ନିକଟରେ ପାହାଡ଼ରୁ ଭୂସ୍ଖଳନ ହୋଇଛି। ପାହାଡରୁ ମାଟି ପଥର ଓ ଗଛ ଧସି ଚାରି ଥାକିଆ ରାସ୍ତାର ଗୋଟିଏ ପଟ ସୂଚନାରୁ ଜଣାପଡିଛି। ଖବର ପାଇବା ପରେ ଆଜି ସକାଳୁ ଏନଏଚଆଇ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁଇଟି ଜେସିବି ମେସିନ ଓ ଗୋଟିଏ ହାଇୱା ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମଝିରେ ମଝିରେ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରାତିରେ ଗାଡି ଚଳାଚଳ ବନ୍ଦ ଥିବାବେଳେ ଆଜି ସକାଳୁ ବିଭାଗ ପକ୍ଷରୁ ଗୋଟିଏ ପଟ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ କରାଯାଇଥିଲା। ଆଜି ଦୁଇରୁ ତିନି ଘଣ୍ଟା ମଧ୍ୟରେ ସମସ୍ତ ରାସ୍ତା କ୍ଲିଅର ହୋଇଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।


# ଦ୍ୱିତୀୟ ଥର କୂଳ ଲଙ୍ଘିଲା ବୈତରଣୀ; ଜିଲ୍ଲାପାଳଙ୍କ ଅନୁଧ୍ୟାନ



ଆନନ୍ଦପୁର, ୧୪।୮ (ସମିସ): ଜଳ ସମ୍ପଦ ବିଭାଗର ହେୟ ମନୋଭାବ ଯୋଗୁଁ ରିଙ୍ଗ ରୋଡରେ ଘାଇ ସୃଷ୍ଟି ହୋଇ ଅଭାବନୀୟ ସ୍ଥିତି ଉପୁଜିଥିବା ବେଳେ ୧୬ ଦିନ ପରେ ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ଗସ୍ତ ବନ୍ୟା ପ୍ରପୀଡ଼ିତଙ୍କ ପ୍ରତି ଉପହାସ ସଦୃଶ ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ଚଳିତ ବର୍ଷର ଦ୍ୱିତୀୟ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ରାଜଘାଟଠାରେ ବୈତରଣୀ ଜଳସ୍ତର ବିପଦସଂକେତ ଅତିକ୍ରମ କରି ସନ୍ଧ୍ୟା ୬ଟାରେ ଜଳସ୍ତର ସତର୍କସଂକେତ ପାର୍ କରିଥିଲା। ରାତି ୯ଟା ସୁଦ୍ଧା ଜଳସ୍ତର ୩୯.୨୭ ମିଟର ଛୁଇଁଥିଲା। ନିକଟରେ ରିଂ ରୋଡ୍‌ରେ ସୃଷ୍ଟି ହୋଇଥିବା ଘାଇକୁ ଠିକଭାବେ ମରାମତି କରାଯାଇ ନଥିବାରୁ ପୁଣି ସେହି ସ୍ଥାନରେ ଦ୍ୱିତୀୟ ଥର ଘାଇ ଭାଙ୍ଗିଯାଇଛି। ଫଳରେ ପୁଣି ସହର ମଧ୍ୟକୁ ବନ୍ୟାଜଳ ପ୍ରବେଶ କରିପ୍ରାୟ ୫୦ରୁ ଅଧିକ ପରିବାରର ଘରେ ପାଣି ପଶିଯାଇଛି। ଗତ ଜୁଲାଇ ମାସ ୨୮ ତାରିଖ ରେ ରିଙ୍ଗରୋଡ଼ ରେ ଘାଇ ହେବାର ୧୬ଦିନ ପରେ ବି ମରାମତି ହୋଇନପାରିବାରୁ ଗତ ଗୁରୁବାର ରାତି ସାଢେ ୮ଟା ବେଳେ ରିଂ ରୋଡ୍‌ରେ ପକାଯାଇଥିବା ବାଲିବସ୍ତା ଦେଇ ପାଣି ସହର ମଧ୍ୟକୁ ପଶିବା ଆରମ୍ଭ କରିଥିଲା। ରାତି ୯ଟା ବେଳକୁ ପାଣି ପ୍ରବଳ ସ୍ରୋତରେ ସହର ମଧ୍ୟକୁ ପଶିଥିଲା। ବୈତରଣୀ ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ବନ୍ୟାର ୧୬ ଦିନ ପରେ ଆଜି କେନ୍ଦୁଝର ଜିଲ୍ଲାପାଳ ଆନନ୍ଦପୁର ବନ୍ୟାଞ୍ଚଳ ପରିଦର୍ଶନ କରି ଘାଇ ହୋଇଥିବା ସ୍ଥଳରେ ପରିସ୍ଥିତିର ସମୀକ୍ଷା କରିଥିଲେ।

# କାନ୍ଥ ପଡ଼ି ଯମଜ କନ୍ୟା ଗୁରୁତର





ତୁରୁମୁଙ୍ଗା, ୧୪।୮ (ସମିସ): ଲଗାଣ ବର୍ଷା ଯୋଗୁଁ ଘଟିଲା ଅଘଟଣ। ଶୋଇଥିବା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଲା ମାଟି କାନ୍ଥ। କାନ୍ଥ ତଳେ ଚାପି ହୋଇ ଦୁଇ ଯମଜ ଶିଶୁକନ୍ୟା ଗୁରୁତର ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଦେଉଳିଆପଶି ଗାଁରେ ଗୁରୁବାର ରାତିରେ ଘଟିଛି ଅଘଟଣ। ଗୁରୁତର ଦୁଇ ଶିଶୁ ହେଲେ ବିଜୟଲକ୍ଷ୍ମୀ ମହାନ୍ତଙ୍କ ଦୁଇ ଶିଶୁ ଭାର୍ଗବୀ ଓ ଭୈରବୀ। ଉଭୟଙ୍କୁ ଗ୍ରାମବାସୀ ଉଦ୍ଧାର କରି ଉଦୟପୁର ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ଦୁଇ ଶିଶୁ ସୁସ୍ଥ ଥିବା ଜଣାପଡିଛି। ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିବା ଜଣାପଡ଼ିଛି।

ମୟୂରଭଞ୍ଜରେ ବର୍ଷା ଓ ବନ୍ୟାର ପ୍ରଭାବ

# ୫୪ଟି ପଞ୍ଚାୟତର ୧୨୪ ଗ୍ରାମ ପ୍ରଭାବିତ

- ୨ ଜଣଙ୍କ ମୃତ୍ୟୁ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ
- ୫ ହଜାରରୁ ଅଧିକ ପ୍ରଭାବିତଙ୍କ ପାଇଁ ୭୬ ଆଶ୍ରୟସ୍ଥଳୀ
- ୫୫ଟି ସ୍ଥାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା

ବାରିପଦା, ୧୪।୮(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଭାରି ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଶଙ୍କରେଇ ନାଳରୁ ଭାସି ଆସିଥିବା ଜଣଙ୍କ ମୃତଦେହ ଚଢେଇପାହାଡ଼ିରୁ ଉଦ୍ଧାର କରାଯାଇଛି। ଅନ୍ୟପକ୍ଷରେ ବିଶୋଇ ଥାନା ଖଡମବେଡା ଗ୍ରାମରେ ଘର ଆଗରେ ଥିବା କୃତ୍ରିମ ଜଳାଶୟରେ ନିଖୋଜ ୯ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି। ବର୍ଷା, ବନ୍ୟା ଓ ଜଳବନ୍ଦୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ହେମକାନ୍ତ ସଏ ଆଜି ମୟୂରଭଞ୍ଜର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିଥିଲେ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏହି ସାବଧାନତାମୂଳକ ପଦକ୍ଷେପ ନିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକ ସ୍ଥାନରେ ବିଦ୍ୟାଳୟଗୁଡ଼ିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଉଛି। ବର୍ଷା କମିଥିବାରୁ ପ୍ରମୁଖ ନଦୀମାନଙ୍କରେ ବନ୍ୟା ଜଳ ହ୍ରାସ ପାଇଛି। ଗାଲୁଡିହି ବ୍ୟାରେଜର ୯ଟି ଗେଟ୍ ଖୋଲାଯାଇଥିବାରୁ ମଧ୍ୟମ ବନ୍ୟା ଆଶଙ୍କା କରାଯାଉଛି। ଜିଲ୍ଲାର ସମସ୍ତ ଡ୍ୟାମରେ ବଳକା ବନ୍ୟା ଜଳ ନିଷ୍କାସନ କରାଯାଉଛି।

ତେବେ ୨୨ଟି ବ୍ଲକ୍‌ର ୫୪ଟି ପଞ୍ଚାୟତର ୧୨୪ଟି ଗାଁ ପ୍ରଭାବିତ ହୋଇଥିବାବେଳେ ବୁଢାବଳଙ୍ଗ ବନ୍ୟା ପାଇଁ ବଡ଼ସାହି ଓ ବେତନଟୀ ବ୍ଲକର ବହୁ ଗ୍ରାମ ପାଣି ଘେରରେ ରହିଛି।

ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସହିତ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ପ୍ରଭାବିତ ଅଞ୍ଚଳକୁ ଟ୍ରାକ୍ଟର ଓ ପାୱାର ବୋଟରେ ଯାଇ ପରିଦର୍ଶନ କରିବା ସହିତ ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ବାଣ୍ଟିଛନ୍ତି । ବନ୍ୟା ପରବର୍ତ୍ତୀ ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ଲଗାତର ଦୁଇଥର ବନ୍ୟା ପାଇଁ ବ୍ୟାପକ ଚାଷଜମି ପ୍ରଭାବିତ ହେବା ସହିତ ଧାନ ଓ ପନିପରିବା ଚାଷ ଉଜୁଡିଯାଇଛି। ବନ୍ୟା ପାଣି କମିଲେ ରାଜସ୍ୱ ଓ କୃଷି ବିଭାଗ ମିଳିତ ସମୀକ୍ଷା କରିବେ। ଅପରପକ୍ଷରେ ବିଭିନ୍ନ ବିଭାଗର ଅଧିକାରୀ/କର୍ମଚାରୀ ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ଆକଳନ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ରାସଗୋବିନ୍ଦପୁର ବ୍ଲକରେ ବହୁ ଘର ଭାଙ୍ଗିଥିବା ଖବର ମିଳିଛି। ସନ୍ଧ୍ୟା ସୁଦ୍ଧା ଜିଲ୍ଲା ଜରୁରିକାଳୀନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜିଲ୍ଲାରେ ୨୨ଟି ବ୍ଲକ୍ ପ୍ରଭାବିତ ହୋଇଛି। ଏଥିରେ ବଡ଼ସାହି, ବେତନଟୀ ବ୍ୟତୀତ, ବାରିପଦା, ବାଙ୍ଗିରିପୋଷି, ବହଳଦା, ଗୋପବନ୍ଧୁନଗର, ଖୁଣ୍ଟା, କୁସୁମୀ, କୁଳିଅଣା, କରଞ୍ଜିଆ, ଠାକୁରମୁଣ୍ଡା, ତିରିଂ, ରାସଗୋବିନ୍ଦପୁର, ଶାମାଖୁଣ୍ଟା, ଜାମଦା, ଯଶିପୁର, ଶୁଳିଆପଦା, ରାଇରଙ୍ଗପୁର, ଶୁକ୍ରୁଳି, ରରୁଆଁ, ମୋରଡ଼ା ଓ ବିଜାତଳା ଅନ୍ତର୍ଭୁକ୍ତ। ଏହି ବ୍ଲକ୍‌ଗୁଡ଼ିକରେ ୫୪ଟି ପଞ୍ଚାୟତ ଓ ୧୨୪ଟି ଗାଁ ପ୍ରଭାବିତ ହୋଇଛି। ବାରିପଦା ମ୍ୟୁନିସିପାଲିଟିର ୮ଟି ୱାର୍ଡ୍ ମଧ୍ୟ ପ୍ରଭାବିତ ହୋଇଛି। ପ୍ରଭାବିତ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଜିଲ୍ଲାରେ ୭୬ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି। ୫୫ଟି ମାଗଣା ରୋଷେଇ କେନ୍ଦ୍ର ପରିଚାଳିତ ହେଉଛି। ପ୍ରଶାସନ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରି ପ୍ରଭାବିତ ଅଞ୍ଚଳରେ ସାହାଯ୍ୟ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି।

- ଡୁକେ ଦୁମ୍ବିସାହି, ବନ୍ଧସାହି ଓ ଗାଳାସାହିବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ

# ଉପଜିଲ୍ଲାପାଳଙ୍କୁ ୩ ଗ୍ରାମବାସୀଙ୍କ ଦାବିପତ୍ର

ଶରତ/ଉଦଳା,୧୪।୮(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମପଞ୍ଚାୟତର କାଦବାହାଳୀ ରାଜସ୍ୱ ଗ୍ରାମ ଅନ୍ତର୍ଗତ ୬ ନମ୍ବର ୱାର୍ଡରେ ଅବସ୍ଥିତ ଡୁକେ ଦୁମ୍ବିସାହି, ବନ୍ଧସାହି ଓ ଗାଳାସାହି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ହୋ ଜନଜାତି ପରିବାର ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ଅଛନ୍ତି। ଦେଶ ସ୍ୱାଧୀନ ହେବାର ୭୯ ବର୍ଷ ବିତିଯାଇଥିଲେ ମଧ୍ୟ ଗ୍ରାମବାସୀ ବିଜୁଳି ଆଲୁଅ ଦେଖି ପାରିନାହାଁନ୍ତି। ଗ୍ରାମକୁ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଗ୍ରାମବାସୀ କପ୍ତିପଦା ଉପଖଣ୍ଡ (ଉଦଳା) ଉପଜିଲ୍ଲାପାଳ ସୁଶାନ୍ତ ବାରିକଙ୍କୁ ଶରତ ପଞ୍ଚାୟତର ନାଏବ ସରପଞ୍ଚ ଦୁଲାରାମ ବାନାରାଙ୍କ ନେତୃତ୍ୱରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ବିଜୁଳି ଆଲୁଅ ନ ଥିବାରୁ ଗ୍ରାମବାସୀ ମୋବାଇଲ ଚାର୍ଜ ଭଳି ସମସ୍ୟା ଭୋଗୁଛନ୍ତି। ପିଲାମାନେ ରାତିରେ ପଢ଼ିବାରେ ସମସ୍ୟା ଭୋଗୁଛନ୍ତି ଓ ଗ୍ରାମବାସୀ ନାନାଦି ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ରାନ୍ଦ ସିଂ ପୂର୍ତ୍ତି , ବୀର ତୁବିଡ, ନବୀନ ମୁଣ୍ଡରୀ, ଯୁବ ସମାଜସେବୀ ଜାମାଦାର ବାଲମୁଚୁ, ରଳ ତୁବିଡ, ପାଇକରାୟ ପୂର୍ତ୍ତି, ମହାନ୍ତି ସିଂ, ରାମଜା ପୂର୍ତ୍ତି , ସାଧୁ ପୂର୍ତ୍ତି, ଦୁମ୍ବି ପୂର୍ତ୍ତି, ଲେବର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ କହିଛନ୍ତି, ୧୪ ଦିନ ମଧ୍ୟରେ ଅଭିଯୋଗର ତଦନ୍ତ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦିଆଯିବ। ନାଏବ ସରପଞ୍ଚ ଦୁଲାରାମ ବାନାରା କହିଛନ୍ତି, ୩ ସପ୍ତାହ ମଧ୍ୟରେ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦିଆ ନ ଗଲେ, ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।



# ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ତ୍ରିରଙ୍ଗା ପଦଯାତ୍ରା

ବାରିପଦା, ୧୪।୮(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ତ୍ରିରଙ୍ଗା ପଦଯାତ୍ରା ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟ ଓ ଡ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଡ ଆଲବେର୍ଟିନା ତିର୍କୀ, ଡ ବିଦ୍ୟୁତପ୍ରଭା ଦାସ, ରାଇମଣି ମାରଣ୍ଡି, ଡ ଦୀପକ ବେହେରା, ଡ ମନୋଜ ସେଠୀ, ଡ ଆଶୁତୋଷ ପ୍ରୟାସ ଦାଶ, ଡ ପ୍ରିୟବ୍ରତ ବେହେରା, ଡ ନରେନ୍ଦ୍ର ବେହେରା, ଡ ପ୍ରଭାକର ଦୁଆରୀ, ଡ ଦୟାନିଧି ପରିଡା, ଅଲେକ୍ସ ହେମ୍ବ୍ରମ, ରଶ୍ମିତା ନାଏକ, ସୁରେଶ ପାତ୍ର ପ୍ରମୁଖ ସାମିଲ ଥିଲେ।

# ବିଏସ୍‌ଏନ୍‌ଏଲ୍‌ର ଗ୍ରାହକମୁଖୀ ପଦକ୍ଷେପ

ବାରିପଦା, ୧୪।୮(ସମିସ): ୮୦ତମ ସ୍ୱାଧୀନତା ଦିବସ ଅବସରରେ ବିଏସଏନଏଲର ଡିଜିଏମ (ଅପରେସନ) କାହ୍ନାଇ ସିଂହଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ବାରିପଦା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏସଏନଏଲର ନୂତନ ସେବା, ସ୍ୱାଧୀନତା ଦିବସ ବିଶେଷ ଅଫର ଓ ଗ୍ରାହକମୁଖୀ ପଦକ୍ଷେପ ସମ୍ପର୍କରେ ମିଡିଆକୁ ଅବଗତ କରାଯାଇଛି। ବିଏସଏନଏଲ ପକ୍ଷରୁ ଦେଶର ବିଭିନ୍ନ ଅଞ୍ଚଳରେ ୪ଜି ସେବା ସମ୍ପ୍ରସାରଣ ସହିତ ଗ୍ରାମାଞ୍ଚଳକୁ ଦ୍ରୁତ ଇଣ୍ଟରନେଟ ସୁବିଧା ପହଞ୍ଚାଇବା ପାଇଁ ଭାରତ ନେଟ, ଆଇପି-ଏମପିଏଲଏସ, ଓଏଫସି ଓ ଏଫଟିଟିଏଚ ଭଳି ଭିତ୍ତିଭୂମିକୁ ବିକଶିତ କରାଯାଉଛି। ଏହାଦ୍ୱାରା ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷାନୁଷ୍ଠାନ ଓ ସରକାରୀ ସେବାଗୁଡ଼ିକୁ ଡିଜିଟାଲ ସଂଯୋଗ ମିଳିବ ବୋଲି କୁହାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଏ ଜିଏମ (ଏନଡ଼ବ୍ଲୁଓ) ବାବୁଲାଲ ମୁର୍ମୁ, ଏଜିଏମ ସେଲ ଆଣ୍ଡ ମାର୍କେଟିଙ୍ଗ ବିଶ୍ୱନାଥ ମୁର୍ମୁ, ସିନିୟର ଏସଡ଼ିଇ ସଞ୍ଜୟ ତ୍ରିପାଠୀ, ସିନିୟର ଏସଡିଇ (ସେଲସ ଆଣ୍ଡ ମାର୍କେଟିଙ୍ଗ) ସମୟ ମୁର୍ମୁ, ଆକାଉଣ୍ଟ ଅଫିସର ସୁମନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ରାଇରଙ୍ଗପୁରରେ ତ୍ରିରଙ୍ଗା ପଦଯାତ୍ରା

ରାଇରଙ୍ଗପୁର, ୧୪।୮(ସମିସ): ବାମନଘାଟୀ ଉପଖଣ୍ଡ ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ପୌରପାଳିକା ଓ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଅପରାହ୍ନ ୨ଟା ସମୟରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବିଶାଳ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଁସଦା, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅନୀତାରାଣୀ ମହାନ୍ତ, ତହସିଲଦାର ଭବାନୀ ପ୍ରସାଦ ସାହୁ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଚିନ୍ମୟୀ ମହାନ୍ତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ପଦଯାତ୍ରା ଦୁର୍ଗା ମଣ୍ଡପ ଛକ, ମେଡିକାଲ ଛକ ଦେଇ ପୁନର୍ବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା। ପଦଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ପ୍ରାୟ ୧୦୦ ମିଟର ଦୀର୍ଘ ବିଶାଳ ତ୍ରିରଙ୍ଗା ପତାକା।

# ଏମ୍‌ପିସି ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍ ନିର୍ମାଣ ଦାବି

ବାରିପଦା,୧୪।୮(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଉଚ୍ଚଶିକ୍ଷା ଅନୁଷ୍ଠାନ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଦୀର୍ଘଦିନ ଧରି ଆଭ୍ୟନ୍ତରୀଣ ରାସ୍ତା ଓ ସୁଦୃଢ଼ ଡ୍ରେନେଜ୍ ବ୍ୟବସ୍ଥାର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଓବିସି ବାଳକ ଛାତ୍ରାବାସରୁ ମହାରାଜପୁର ଗେଟ୍ ପର୍ଯ୍ୟନ୍ତ ଓ ଏସ୍‌ଟି ଟ୍ରାଇବାଲ୍ ଛାତ୍ରାବାସରୁ ମହାବିଦ୍ୟାଳୟର ପ୍ରଶାସନିକ ଭବନ ପର୍ଯ୍ୟନ୍ତ ସଠିକ୍ ରାସ୍ତା ନ ଥିବାରୁ ବର୍ଷାଦିନେ ଯାତାୟାତ ବ୍ୟାହତ ହେଉଛି। ବିଶେଷକରି ମହାରାଜପୁର ଗ୍ରାମ ଦେଇ ମହାବିଦ୍ୟାଳୟକୁ ଆସୁଥିବା ଶତାଧିକ ଛାତ୍ରଛାତ୍ରୀ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ମହାବିଦ୍ୟାଳୟ ପରିସରରେ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ କ୍ୟାମ୍ପସରୁ ବାହାରି ମହାରାଜପୁର-ହୋଲି ପ୍ୟାଲେସ୍ ସଡ଼କ ସହିତ ପିଡବ୍ଲ୍ୟୁଡି ରାସ୍ତାକୁ କ୍ଷତି କରୁଛି। ଏହାର ପ୍ରଭାବ ମହାରାଜପୁର, ତଖତପୁର, ଲକ୍ଷ୍ମୀପୋଷି ଓ ଇନ୍ଦୁପାଳି ଅଞ୍ଚଳର ଲୋକଙ୍କ ଦୈନନ୍ଦିନ ଯାତାୟାତ ଉପରେ ମଧ୍ୟ ପଡୁଛି। ଏ ପରିପ୍ରେକ୍ଷୀରେ ପୂର୍ବତନ ସାଂସଦ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବା ସହ ସର୍ଭେ କରାଇ ଆବଶ୍ୟକ ଆକଳନ ପ୍ରସ୍ତୁତ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚଶିକ୍ଷା ବିଭାଗ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ସ୍ଥାନୀୟ ଶିକ୍ଷାବିତ୍ ଓ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ଯେ, ଏହି ପ୍ରସ୍ତାବକୁ ସରକାର ଗୁରୁତର ସହ ବିଚାର କରି ଶୀଘ୍ର ଅର୍ଥ ମଞ୍ଜୁର କଲେ ଛାତ୍ରଛାତ୍ରୀଙ୍କ ଯାତାୟାତ ସୁରକ୍ଷିତ ହେବା ସହ ବର୍ଷାଜନିତ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ହେବ।

# ବିଶ୍ୱବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା

ବାରିପଦା୧୨।୮ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟସେବା ଯୋଜନା ବ୍ୟୁରୋ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଛି। କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ ପ୍ରିୟରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡ ଅନାମ ଚରଣ ରାଉଳଙ୍କ ସମେତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, କର୍ମଚାରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଏମ୍‌ପିସି ସ୍ୱୟଂଶାସିତ କଲେଜ, ଏମ୍‌ସିଏଏମ୍ କଲେଜ, ବାରିପଦା କଲେଜରୁ ଆସିଥିବା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ଏହି ଶୋଭାଯାତ୍ରା ଦେଶପ୍ରେମର ଉତ୍ସାହ ଓ ଜାତୀୟତାବାଦୀ ଭାବନାରେ ପରିପୂର୍ଣ୍ଣ ହୋଇଉଠିଥିଲା।


# ସ୍ୱାଧୀନତା ଦିବସ ଅବସରରେ ତର୍କ ପ୍ରତିଯୋଗିତା

ବାରିପଦା, ୧୪।୮(ସମିସ): ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଆନ୍ତଃମହାବିଦ୍ୟାଳୟସ୍ତରୀୟ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ନାୟକଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏକ ସଶକ୍ତ ସୁଦୃଢ ଭାରତ ଗଠନରେ ଶିକ୍ଷାର ଭୂମିକା ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ୩୬ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗୀଙ୍କ ବକ୍ତୃତ୍ୱ ଶୈଳୀ, ଯୁକ୍ତିର ଉପସ୍ଥାପନା, ତଥ୍ୟଭିତ୍ତିକ ବିଶ୍ଳେଷଣ ଓ ବିଷୟବସ୍ତୁର ଗଭୀରତା ସମସ୍ତଙ୍କୁ ଆକର୍ଷିତ କରିଥିଲା। ବିଚାରକ ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପୁଷ୍ପା ପାତ୍ର, ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ ଜେନା ଓ ଓଡ଼ିଆ ବିଭାଗ ଅଧ୍ୟାପକ ମାନସ ସେଠୀ ପ୍ରତିଯୋଗୀଙ୍କ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ପଦାର୍ଥ ବିଜ୍ଞାନ ବିଭାଗ ସ୍ନାତକୋତ୍ତର ଛାତ୍ରୀ ଦୀକ୍ଷା ଅଗ୍ରୱାଲ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ପ୍ରତିଜ୍ଞା ଗିରି ଦ୍ୱିତୀୟ ଓ ବିଷ୍ଣୁପ୍ରିୟା ରାଉଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।









# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।

-ଶ୍ରୀଅରବିନ୍ଦ

ସକାଳ
THE SAKALA

## ଆଶାର କିରଣ

ଆଜି ସ୍ୱାଧୀନତାର ଦୀର୍ଘବର୍ଷର ଉପଲବ୍ଧି ବିଷୟରେ ଆତ୍ମସମୀକ୍ଷା କରିବା ବେଳେ ଯେଉଁ ନିର୍ଣ୍ଣାୟକ ଓ ଐତିହାସିକ ପ୍ରସଙ୍ଗଟି ପ୍ରଥମେ ମନକୁ ଆସୁଛି ତାହା ନିଶ୍ଚିତ ଭାବେ ଯେ ନିକଟକରେ ଦିଲ୍ଲୀର ଯନ୍ତରମନ୍ତରରେ ଆୟୋଜିତ କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଅହିଂସ ଆନ୍ଦୋଳନ - ଏହାକୁ ଯେ କେହି ସ୍ୱୀକାର କରିବେ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ବାହୁବଳ ଓ ଅର୍ଥବଳ କବଳିତ ବୋଲି ଯେଉଁ ଧାରଣାଟି କ୍ରମଶଃ ଦୃଢ଼ ହୋଇଆସୁଥିଲା ତାହାକୁ ପ୍ରତିହତ କରିବାରେ ଛାତ୍ର ଓ ଯୁବଶକ୍ତି ସଫଳ ହୋଇଥିବା ଏଥିରୁ ପ୍ରମାଣିତ ହୋଇଛି। ଅଧିକନ୍ତୁ ରାଷ୍ଟ୍ରଗଠନରେ ଯେ ଛାତ୍ର ଓ ଯୁବଶକ୍ତି ସମ୍ବେଦନଶୀଳ ଏହି ଆଶ୍ୱାସନା ମିଳିଛି। ଆଉ ମାତ୍ର ୨୦ ବର୍ଷ ପରେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହା ଏକ ଶୁଭସଙ୍କେତ ନିଶ୍ଚୟ। ସ୍ୱାଧୀନତାର ୮୦ ବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ଭାରତୀୟ ଛାତ୍ର-ଯୁବ ସମାଜ ଅନ୍ତତଃ ଏହି ବାର୍ତ୍ତା ଦେଇଛନ୍ତି ଯେ କେବଳ ବରିଷ୍ଠ ଓ ଅଭିଜ୍ଞମାନେ ହିଁ ନୁହନ୍ତି, ଆମେ ମଧ୍ୟ ଭବିଷ୍ୟତର ଡୋରି ସମ୍ଭାଳିବାକୁ ସକ୍ଷମ।

ସିଜେପି ଆନ୍ଦୋଳନର ନେତୃତ୍ୱ ଛାତ୍ର-ଯୁବଶକ୍ତି ନେଇଥିଲେ ହେଁ ସେଥିରେ ସମଗ୍ର ଦେଶର ସ୍ୱର ସେଥିରେ ପ୍ରତିଫଳନ ଘଟିଥିଲା। ଦେଶବାସୀଙ୍କ ସୁପ୍ତ ପୀଡ଼ିତ ଅନ୍ତଃସ୍ୱରକୁ ସାର୍ବଜନିନ କରିବାରେ ସେମାନେ ଏଭଳି ଏକ ମଞ୍ଚ ପ୍ରଦାନ କରିଥିଲେ, ଯେଉଁଥିରେ ଗଣତନ୍ତ୍ର, ଅହିଂସା, ଅଭିବ୍ୟକ୍ତି ସ୍ୱାଧୀନତାର ସମାବେଶ ଘଟିଥିଲା। ଭାରତୀୟ ଗଣତନ୍ତ୍ର ପାଇଁ ଏହାଠାରୁ ବଳି ଉପଲବ୍ଧି ଆଉ କ'ଣ ହୋଇପାରେ! ବୁଦ୍ଧଙ୍କ ଭୂମିରେ ଅହିଂସା ଏବେ ମଧ୍ୟ ଗଣତନ୍ତ୍ରର ସ୍ୱର ହୋଇରହିଛି ଏହା ବିଶ୍ୱବାସୀ ପ୍ରତ୍ୟକ୍ଷ ଅନୁଭବ କଲେ। ତେଣୁ ସିଜେପିର ଆନ୍ଦୋଳନ ଓ ଉପଲବ୍ଧିକୁ କେବଳ ଅଭୂତପୂର୍ବ ଆଖ୍ୟା ଦେଲେ ତାହା ଯଥେଷ୍ଟ ହେବ ନାହିଁ। ବରଂ ସ୍ୱୈରଚାରର କଳାଚାଦରରେ ଗଣତନ୍ତ୍ରକୁ ଢାଙ୍କିବାକୁ ହେଉଥିବା ଉଦ୍ୟମକୁ ପଣ୍ଡ କରିବାରେ ଅମୋଘ ଅସ୍ତ୍ର ଏବଂ ଗଣତନ୍ତ୍ରର ସଞ୍ଜୀବନୀ ଭାବରେ ଏହାକୁ ତୁଳନା କଲେ ନ୍ୟାୟୋଚିତ ହେବ।

ସ୍ୱାଧୀନ ଭାରତର ସାମ୍ପ୍ରତିକ ମହାସଙ୍କଟ ହେଉଛି ସାମାଜିକ-ଆର୍ଥିକ ବୈଷମ୍ୟ ଏବଂ ମହାଅଭିଯୋଗ ହେଉଛି ସ୍ୱାଧୀନତା ଅଭିବ୍ୟକ୍ତିର କଣ୍ଠରୋଧ। ଅଭିବ୍ୟକ୍ତିର କଣ୍ଠରୋଧ ହେଲେ ଦେଶର ବାସ୍ତବ ସମସ୍ୟା ଲୋକଲୋଚନକୁ ଆସିପାରିବ ନାହିଁ କି ଏହାର ସମାଧାନ ମଧ୍ୟ ହୋଇପାରିବ ନାହିଁ। ଧୀରେ ଧୀରେ ଦେଶ ପୁଣି ଥରେ ବାହୁବଳୀ ଓ ପ୍ରତିପତ୍ତି ଧନିକ ଗୋଷ୍ଠୀଙ୍କ କବଳକୁ ଚାଲିଯିବ। ଏହି ପରିପ୍ରେକ୍ଷୀରେ କୌଣସି ପ୍ରଲୋଭନ ଓ ନାଲି ଆଖିକୁ ଭ୍ରୂକ୍ଷେପ ନ କରି ଛାତ୍ର-ଯୁବସମାଜ ଯେଉଁ ସାହସିକତା ପ୍ରଦର୍ଶନ କରିଛନ୍ତି ତାହା ଗଣତନ୍ତ୍ର ପାଇଁ ସଞ୍ଜୀବନୀ ନିଶ୍ଚୟ।

୨୦୪୭- ଭାରତ ଆଗରେ ଏବେ ଅନେକ ଆହ୍ୱାନ। ଭୂ-ରାଜନୀତିରେ ଏକପକ୍ଷରେ ଆମେରିକା ଓ ଅନ୍ୟପକ୍ଷରେ ଚୀନ୍‌ର ଆଧିପତ୍ୟ ବଢ଼ିଚାଲିଥିବା ବେଳେ ଭାରତ କେଉଁ ପକ୍ଷ ନେବ ନା ନିରପେକ୍ଷ ରହିବ ଏହି ଦ୍ୱନ୍ଦ୍ୱ ଅହରହ ଘାରୁଛି। ପାକିସ୍ତାନ-ତୁର୍କୀ-ସାଉଦି ଆରବର ସାମରିକ ମେଣ୍ଟ ଗଠନ ପରେ ଭାରତ ପ୍ରତି ପଡ଼ୋଶୀଙ୍କଠାରୁ ବିପଦ ବଢ଼ିଛି। ଆମେରିକାର ବାରମ୍ବାର ଧମକ ଭାରତର ବାଣିଜ୍ୟ ଅର୍ଥନୀତିକୁ ବଶମ୍ବଦ କରିବାକୁ ବାଧ୍ୟ କରୁଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଅବନତି ଭାରତର ଅର୍ଥନୈତିକ ମହାଶକ୍ତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଦରଦାମ ବଢ଼ୁଛି; ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ସ୍ଥିତି ଦୁର୍ବଳ ହୋଇଚାଲିଛି। ସରକାରୀ ସ୍କୁଲ୍, ସରକାରୀ ଡାକ୍ତରଖାନା ସଂଖ୍ୟା କମୁଛି; ଅପରକ୍ଷରେ ଏହି ଦୁଇ କ୍ଷେତ୍ରରେ ଘରୋଇ ସଂସ୍ଥାଙ୍କ ଆଧିପତ୍ୟ ବଢ଼ୁଛି। ଗାନ୍ଧୀଜୀଙ୍କ ନିଶାମୁକ୍ତ ସମାଜର ବିପରୀତ ଦିଗରେ ଭାରତ ଗତି କରୁଛି। ଜଳବାୟୁ ପରିବର୍ତ୍ତନ ଉତ୍କଟ ହେବାରେ ଲାଗିଛି।

ଏହି ପୃଷ୍ଠଭୂମିରେ ଛାତ୍ର-ଯୁବଶକ୍ତିଙ୍କ ସ୍ୱଚ୍ଛ-ଦୁର୍ନୀତିମୁକ୍ତ-ଉତ୍ତରଦାୟୀ ଶାସନ ବ୍ୟବସ୍ଥା ପ୍ରତି ଅଙ୍ଗୀକାରବଦ୍ଧତା ନୂଆ ଆଶା ସଞ୍ଚାର କରିଛି। ଆଶାର କିରଣ ଆହୁରି ଦୀପ୍ତିମନ୍ତ ହୋଇ ଭାରତକୁ ଉଦ୍‌ଭାସିତ କରୁ। ପୁଣି ଥରେ ସୁନାର ଭାରତ ଗଢ଼ି ଉଠୁ। ଗଣତନ୍ତ୍ର ଦିବସର ମହାର୍ଘ ମୁହୂର୍ତ୍ତରେ ଏହି କାମନା କରିବା।

## ଜେନ୍ ଜେଡ୍-ଅର୍ଥନୀତି

ସାଧାରଣତଃ ଏକ ଧାରଣା ରହି ଆସିଛି ଯେ ଜେନ୍ ଜେଡ୍ ବର୍ଗ(୨୦୦୦ ମସିହା ପରେ ଜନ୍ମିତ) ଆର୍ଥିକ ଉଚ୍ଛୃଙ୍ଖଳ। କ୍ରମଶଃ ବଜାରର ଆକାର ଓ ପ୍ରକାର ବଢ଼ିବା ସହିତ ବହୁବିଧ ଉପଭୋକ୍ତା ସାମଗ୍ରୀ ଏବଂ ପିତାମାତାଙ୍କ ରୋଜଗାର ବୃଦ୍ଧି ଜେନ୍ ଜେଡ୍‌ଙ୍କ ଆର୍ଥିକ ଶୃଙ୍ଖଳାରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ସମାଜ ବିଜ୍ଞାନୀମାନଙ୍କ ମତ। ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ତଥ୍ୟ ଅନୁଯାୟୀ ଜେନ୍‌ଜେଡ୍ ବର୍ଗର ଅନିୟନ୍ତ୍ରିତ ଖର୍ଚ୍ଚ ଯୋଗୁଁ ଋଣ ଭାର ବଢ଼ିବାରେ ଲାଗିଛି। ଅତ୍ୟାଧୁନିକ ଯୁବପିଢ଼ିକୁ 'ଡିଜିଟାଲ୍-ପିଢ଼ି' ଭାବରେ ମଧ୍ୟ ଅଭିହିତ କରାଯାଉଛି। ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫାର ୯୦% ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ଉପରେ ନିର୍ଭର କରୁଥିବା ବେଳେ ୮୪% ୟୁପିଆଇ ଜରିଆରେ ଆର୍ଥିକ ଦେଣନେଣ କରୁଛନ୍ତି। 'ଏବେ କିଣ ପରେ ଦେବ(ବାୟ ନାଓ ପେ ଲେଟର)' ସୂତ୍ରରେ ସେମାନେ ଅନୁପ୍ରାଣିତ ହୋଇଥିବା କୁହାଯାଉଛି। ଏଣୁ ଉତ୍ପାଦକମାନେ ଏବେ ସେମାନଙ୍କ ଉତ୍ପାଦକୁ ଜେନ୍‌ଜେଡ୍ ଓ ଜେନ୍ ଆଲ୍‌ଫା କୈନ୍ଦ୍ରିକ ପାଇଁ ଯୋଜନା କରୁଛନ୍ତି।

ଅପରପକ୍ଷରେ ନିକଟରେ ଏକ ସର୍ବେକ୍ଷଣରୁ ପ୍ରାପ୍ତ ସିଦ୍ଧାନ୍ତ ଉପରୋକ୍ତ ବ୍ୟାଖ୍ୟାନକୁ ଭୁଲ୍ ପ୍ରମାଣିତ କରିଛି। ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଜେନ୍ ଜେଡ୍ ବର୍ଗ ମିତବ୍ୟୟୀ; ଅର୍ଥାତ୍ ଦେଖି ଚାହିଁ ଟଙ୍କା ଖର୍ଚ୍ଚ କରନ୍ତି ଏବଂ ସଞ୍ଚୟ ପ୍ରତି ଅଧିକ ଯତ୍ନଶୀଳ। ଆଇଆଇଏମ୍ ଉଦୟପୁର ଦ୍ୱାରା କରାଯାଇଥିବା ଏହି ସର୍ବେକ୍ଷଣରେ ବାର୍ଷିକ ୧୫ ଲକ୍ଷ ଟଙ୍କା ଆୟ କରୁଥିବା ପରିବାରର ସନ୍ତାନସନ୍ତତିଙ୍କୁ ସାମିଲ୍ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ କେତେକ ପେସାଦାର(ନିଯୁକ୍ତ) ଓ ଛାତ୍ରଛାତ୍ରୀ ଥିଲେ। ପୁଣି ସେମାନଙ୍କ ମଧ୍ୟରୁ ୩୦% ସ୍ୱଉପାର୍ଜନକ୍ଷମ ଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୮୪% ସଞ୍ଚୟ କରୁଥିବା କହିଥିବା ବେଳେ ୬୦% ଅନ୍ତତଃ ଆଗାମୀ ତିନିମାସର ଖର୍ଚ୍ଚ ପାଇଁ ଜରୁରିକାଳୀନ ପାଣ୍ଠି ଗଠନ କରିଛନ୍ତି। ୨୮% ସେମାନଙ୍କ ଆୟର ୧୦-୨୫% ସଞ୍ଚୟ କରୁଛନ୍ତି। ଏହା ନୂଆ ଯୁବପିଢ଼ିଙ୍କ ଆର୍ଥିକ ସଚେତନତା, ଆର୍ଥିକ ବିପର୍ଯ୍ୟୟଜନିତ ପ୍ରାକ୍‌ପ୍ରସ୍ତୁତି, ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ପରିଚାଳନାକୁ ସୂଚୀତ କରୁଛି। ପୁଣି ଦୁଇ-ତୃତୀୟାଂଶଙ୍କ ଡିମାଟ୍ ଆକାଉଣ୍ଟ ରହିଛି।

ଏବେ ବଜାର ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ତେଣୁ କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଏକାଧିକ ସମୀକ୍ଷା, ତର୍ଜମା ଆଧାରିତ ସିଦ୍ଧାନ୍ତ ଆବଶ୍ୟକ। ଆଗାମୀ ଦିନରେ ବ୍ୟାଖ୍ୟାନ ନୁହେଁ, ବାସ୍ତବତା ହିଁ ନିର୍ଣ୍ଣାୟକ ହେବ। ଭାରତର ଅର୍ଥନୀତି ଜେନ୍-ଜେଡ୍ କୈନ୍ଦ୍ରିକ ହେବାକୁ ଯାଉଥିବାରୁ ଅର୍ଥନୀତିର ନୂଆ ତତ୍ତ୍ୱ ଜନ୍ମ ନେବ।

# ଉପଲବ୍ଧିର ଶିଖରରେ ଅସମ୍ପୂର୍ଣ୍ଣତାର ଛାୟା

**ମାନସ କୁମାର କର**

ଭାରତ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି, ସେଠାରେ ପହଞ୍ଚିବାର ଯାତ୍ରା ଆଦୌ ସହଜ ନଥିଲା। ସ୍ୱାଧୀନତା ସମୟର ଦୁର୍ବଳ ଅର୍ଥନୀତି, ଖାଦ୍ୟ ସଙ୍କଟ, ନିରକ୍ଷରତା, ଅନୁନ୍ନତ ଶିଳ୍ପ ବ୍ୟବସ୍ଥା ଓ ସୀମିତ ଭିତ୍ତିଭୂମିରୁ ଆରମ୍ଭ କରି ଆଜିର ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ, ପ୍ରଯୁକ୍ତିଗତ ଓ ମାନବ ସମ୍ପଦର ଶକ୍ତି ଭାବେ ନିଜର ଉପସ୍ଥିତି ଜାହିର କରିପାରିଛି। ମହାକାଶ ବିଜ୍ଞାନରୁ ଡିଜିଟାଲ ଅର୍ଥନୀତି, ଔଷଧ ଶିଳ୍ପରୁ ଭିତ୍ତିଭୂମି, ଷ୍ଟାର୍ଟଅପ୍‌ରୁ ଉଦ୍ୟମିତା ଆଦି ବିଭିନ୍ନ କ୍ଷେତ୍ରରେ ଭାରତର ଅଗ୍ରଗତି ନିଶ୍ଚିତ ଭାବେ ଗର୍ବର ବିଷୟ। କିନ୍ତୁ ବିକାଶର ଏହି ଯାତ୍ରାକୁ କେବଳ ଉପଲବ୍ଧିର ଆଲୋକରେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ରହିଯିବ। ଆଲୋକ ଯେଉଁଠି ଅଛି, ସେଠି ଛାୟା ମଧ୍ୟ ରହିଥାଏ। ଦେଶର ବୃଦ୍ଧିଶୀଳ ଅର୍ଥନୀତି, ଆଧୁନିକ ସହର, ଦ୍ରୁତ ଗତିରେ ନିର୍ମିତ ରାଜପଥ ଓ ପ୍ରଯୁକ୍ତିଗତ ସଫଳତା ଆମକୁ ଗର୍ବିତ କରେ; କିନ୍ତୁ ସମାଜର ଶେଷ ଧାଡ଼ିରେ ଥିବା ମଣିଷଟିର ଜୀବନରେ ବିକାଶର ଆଲୋକ କେତେ ଗଭୀର ଭାବେ ପହଞ୍ଚିଛି - ଏହି ପ୍ରଶ୍ନ ମଧ୍ୟ ସେତିକି ଗମ୍ଭୀର।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଆଜି ମଧ୍ୟ ଆମକୁ ଏକ ମୌଳିକ ମାପଦଣ୍ଡ ଦେଇଥାଏ। ଗାନ୍ଧୀଙ୍କ ପାଇଁ ଭାରତର ବିକାଶ କେବଳ ଅର୍ଥନୈତିକ ସମୃଦ୍ଧିର ପ୍ରଶ୍ନ ନଥିଲା; ତାଙ୍କ ଭାରତର ସ୍ୱପ୍ନର କେନ୍ଦ୍ରରେ ଥିଲେ ସାଧାରଣ ମଣିଷ। ସମାଜର ସବୁଠାରୁ ଦୁର୍ବଳ ମଣିଷଟିର ମୁହଁକୁ ମନେ ପକାଇ ନିଷ୍ପତ୍ତି ନେବାର ତାଙ୍କର ଆହ୍ୱାନ ଆଜିର ବିକାଶ ଚର୍ଚ୍ଚାରେ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। ଗାନ୍ଧୀଙ୍କ ଚିନ୍ତାରେ ଗାଁ ଥିଲା ଭାରତର ଆତ୍ମା। ଆଜି ଭାରତ ସହରୀକରଣ, ଶିଳ୍ପାୟନ ଓ ଡିଜିଟାଲ ବିପ୍ଳବ ଦ୍ରୁତ ଗତିରେ ଆଗେଇ ଯାଉଥିବା ବେଳେ ଗାଁର ଜୀବନ, କୃଷକଙ୍କ ଆୟ, ଗ୍ରାମୀଣ ରୋଜଗାର, ମୌଳିକ ସ୍ୱାସ୍ଥ୍ୟ ଓ ଶିକ୍ଷାର ପ୍ରଶ୍ନକୁ ଅବହେଳା କରାଯାଇପାରିବ ନାହିଁ। ଗାନ୍ଧୀଙ୍କ ଗ୍ରାମସ୍ୱରାଜର ଧାରଣାକୁ ଆଜିର ସମୟରେ ନୂଆ ଅର୍ଥ ଦେବାର ଆବଶ୍ୟକତା ରହିଛି, ଯେଉଁଠି ଗାଁ କେବଳ ସହରକୁ ଶ୍ରମ ଯୋଗାଇବ ନାହିଁ, ବରଂ ନିଜେ ଶିକ୍ଷା, ଉଦ୍ୟମ, କୃଷି-ପ୍ରକ୍ରିୟାକରଣ ଓ ରୋଜଗାରର କେନ୍ଦ୍ର ହୋଇପାରିବ। ଗାନ୍ଧୀଙ୍କ ସ୍ୱଦେଶୀ ଚିନ୍ତାଧାରାକୁ ଆଜିର ପରିପ୍ରେକ୍ଷୀରେ ଦେଖିଲେ ସ୍ଥାନୀୟ ଉତ୍ପାଦନ, ସ୍ଥାନୀୟ ଉଦ୍ୟମ ଓ ସ୍ଥାନୀୟ ରୋଜଗାରକୁ ଶକ୍ତିଶାଳୀ କରିବାର ଗୁରୁତ୍ୱ ସ୍ପଷ୍ଟ ହୁଏ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିପାରିଲେ ଗ୍ରାମରୁ ସହରକୁ ଅନିବାର୍ଯ୍ୟ ପ୍ରବାସର ଚାପ ମଧ୍ୟ କମିପାରିବ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ସହିତ ଆଉ ଏକ ପ୍ରଶ୍ନ ହେଉଛି ବୈଷମ୍ୟ। ଏକ ପଟେ ଅତ୍ୟାଧୁନିକ ଜୀବନଶୈଳୀ, ଅନ୍ୟ ପଟେ ମୌଳିକ ସୁବିଧା ପାଇଁ ସଂଘର୍ଷ ଏହି ଦୁଇ ଚିତ୍ର ଏକା ସମୟରେ ଦେଖାଯିବା ବିକାଶର ସମାବେଶୀ ସ୍ୱରୂପ ଉପରେ ପ୍ରଶ୍ନ ଉଠାଏ। ଅର୍ଥନୀତି, ଶିଳ୍ପ ବଢ଼ିବା ଦରକାର, ପୁଞ୍ଜିନିବେଶ ଆସିବା ଦରକାର; କିନ୍ତୁ ଏହାର ସୁଫଳ ସମାଜର ବ୍ୟାପକ ବର୍ଗ ପାଖରେ ପହଞ୍ଚିବା ମଧ୍ୟ ଆବଶ୍ୟକ। ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ଧାରଣା ଏଠାରେ ମନେ ପଡ଼େ। ସମ୍ପଦର ମାଲିକାନା ଯାହାଙ୍କ ହାତରେ ଥାଉ, ତାହାର ବ୍ୟବହାର ସମାଜର ବ୍ୟାପକ ମଙ୍ଗଳ ପାଇଁ ହେବା ଉଚିତ - ଏହି ଚିନ୍ତା ଆଜିର କର୍ପୋରେଟ୍ ଓ ଅର୍ଥନୈତିକ ଯୁଗରେ ନୂଆ ଭାବେ ଚିନ୍ତା କରିବାର ଅବକାଶ ଦେଇଥାଏ।

ଭାରତର ସବୁଠାରୁ ବଡ଼ ସମ୍ପଦ ହେଉଛି ଏହାର ଯୁବଶକ୍ତି। କିନ୍ତୁ ଯୁବ ଜନସଂଖ୍ୟା ଅଧିକ ଥିଲେ ମଧ୍ୟ ତାହା ଜାତୀୟ ସମ୍ପଦରେ ପରିଣତ ହୁଏ ନାହିଁ। ଯୁବପିଢ଼ିକୁ ଗୁଣାତ୍ମକ ଶିକ୍ଷା, କୌଶଳ, ଗବେଷଣା, ଉଦ୍ୟମିତା ଓ ସମ୍ମାନଜନକ ରୋଜଗାର ଦେବାକୁ ହେବ। ଆଜି ଶିକ୍ଷିତ ଯୁବକଙ୍କ ମଧ୍ୟରେ ନିଜ ଯୋଗ୍ୟତା ଅନୁଯାୟୀ ସୁଯୋଗ ନ ପାଇବାର ଅସନ୍ତୋଷ ରହିଛି। ଦୀର୍ଘ ସମୟ ଧରି ଯୁବକ ନିଜ ଭବିଷ୍ୟତ ନେଇ ଅନିଶ୍ଚିତ ରହିଲେ ତାହାର ପ୍ରଭାବ କେବଳ ପରିବାର ଉପରେ ନୁହେଁ, ସମାଜ ଓ ଅର୍ଥନୀତି ଉପରେ ମଧ୍ୟ ପଡ଼େ। ତେଣୁ ଶିକ୍ଷା ସହିତ ରୋଜଗାରର ସମ୍ପର୍କକୁ ଦୃଢ଼ କରିବାକୁ ହେବ। କେବଳ ଡିଗ୍ରୀ ନୁହେଁ, ଦକ୍ଷତା ଓ ସୃଜନଶୀଳତା ଆଗାମୀ ଦିନର ପରିଚୟ ହେବା ଆବଶ୍ୟକ। ଗାନ୍ଧୀଜୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ମହିଳାଙ୍କୁ ବ୍ୟାପକ ଭାବରେ ଯୋଡ଼ିଥିଲେ। ତାଙ୍କ ପାଇଁ ସ୍ୱାଧୀନତା କେବଳ ରାଜନୈତିକ ମୁକ୍ତି ନଥିଲା; ଏହା ସାମାଜିକ ଓ ମାନବୀୟ ମୁକ୍ତିର ମଧ୍ୟ ଏକ ପ୍ରକ୍ରିୟା ଥିଲା। ଆଜି ମହିଳାମାନେ ଶିକ୍ଷା, ପ୍ରଶାସନ, ବିଜ୍ଞାନ, ଶିଳ୍ପ, କ୍ରୀଡ଼ା ଓ ରାଜନୀତିରେ ନୂଆ ସଫଳତା ହାସଲ କରୁଛନ୍ତି। ତଥାପି ସୁରକ୍ଷା, ସମାନ ଦରମା, ରୋଜଗାରର ସୁଯୋଗ ଓ ସାମାଜିକ ସମ୍ମାନର ପ୍ରଶ୍ନ ରହିଛି। ଆଇନ ଯେତିକି ଆବଶ୍ୟକ, ସାମାଜିକ ଚେତନାର ପରିବର୍ତ୍ତନ ସେତିକି ଆବଶ୍ୟକ।

ଭାରତର ବିକାଶ ଆଲୋଚନା କୃଷକଙ୍କୁ ବାଦ ଦେଇ ସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ଉତ୍ପାଦନ ଖର୍ଚ୍ଚ, ବଜାରର ଅନିଶ୍ଚିତତା ଓ ଛୋଟ ଜମି ଭଳି ସମସ୍ୟା କୃଷକଙ୍କ ଜୀବନକୁ ପ୍ରଭାବିତ କରୁଛି। ଓଡ଼ିଶା ପାଇଁ ଏହି ପ୍ରଶ୍ନ ଆହୁରି ଗୁରୁତ୍ୱପୂର୍ଣ୍ଣ। ଧାନଚାଷ ସହିତ ମାଛଚାଷ, ପଶୁପାଳନ, ଉଦ୍ୟାନଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଲକ୍ଷ ଲକ୍ଷ ପରିବାରର ଜୀବିକା ସହ ଜଡ଼ିତ। ଉତ୍ପାଦନ ବଢ଼ାଇବା ସହିତ କୃଷକଙ୍କ ଉତ୍ପାଦର ଉଚିତ ମୂଲ୍ୟ, ଭଣ୍ଡାରଣ, ପ୍ରକ୍ରିୟାକରଣ ଓ ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ହେବ।

ବିକାଶର ଜାତୀୟ ଚିତ୍ରରେ ଓଡ଼ିଶା ଆଜି ଏକ ପରିବର୍ତ୍ତିତ ରାଜ୍ୟ ଭାବେ ନିଜର ପରିଚୟ ଗଢ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିଳ୍ପାୟନ, ଭିତ୍ତିଭୂମି, କ୍ରୀଡ଼ା ଓ ପ୍ରଶାସନିକ ପରିଚାଳନାରେ ରାଜ୍ୟ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। କିନ୍ତୁ ଓଡ଼ିଶାର ଆଉ ଏକ ଚିତ୍ରକୁ ମଧ୍ୟ ଦେଖିବାକୁ ହେବ। ଖଣିଜ ସମ୍ପଦରେ ସମୃଦ୍ଧ ଅନେକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ପରିବେଶର ପ୍ରଶ୍ନ ଏବେ ମଧ୍ୟ ରହିଛି। ସମ୍ପଦ ଯେଉଁ ଅଞ୍ଚଳରୁ ଆସୁଛି, ସେଠାର ଲୋକଙ୍କ ଜୀବନମାନରେ ତାହାର ପ୍ରତିଫଳନ କେତେ ଦୃଶ୍ୟମାନ - ଏହି ପ୍ରଶ୍ନ ଗମ୍ଭୀର ଭାବରେ ଉଠିବା ଦରକାର। ବିଶେଷକରି ଆଦିବାସୀ ଅଞ୍ଚଳରେ ବିକାଶର ଅର୍ଥ କେବଳ ରାସ୍ତା କିମ୍ବା ଭବନ ନୁହେଁ। ଶିଶୁଙ୍କ ପାଇଁ ଭଲ ସ୍କୁଲ, ରୋଗୀଙ୍କ ପାଇଁ ନିକଟସ୍ଥ ଚିକିତ୍ସା, ଯୁବକଙ୍କ ପାଇଁ ରୋଜଗାର, ମହିଳାଙ୍କ ପାଇଁ ସୁରକ୍ଷା ଓ ସ୍ୱାବଲମ୍ବନ ଏବଂ ସ୍ଥାନୀୟ ସମୁଦାୟର ଅଧିକାର ଓ ସମ୍ମାନ - ଏସବୁ ମିଶିଲେ ହିଁ ବିକାଶର ପ୍ରକୃତ ଅର୍ଥ ପୂରଣ ହେବ। ଦ୍ରୁତ ଶିଳ୍ପାୟନ ଓ ସହରୀକରଣର ଯୁଗରେ ପରିବେଶ ସୁରକ୍ଷାକୁ ଅଣଦେଖା କରିବାର ସୁଯୋଗ ନାହିଁ। ଜଳସଙ୍କଟ, ବାୟୁ ପ୍ରଦୂଷଣ, ଜଙ୍ଗଲ ହ୍ରାସ ଓ ଜଳବାୟୁ ପରିବର୍ତ୍ତନ ଆଉ କେବଳ ପରିବେଶବିତ୍‌ଙ୍କ ବିଷୟ ନୁହେଁ; ଏହା କୃଷକ, ଶ୍ରମିକ, ଶିଶୁ ଓ ସାଧାରଣ ମଣିଷର ଜୀବନ ସହ ଜଡ଼ିତ। ଓଡ଼ିଶାର ସମୁଦ୍ରତଟ, ଜଙ୍ଗଲ, ନଦୀ ଓ ଜୈବବିବିଧତା ରାଜ୍ୟର ଅମୂଲ୍ୟ ସମ୍ପଦ। ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ନ ରଖିଲେ ଆଜିର ଅର୍ଥନୈତିକ ଲାଭ ଆସନ୍ତାକାଲିର ବିପର୍ଯ୍ୟୟର କାରଣ ହୋଇପାରେ।

ଆଜି ଯେତେବେଳେ ଆମେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡିଜିଟାଲ ଅର୍ଥନୀତି ଓ ସ୍ମାର୍ଟ ସିଟିର କଥା କହୁଛୁ, ସେତେବେଳେ ଗାନ୍ଧୀଙ୍କ ଚିନ୍ତାର ମୂଳ କଥାଟିକୁ ଭୁଲିବା ଉଚିତ ନୁହେଁ, ବିକାଶର କେନ୍ଦ୍ରରେ ମଣିଷ ରହିବା ଦରକାର। ପ୍ରଯୁକ୍ତି ମଣିଷର ଜୀବନକୁ ସରଳ କରିପାରେ, ଅର୍ଥନୀତିକୁ ଦ୍ରୁତ କରିପାରେ, ଉତ୍ପାଦନ ବଢ଼ାଇପାରେ। କିନ୍ତୁ ପ୍ରଯୁକ୍ତି ମାନବୀୟତାର ବିକଳ୍ପ ନୁହେଁ। ଅର୍ଥନୈତିକ ସଫଳତା ସହିତ ସାମାଜିକ ନ୍ୟାୟ, ସହାନୁଭୂତି, ସତ୍ୟ, ଅହିଂସା ଓ ମାନବୀୟ ମର୍ଯ୍ୟାଦାର ମୂଲ୍ୟକୁ ଜୀବନ୍ତ ରଖିବା ଦରକାର। ଭାରତର ଉପଲବ୍ଧି ଆମକୁ ଗର୍ବ କରିବାର ଅଧିକାର ଦେଇଛି। ଓଡ଼ିଶାର ଅଗ୍ରଗତି ମଧ୍ୟ ଆଶା ସୃଷ୍ଟି କରିଛି। କିନ୍ତୁ ଗଣତନ୍ତ୍ରରେ ଆତ୍ମସମୀକ୍ଷା ଦୁର୍ବଳତାର ଲକ୍ଷଣ ନୁହେଁ; ଏହା ଦାୟିତ୍ୱଶୀଳ ସମାଜର ପରିଚୟ। ଯେଉଁ ଗାଁରେ ଭଲ ସ୍କୁଲ ନାହିଁ, ଯେଉଁ ପରିବାର ଚିକିତ୍ସା ଖର୍ଚ୍ଚରେ ଆର୍ଥିକ ଭାବେ ଦୁର୍ବଳ ହୋଇଯାଏ, ଯେଉଁ ଯୁବକ ଯୋଗ୍ୟତା ସତ୍ତ୍ୱେ ରୋଜଗାର ଖୋଜି ଦୂର ରାଜ୍ୟକୁ ଯାଏ, ଯେଉଁ କୃଷକ ପାଣିପାଗ ଓ ବଜାର ସହ ଲଢ଼ୁଛନ୍ତି, ଯେଉଁ ଆଦିବାସୀ ପରିବାର ନିଜ ଅଞ୍ଚଳର ସମ୍ପଦ ମଧ୍ୟରେ ରହି ମୌଳିକ ସୁବିଧା ପାଇଁ ଅପେକ୍ଷା କରୁଛି ସେମାନଙ୍କ ଜୀବନରେ ବିକାଶର ଆଲୋକ କେତେ ଦୂର ପହଞ୍ଚିଛି, ତାହା ହିଁ ଆମର ପ୍ରକୃତ ପରୀକ୍ଷା।

ଗାନ୍ଧୀଙ୍କ ଭାରତର ସ୍ୱପ୍ନ ଥିଲା ଏମିତି ଏକ ଭାରତ, ଯେଉଁଠି ଦୁର୍ବଳ ମଣିଷ ନିଜକୁ ଅସହାୟ ମନେ କରିବ ନାହିଁ, ଯେଉଁଠି ଗାଁ ଓ ସହର ମଧ୍ୟରେ ବିକାଶର ଗଭୀର ଖାଇ ରହିବ ନାହିଁ, ଯେଉଁଠି ସମୃଦ୍ଧି ସହିତ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦା ମଧ୍ୟ ସୁନିଶ୍ଚିତ ହେବ। ଆଜି ଆମେ ଯେତେବେଳେ ନୂଆ ଭାରତ ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଛୁ, ସେତେବେଳେ ଗାନ୍ଧୀଙ୍କ ସେହି ମାନବକୈନ୍ଦ୍ରିକ ଦୃଷ୍ଟିକୋଣକୁ ନୂଆ ସମୟର ଆବଶ୍ୟକତା ସହ ଯୋଡ଼ିବାକୁ ହେବ। କାରଣ ରାଷ୍ଟ୍ରର ପ୍ରକୃତ ଶକ୍ତି କେବଳ ତାହାର ଅର୍ଥନୀତିର ଆକାରରେ ନୁହେଁ, ସବୁଠାରୁ ଦୁର୍ବଳ ମଣିଷଟିର ମୁହଁରେ ଫୁଟିଉଠୁଥିବା ନିରାପତ୍ତା, ସମ୍ମାନ ଓ ଆଶାର ହସରେ ରହିଛି।

ଭାରତର ଯାତ୍ରା ଏଯାବତ୍ ଅସମ୍ପୂର୍ଣ୍ଣ। ଓଡ଼ିଶାର ଯାତ୍ରା ମଧ୍ୟ ଅସମ୍ପୂର୍ଣ୍ଣ। କିନ୍ତୁ ଏହି ଅସମ୍ପୂର୍ଣ୍ଣତା ଆମର ଦୁର୍ବଳତା ନୁହେଁ। ଏହା ଆମକୁ ଆହୁରି ଭଲ ଭାରତ ଏବଂ ଆହୁରି ସମୃଦ୍ଧ, ସମ୍ମାନ ଓ ମାନବୀୟ ଓଡ଼ିଶା ଗଢ଼ିବାର ପ୍ରେରଣା ଦେଉଛି। ଉପଲବ୍ଧି ଆମକୁ ଗର୍ବ ଦେଉ, କିନ୍ତୁ ଆହ୍ୱାନ ଆମକୁ ସଚେତନ ରଖୁ। ବିକାଶ ଆମକୁ ଆଗକୁ ନେଉ, କିନ୍ତୁ ମାନବୀୟତା ଆମର ଦିଗ ନିର୍ଦ୍ଦେଶ କରୁ - ଏହା ହେଉ ଆଗାମୀ ଭାରତ ଏବଂ ଓଡ଼ିଶା ପାଇଁ ସବୁଠାରୁ ବଡ଼ ସଙ୍କଳ୍ପ।

କୋଡାଙ୍ଗ(କୋଣାର୍କ)
ମୋ: ୭୩୮୧୩୮୨୨୧୦

# ବ୍ରିଟିଶରାଜ ଓ ଭାରତୀୟ ଗୁପ୍ତ ସଂଗଠନ

**ଡ. ପ୍ରଦୀପ କୁମାର ନାୟକ**

ଆମ ସମସ୍ତଙ୍କର ଧାରଣା ଅଛି ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଅହିଂସା ଓ ଶାନ୍ତିପୂର୍ଣ୍ଣ ପଦ୍ଧତିରେ ଚାଲିଥିଲା। ଭାରତୀୟ ଜାତୀୟ କଂଗ୍ରେସର ଅନେକ ତୁଙ୍ଗ ନେତା ଯାହାଙ୍କୁ ସମସ୍ତ ଦେଶବାସୀ ନରମପନ୍ଥୀ ବୋଲି କହୁଥିଲେ ଯଥା ମୋତିଲାଲ ନେହେରୁ, ଜବାହରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଅବୁଲ କଲାମ ଆଜାଦ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସରୋଜିନୀ ନାଇଡୁ ଏବଂ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ୧୯୧୫ ସାଲରେ ଭାରତକୁ ଆସିବା ପୂର୍ବରୁ ଦାଦାଭାଇ ନାରୋଜି, ଗୋପାଳ କ୍ରିଷ୍ଣ ଗୋଖଲେ ଆଦି ନେତା ଶାନ୍ତିପୂର୍ଣ୍ଣ ଭାବେ ଭାରତ ପାଇଁ ସ୍ୱାଧୀନତା ଆଣିବାର ପ୍ରୟାସ କରିଥିଲେ। କିନ୍ତୁ ସେହି କଂଗ୍ରେସ ଦଳର ନେତାଜୀ ସୁଭାଷ ବୋଷ, ଲାଲା ଲଜପତ ରାୟ, ବାଳ ଗଙ୍ଗାଧର ତିଳକ ଓ ବିପିନ ଚନ୍ଦ୍ର ପାଲଙ୍କ ଭଳି ଚରମପନ୍ଥୀ ମଧ୍ୟ ଥିଲେ ଏବଂ ଶକ୍ତି, ହିଂସା ଓ ବଳ ପ୍ରୟୋଗ ଦ୍ୱାରା ବ୍ରିଟିଶରାଜକୁ ଦମନ କରାଯାଇ ପାରିବ ବୋଲି ଭାବୁଥିଲେ। ତତ୍କାଳୀନ ବିପ୍ଳବୀ ଅରବିନ୍ଦ ଘୋଷ ୧୯୦୭ ମସିହା ଏପ୍ରିଲ ୧୧ ଓ ୨୩ ତାରିଖରେ 'ବନ୍ଦେ ମାତାରମ' ଖବରକାଗଜରେ କଂଗ୍ରେସର ନିଷ୍କ୍ରିୟ ପ୍ରତିବାଦ ବା ଅହିଂସା ନୀତିକୁ ଭିକ୍ଷୁକ ନୀତି କହି କଡ଼ା ସମାଲୋଚନା କରିଥିଲେ। କେବଳ ହିଂସା ଓ ରକ୍ତପାତ ଦ୍ୱାରା ହିଁ ବ୍ରିଟିଶରମାନଙ୍କୁ ଭାରତରୁ ବିତାଡ଼ିତ କରାଯାଇପାରେ ବୋଲି ସେ ହୃଦୟଙ୍ଗମ କରିଥିଲେ।

ଗାନ୍ଧୀଙ୍କ ଅହିଂସା ନୀତିରେ ଯେଉଁ ବିପ୍ଳବୀମାନଙ୍କର ଆସ୍ଥା ଓ ବିଶ୍ୱାସ ନଥିଲା ସେମାନେ ଭାରତର ବିଭିନ୍ନ ଅଞ୍ଚଳରେ ଗୁପ୍ତ ସଂଗଠନମାନ ଗଠନ କରି ବ୍ରିଟିଶ ସରକାର ଉପରେ ଚାପ ପ୍ରୟୋଗ କରିଥିଲେ। ୧୯୦୨ ମସିହାରେ ଅବିଭାଜିତ ବଙ୍ଗ ପ୍ରଦେଶରେ 'ଅନୁଶୀଳନୀ ସମିତି' ନାମକ ଏକ ଗୁପ୍ତ ସଂଗଠନ ସ୍ଥାପିତ ହୋଇଥିଲା, ଯାହାର ମୁଖ୍ୟ ପ୍ରତିଷ୍ଠାତା ଥିଲେ ପ୍ରମଥନାଥ ମିତ୍ର, ଅରବିନ୍ଦ ଘୋଷ, ବାରିନ୍ଦ୍ର ଘୋଷ ଓ ସତୀଶ ଚନ୍ଦ୍ର ବାସୁ। ଏହା ଏକ ଆଖଡ଼ା ତଥା ବ୍ୟାୟାମଶାଳା ରୂପେ ଲୋକଙ୍କୁ ବିଭ୍ରାନ୍ତ କରୁଥିଲା। ୧୯୦୬ ସାଲରେ ବଙ୍ଗରେ 'ଯୁଗାନ୍ତର' ନାମକ ଏକ ସଂଗଠନ ଗଠନ ହୋଇଥିଲା, ଯାହାର କାର୍ଯ୍ୟକ୍ଷେତ୍ର ଉତ୍ତର ପ୍ରଦେଶ, ବିହାର ଓ ଓଡ଼ିଶାରେ ଥିଲା। ଏହାର ପ୍ରତିଷ୍ଠାତା ଥିଲେ ବାରିନ୍ଦ୍ର ଘୋଷ, ବାଘା ଯତୀନ, ଭୁପେନ୍ଦ୍ରନାଥ ଦତ୍ତ ଓ ଅବିନାଶ ଭଟ୍ଟାଚାର୍ଯ୍ୟ। ଏହି ସଂଗଠନର ମୁଖ୍ୟ ଲକ୍ଷ୍ୟ ଥିଲା ଉଚ୍ଚପଦସ୍ଥ ବ୍ରିଟିଶ ଅଫିସରମାନଙ୍କୁ ଗୁପ୍ତରେ ହତ୍ୟା କରିବା, ବୋମା ତିଆରି କରିବା ଏବଂ ବିଦେଶରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା।

୧୮୯୯ରେ ମହାରାଷ୍ଟ୍ରର ନାସିକ ଠାରେ 'ମିତ୍ରମେଳା' ଓ ୧୯୦୪ ମସିହାରେ ମହାରାଷ୍ଟ୍ରର ପୁନେ ଠାରେ 'ଅଭିନବ ଭାରତ ସୋସାଇଟି' ବିପ୍ଳବୀ ବିନାୟକ ଦାମୋଦର ସବରକରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ସଂଗଠନର ସଦସ୍ୟମାନେ ନାସିକଠାରେ ବ୍ରିଟିଶ କଲେକ୍ଟର ଏ.ଏମ. ଟି ଜ୍ୟାକସନ୍‌ଙ୍କୁ ୧୯୦୯ ଡିସେମ୍ବର ୨୧ ତାରିଖରେ ହତ୍ୟା କରି ଚର୍ଚ୍ଚିତ ହୋଇଥିଲେ। ୧୮୯୭ ମସିହାରେ କଲିକତାରେ ବିପିନ ବିହାରୀ ଗାଙ୍ଗୁଲି 'ଆତ୍ମୋନ୍ନତି ସମିତି' ନାମକ ଏକ ବ୍ରିଟିଶ ବିରୋଧୀ ସଂଗଠନର ସ୍ଥାପନା କରିଥିଲେ। ସେହିପରି ୧୯୦୭ ମସିହାରେ ଭଗତ ସିଂଙ୍କ ଦାଦା ଅଜିତ ସିଂ ଲାହୋରରେ 'ଭାରତ ମାତା ସୋସାଇଟି' ଗଠନ କରି ବ୍ରିଟିଶରମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲେ।

୧୯୨୪ ମସିହାରେ କାନପୁରଠାରେ ସଚିନ୍ଦ୍ରନାଥ ସାନ୍ୟାଲ 'ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ' ଗଠନ କରିଥିଲେ। ଏହାପୂର୍ବରୁ ବାଳକୃଷ୍ଣ ଓ ବାସୁଦେବ ଚପେକର ଦୁଇ ଭାଇ ୧୮୯୦ ଦଶକରେ 'ଚପେକର କ୍ଲବ' ଆରମ୍ଭ କରିଥିଲେ ବ୍ରିଟିଶମାନଙ୍କୁ ଭୟଭୀତ କରିବା ପାଇଁ। ୧୮୯୭ ମସିହାରେ ସେମାନେ ପୁନେର ପ୍ଲେଗ କମିଶନର ଡବ୍ଲୁ.ସି. ରୟାଣ୍ଡଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାଛଡ଼ା ଲଣ୍ଡନରେ ୧୯୦୫ ମସିହାରେ 'ଇଣ୍ଡିଆ ହାଉସ' ଶ୍ୟାମଜି କ୍ରିଷ୍ଣା ବର୍ମାଙ୍କ ଦ୍ୱାରା ଏବଂ କାନାଡ଼ାରେ ୧୯୧୩ ମସିହାରେ 'ଘଦର ପାର୍ଟି' ଗଠିତ ହୋଇଥିଲା ହିଂସା ଓ ରକ୍ତପାତ ଦ୍ୱାରା ବ୍ରିଟିଶରମାନଙ୍କୁ ଭୟଭୀତ କରି ଭାରତରୁ ବିତାଡ଼ିତ କରିବା ପାଇଁ।

ସେଥିପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯେଉଁ ବୀର ବିପ୍ଳବୀମାନେ ନିଜର ସ୍ୱାର୍ଥର ଜଳାଞ୍ଜଳି ଦେଇ ଦେଶ ପାଇଁ ସ୍ୱାଧୀନତା ଆଣିବାରେ ପ୍ରମୁଖ ଭୂମିକା ତୁଲେଇଛନ୍ତି ତାହାକୁ ଦେଶବାସୀ ଭୁଲିବା ଉଚିତ ନୁହେଁ। ସେମାନେ ଥିଲେ ଅଦୃଶ୍ୟ ଶକ୍ତି। ସେମାନେ ନେତାଜୀଙ୍କ 'ଆଜାଦ ହିନ୍ଦ ଫୌଜ' ପରି ବ୍ରିଟିଶରମାନଙ୍କ ଶାସନକଳର ମୂଳଦୁଆକୁ ଦୋହଲେଇ ଦେଇଥିଲେ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ପ୍ରବୀର କୁମାର ପଟ୍ଟନାୟକ**

**ଓଡ଼ିଶାର ବୌଦ୍ଧ ପରମ୍ପରା**

*ପୂର୍ବପ୍ରକାଶିତ ଉତ୍ତାରୁ...*

**କେବଳ କଳିଙ୍ଗରେ ପ୍ରକାଶିତ ଶିଳାଲେଖ:**

ନଂ ୧ - ପ୍ରଥମ କଳିଙ୍ଗ ଶିଳାଲେଖରେ ଏକ କଠୋର ଏବଂ ନିର୍ଦ୍ଦେଶାତ୍ମକ ସ୍ୱର ରହିଛି, ଯାହା ଅଧିକାଂଶ ଅନ୍ୟ ଶିଳାଲେଖରେ ଦେଖିବାକୁ ମିଳେ ନାହିଁ। କିନ୍ତୁ ପ୍ରଥମତଃ ଏହା ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ କରାଯାଇ ନାହିଁ, ବରଂ ତୋଷାଳୀ ଓ ସମପା ନଗରୀର ଉଚ୍ଚ ପଦାଧିକାରୀ(ମହାମାତ୍ର) ଏବଂ ସହରର ବିଚାରପତି(ନ୍ୟାୟିକ ଅଧିକାରୀ)ମାନଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଥିଲା। ଅଶୋକ ଦୃଢ଼ତାର ସହିତ ଘୋଷଣା କରିଛନ୍ତି କି ସେ ଯେଉଁ ନୀତିକୁ ସମର୍ଥନ କରିବେ ତାହାକୁ ଯେ କୌଣସି ଉପାୟରେ କାର୍ଯ୍ୟକାରୀ କରିବେ। ସେମାନେ ହଜାର ହଜାର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କୁ ଲୋକମାନଙ୍କର ବିଶ୍ୱାସ ତଥା ସ୍ନେହ ଓ ଆଦର ହାସଲ କରିବାକୁ ହେବ। ଅଶୋକ ନିଜର ଅଧିକାରୀମାନଙ୍କ ସହିତ ନିଜକୁ ସାମିଲ କରି 'ଆମେ' (ପ୍ରଥମ ପୁରୁଷ ବହୁବଚନ) ଶବ୍ଦ ବ୍ୟବହାର କରୁଥିଲେ। ସେ ତାଙ୍କର ପ୍ରସିଦ୍ଧ ବକ୍ତବ୍ୟକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି - 'ସମସ୍ତେ ମୋର ସନ୍ତାନ'। ନିଜ ସନ୍ତାନଙ୍କ ପାଇଁ ସେ ଯେପରି କାମନା କରନ୍ତି, ସେହିପରି ସେ ସମସ୍ତ ପ୍ରଜାମାନଙ୍କର ସୁଖ ଓ କଲ୍ୟାଣ କାମନା କରିଛନ୍ତି। ଅଧିକାରୀମାନେ ଏହା ବୁଝିପାରିନାହାନ୍ତି, ଅଶୋକ ନିଜର ନୀତିକୁ କାର୍ଯ୍ୟକାରୀ କରିବାକୁ କେତେ ଆନ୍ତରିକତାର ସହ ଚାହୁଁଛନ୍ତି। ବିନା କାରଣରେ ଲୋକମାନଙ୍କୁ ବନ୍ଦୀ କରାଯାଇ ନିର୍ଯାତନା ଦିଆଯାଉଛି। ଅଧିକାରୀମାନେ ନିଜର ଦୁର୍ବଳତା ବା ତ୍ରୁଟିଗୁଡ଼ିକୁ ସୁଧାରିବାକୁ ହେବ। ନଚେତ୍ ସ୍ୱର୍ଗର କ୍ରୋଧର ଶିକାର ହେବାକୁ ପଡ଼ିବ ଏବଂ ରାଜାଙ୍କର ମଧ୍ୟ।

ଏହି ଶିଳାଲେଖର ଏକ ଅସାଧାରଣ ବ୍ୟବସ୍ଥାଟି ହେଉଛି ଏହାକୁ ଉଚ୍ଚସ୍ୱରରେ ସର୍ବସାଧାରଣରେ ପ୍ରତି ତିଷ୍ୟ ନକ୍ଷତ୍ର ଦିବସରେ ଘୋଷଣା କରାଯିବ ଏବଂ ସମୟକୁ ସମୟ ସଠିକ୍ ବ୍ୟବଧାନରେ ସେହି ତିଷ୍ୟ ନକ୍ଷତ୍ର ଦିବସଗୁଡ଼ିକରେ ଏହି ଘୋଷଣା ଜାରି ରହିବ। ଏହିପରି ଭାବରେ ସେହି ସମୟରେ ଯେତେ ଅଧିକ ସମ୍ଭବ ଏହି ଶିଳାଲେଖଟିର ପ୍ରଚାର ପ୍ରସାର କରାଯାଇଥିଲା। ତାଙ୍କ ପ୍ରଜାମାନଙ୍କ ମଧ୍ୟରୁ କେହି ଯେପରି ଅନ୍ୟାୟ କାରାବାସ ବା ନିର୍ଯାତନାର ଶିକାର ନ ହୁଅନ୍ତି, ତାହାକୁ ନିଶ୍ଚିତ କରିବା ବିଷୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅଶୋକ ଏହି ଅନୁଶାସନରେ ଉଲ୍ଲେଖ କରିଛନ୍ତି। ରାଜାଙ୍କ ନିର୍ଦ୍ଦେଶଗୁଡ଼ିକ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବା ସକାଶ ପ୍ରତି ପାଞ୍ଚ ବର୍ଷରେ ରାଜଧାନୀରୁ ଜଣେ ସ୍ୱତନ୍ତ୍ର ପରିଦର୍ଶକଙ୍କୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା। ଉଜ୍ଜୟିନୀର ପ୍ରାଦେଶିକ ରାଜ୍ୟପାଳ ଭାବେ ନିୟୋଜିତ ଯୁବରାଜ କୁନାଲଙ୍କୁ ମଧ୍ୟ ଏହିଭଳି ଅନୁସନ୍ଧାନ ଏବଂ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ଯାଞ୍ଚ ତିନିବର୍ଷରୁ ଅଧିକ ବ୍ୟବଧାନରେ ହେବା ଉଚିତ ନୁହେଁ ବୋଲି ମଧ୍ୟ କୁହାଯାଇଥିଲା। ସେହିଭଳି ତକ୍ଷଶିଳା ପ୍ରଦେଶର ଅଧିକାରୀମାନଙ୍କ ପାଇଁ ମଧ୍ୟ ଏହିଭଳି ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା।

ଯେହେତୁ ଏହି ଶାସନାଦେଶରେ ବିଶେଷ ଭାବରେ ଉଜ୍ଜୟିନୀ ଓ ତକ୍ଷଶିଳା ନାମକ ଦୁଇଟି ପଶ୍ଚିମ ପ୍ରଦେଶ ବିଷୟରେ ଉଲ୍ଲେଖ ଅଛି, ତେଣୁ ଏହା ସ୍ପଷ୍ଟ ଯେ ଏହା କେବଳ ନବବିଜିତ କଳିଙ୍ଗ ଅଞ୍ଚଳ ନିମନ୍ତେ ଉଦ୍ଦିଷ୍ଟ ନଥିଲା; ବରଂ ଏହାକୁ ସମଗ୍ର ସାମ୍ରାଜ୍ୟରେ ପଢ଼ାଯିବା ପାଇଁ ଜାରି କରାଯାଇଥିଲା। ନିଶ୍ଚିତ ଭାବରେ ଅଶୋକ କେବଳ କଳିଙ୍ଗରେ ନୁହେଁ; ବରଂ ତାଙ୍କର ସମଗ୍ର ସାମ୍ରାଜ୍ୟରେ ତାଙ୍କ ଅଧିକାରୀମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଅନ୍ୟାୟ ତଥା ଅତ୍ୟାଚାର କରାଯାଉଥିବା ଏବଂ ଅକାରଣରେ ସେମାନଙ୍କୁ ଦଣ୍ଡିତ କରୁଥିବା ଯୋଗୁଁ ବ୍ୟକ୍ତିଗତ ଭାବେ ଅତ୍ୟନ୍ତ ଚିନ୍ତିତ ଥିଲେ। ଆମେ ସହଜରେ ଅନୁମାନ କରିପାରିବା ଯେ ଉଜ୍ଜୟିନୀର ଅଧିକାରୀମାନେ ବିଶେଷ ଭାବରେ ଅତ୍ୟାଚାରୀ ଥିଲେ। ଏଣୁ ସେଠାକାର ଜେଲ ପରିଦର୍ଶକଙ୍କୁ ଅନ୍ୟୁନ ପ୍ରତି ତିନିବର୍ଷରେ ଥରେ ଗସ୍ତ କରିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଥିଲା। ତକ୍ଷଶିଳାରେ ସ୍ଥିତି ହୁଏତ ସାମାନ୍ୟ ଭଲ ଥିଲା। ଏଣୁ ସେଠାକାର ଅଧିକାରୀମାନଙ୍କୁ ସେମାନଙ୍କର ନିୟମିତ ପରିଦର୍ଶନ ସମୟରେ ଅନ୍ୟାୟ କାରାବାସ ଓ ନିର୍ଯାତନା ଭଳି ମାମଲାର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିନୟତୋଷ ମିଶ୍ର...

ବେଳେ ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜିପି ଦାୟିତ୍ୱ ଦିଆଯାଇଛି।

୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ୧୯୬୬ ମସିହାରେ ବିହାରରେ ଜନ୍ମଗ୍ରହଣ କରିଥିଲେ। ଆଉ ମାତ୍ର କିଛି ମାସ ମଧ୍ୟରେ ଅବସର ନେବାକୁ ଯାଉଥିବା ବିନୟତୋଷଙ୍କ କାର୍ଯ୍ୟକାଳ ଆଉ ମାତ୍ର ୬ ମାସରୁ କମ୍ ଥିବାରୁ ରାଜ୍ୟ ସରକାର ତାଙ୍କ ନାମକୁ ୟୁପିଏସ୍‌ସିକୁ ପଠାଇ ନ ଥିଲେ।

ବର୍ତ୍ତମାନର ଡିଜିପି ୱାଇବି ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ନେବାକୁ ଯାଉଛନ୍ତି। କାର୍ଯ୍ୟକାରୀ ଡିଜିପି ଚୟନ ବ୍ୟତିତ ରାଜ୍ୟ ସରକାରଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା। ଏଣୁ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ଉପରେ ଭରସା ପ୍ରକଟ କରି ତାଙ୍କୁ କାର୍ଯ୍ୟକାରୀ ଡିଜିପି ଭାବେ ଚୟନ କରିଛନ୍ତି। ତେବେ ବିନୟତୋଷ ମିଶ୍ର କେତେଦିନ ଡିଜିପି ଭାବେ କାର୍ଯ୍ୟ କରିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏସମ୍ପର୍କରେ ବିନୟତୋଷ ମିଶ୍ର କହିଛନ୍ତି ରାଜ୍ୟ ସରକାର ମୋତେ କାର୍ଯ୍ୟକାରୀ ଡିଜିପି ଭାବେ ନିଯୁକ୍ତ କରିଛନ୍ତି। ସବୁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ। ଏହା ଏକ ଅସ୍ଥାୟୀ ନିଯୁକ୍ତି। ମୁଁ ଯେତିକି ସମୟ ପାଇଁ କାର୍ଯ୍ୟକାରୀ ଡିଜିପି ରହିବି ସୁଚାରୁ ରୂପେ ମୋର କର୍ତ୍ତବ୍ୟ କରିବି। ରାଜ୍ୟ ଆଇନଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବି ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ସର୍ବଦଳୀୟ ବୈଠକ...

ନବୀନ କହିଛନ୍ତି ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର। ଖଣିରୁ ମିଳୁଥିବା ରାଜସ୍ୱକୁ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କଲ୍ୟାଣ ଓ ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଖଣିଜ ସମ୍ପଦ ଉପରେ କର ଓ ସେସ୍ ଲାଗୁ କରିବାର କ୍ଷମତା ହ୍ରାସ ପାଇଲେ ଏହା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ । ଏହି ପରିପ୍ରେକ୍ଷୀରେ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ରାଜ୍ୟର ସଂଘୀୟ ଅଧିକାର ଓ ଖଣିଜ ରାଜସ୍ୱ ସୁରକ୍ଷା ନେଇ ଏକମତ ହେବା ଏବଂ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ସଂଶୋଧନ ଆଇନକୁ ବିରୋଧ କରି ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ କରିବାକୁ ନବୀନ ଦାବି କରିଛନ୍ତି।ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଆମର ସଂଘୀୟ ବ୍ୟବସ୍ଥାରେ ସମ୍ବିଧାନସମ୍ମତ ଭାବେ ଅନ୍ତର୍ନିହିତ ଏକ ମୌଳିକ ସିଦ୍ଧାନ୍ତ। ଏହି ବିଲ୍ କେନ୍ଦ୍ର-ରାଜ୍ୟ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭକୁ ସିଧାସଳଖ ଦୁର୍ବଳ କରୁଛି। ଏହା ଭାରତର ସଂଘୀୟ ଢାଞ୍ଚାକୁ ଆଘାତ କରୁଛି ବୋଲି ନବୀନ କହିଛନ୍ତି।

ଚିଠିରେ ନବୀନ ଦର୍ଶାଇଛନ୍ତି, ଏହା କୌଣସି ରାଜନୈତିକ ଦଳର ପ୍ରସଙ୍ଗ ନୁହେଁ; ଓଡ଼ିଶାର ଆର୍ଥିକ ସ୍ଥିରତା ଓ ଭବିଷ୍ୟତ ବିକାଶ ସହ ଜଡ଼ିତ ଏକ ଗୁରୁତର ବିଷୟ। କେନ୍ଦ୍ର ସରକାର ଯଦି ଖଣିଜ ଜମି ଉପରେ ରାଜ୍ୟର ଅଧିକାର ଓ ସେସ୍ ଲାଗୁ କରିବାର କ୍ଷମତା କମାଇ ଦିଅନ୍ତି, ତେବେ ଖଣିଜ ଖନନର ପ୍ରଦୂଷଣ, ବିସ୍ଥାପନ ଓ ଅନ୍ୟାନ୍ୟ ଭାର ଓଡ଼ିଶା ଉପରେ ରହିବ, କିନ୍ତୁ ଏହା ଦ୍ୱାରା ମିଳିବାକୁ ଥିବା କୌଣସି ଲାଭ ରାଜ୍ୟବାସୀ ପାଇବେ ନାହିଁ। ଏହି ପ୍ରସଙ୍ଗ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ବୋଲିଉଲ୍ଲେଖ କରି ନବୀନ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଏକମତ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

### ଉତ୍ତର ଓଡ଼ିଶାରେ...

ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ଜିଲ୍ଲାର ମୋଟ୍ ୫୨ ବ୍ଲକର ୪୨୯ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ଏବେ ସୁଦ୍ଧା ବନ୍ୟାରେ ୨ ଲକ୍ଷ ୯ ହଜାର ୬୮୭ ଲୋକ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୧ ହଜାର ୮୮୧ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୩୩ ଟି ଗାଁ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଥିବା ବେଳେ ୧୬୨୩ଲ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ଓ ୪୨୫ଟି ଘର ଭାଙ୍ଗିଥିବା ରିପୋର୍ଟ ମିଳିଛି। ବନ୍ୟା ମୁକାବିଲା ପାଇଁ ଏହି ଜିଲ୍ଲାଗୁଡ଼ିକରେ ୩୯ ଟି ଓଡ୍ରାଫ୍ ଟିମ୍ ସହ ୭ଟି ଏନ୍‌ଡିଆର୍‌ଏଫ, ୩୩ଟି ଅଗ୍ନିଶମ ଦଳ କ୍ଷେତ୍ରସ୍ତରରେ ନିୟୋଜିତ ଅଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ଲଘୁଚାପ ଏବେ ଝାଡ଼ଖଣ୍ଡ ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଉପରେ ଅବପାତ ଭାବେ ସକ୍ରିୟ ରହିଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ମଧ୍ୟ ଦେଇ ଗତିକରିବା ସହ ଉତ୍ତର ଛତିଶଗଡ଼ ମୁହାଁ ହେବା ସମ୍ଭାବନା ରହିଛି। ଏହାପ୍ରଭାବରେ ମହାନଦୀ ଉପରମୁଣ୍ଡରେ ମଧ୍ୟ ଭୀଷଣ ବର୍ଷା ଆଶଙ୍କା କରାଯାଇଛି।

ଓଡ଼ିଶାଠାରୁ ଏହି ଲଘୁଚାପ ଦୂରଉ ଥିଲେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଏହା ପ୍ରଭାବରେ ଆଜି ବର୍ଷା ଅନୁଭୂତ ହୋଇଛି। ସନ୍ଧ୍ୟାରେ ଭୁବନେଶ୍ୱରରେ ଭାରି ବର୍ଷା ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ୧୯ଟି ସ୍ଥାନରେ ପ୍ରବଳ ବର୍ଷା ଓ ୬ଟି ଷ୍ଟେସନ୍‌ରେ ଅତି ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଶନିବାର ବର୍ଷାର ପ୍ରଭାବ ଅପେକ୍ଷାକୃତ କମ୍ ରହିଲେ ମଧ୍ୟ ବରଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଏହି ଲଘୁଚାପ ପଛକୁ ପୁଣି ଏକ ଲଘୁଚାପ ୧୯-୨୦ ମଧ୍ୟରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ସାରା ରାଜ୍ୟରେ ବର୍ଷା ହେବା ନେଇ ଆକଳନ କରାଯାଉଛି। ବର୍ତ୍ତମାନ ରହିଥିବା ଅବପାତ ଯୋଗୁଁ ସମୁଦ୍ର ଅଶାନ୍ତ ରହିଛି। ଏଥିପାଇଁ ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଚି। ଚଳିତ ବର୍ଷ ମୌସୁମୀ ଋତୁରେ ୧ ଜୁନରୁ ଆଜି ୧୪ ଅଗଷ୍ଟ ସୁଦ୍ଧା ରାଜ୍ୟରେ ୯୦୧.୮ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୭୧୩ ମଲମଲ ତୁଳନାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ୨୬ ପ୍ରତିଶତ ଅଧିକ ରହିଛି।

## ସରକାରୀ କାର୍ଯ୍ୟାଳୟରେ ଦଳୀୟ ଦବଙ୍ଗଗିରି

# ମହିଳା ବିଡିଓ ଚେତାଶୂନ୍ୟ, ମେଡିକାଲରେ ଭର୍ତ୍ତି

କେନ୍ଦ୍ରାପଡ଼ା/ଡେରାବିଶ,୧୪।୮ (ସମିସ): ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ଚାଲିଥିବାବେଳେ ସରକାରୀ କାର୍ଯ୍ୟାଳୟରେ ଯଦି ଦଳୀୟ ନେତା ଓ ସମର୍ଥକଙ୍କ ଦବଙ୍ଗଗିରିର ଅଭିଯୋଗ ଆସେ, ତାହା କେବଳ ଜଣେ ଅଧିକାରୀଙ୍କ ସମସ୍ୟା ନୁହେଁ; ଏହା ସରକାରୀ ପ୍ରଶାସନର ମର୍ଯ୍ୟାଦା ଓ ସରକାରର ଛବି ଉପରେ ମଧ୍ୟ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରେ। ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଘଟିଥିବା ଘଟଣା ଏବେ ଏହି ପ୍ରଶ୍ନକୁ ଆହୁରି ତୀବ୍ର କରିଛି। ବିଜେପି ନେତା ଉମାକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ କିଛି ସମର୍ଥକ ଡେରାବିଶ ବିଡିଓ ନମିତା ବାରିକଙ୍କ ଚାମ୍ବରକୁ ହଠାତ୍ ପ୍ରବେଶ କରିଥିଲେ। ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀଙ୍କ ବଦଳି ଓ ନିଜ ସମର୍ଥକଙ୍କୁ ଉନ୍ନୟନମୂଳକ କାମ ନ ମିଳିବାକୁ ନେଇ ସେମାନେ ବିଡିଓଙ୍କୁ ପ୍ରଶ୍ନ କରିବା ସହ କଟୁଭାଷା ପ୍ରୟୋଗ କରିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ଗମ୍ଭୀରତା ଏତିକିରେ ସୀମିତ ରହିନାହିଁ। ଏତେ ସଂଖ୍ୟକ ଲୋକଙ୍କ ଚାପ ଓ କଥାବାର୍ତ୍ତାରେ ବିଡିଓ ନମିତା ବାରିକ ଅସୁସ୍ଥ ହୋଇ ନିଜ ଚେୟାରରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ବ୍ଲକ କର୍ମଚାରୀ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କ ରକ୍ତଚାପ ବଢ଼ିଯିବାରୁ ଅବସ୍ଥା ଗୁରୁତର ହୋଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ସରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିବା କିମ୍ବା ସରକାରୀ କାମ ନେଇ ପ୍ରଶ୍ନ ଉଠାଇବା ଗଣତାନ୍ତ୍ରିକ ଅଧିକାର। ଯଦି ସେହି ପ୍ରଶ୍ନ ପଚାରିବା ବେଳେ ଅଧିକାରୀଙ୍କୁ ଅପମାନିତ କରାଯାଏ, କଟୁଭାଷା ପ୍ରୟୋଗ କରାଯାଏ କିମ୍ବା ଦଳୀୟ ପରିଚୟର ପ୍ରଭାବ ଦେଖାଇ ଚାପ ସୃଷ୍ଟି କରାଯାଏ, ତେବେ ତାହା ପ୍ରଶାସନିକ ଶୃଙ୍ଖଳା ପାଇଁ ଚିନ୍ତାଜନକ ବିଷୟ। ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ବ୍ଲକ କାର୍ଯ୍ୟାଳୟକୁ ନେଇ ମଧ୍ୟ ଏଭଳି ଅଭିଯୋଗ ସାମ୍ନାକୁ ଆସିଥିବାବେଳେ ଡେରାବିଶ ଘଟଣା ଏବେ ପ୍ରଶାସନିକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ସରକାରୀ ଅଧିକାରୀ ଯଦି ନିଜ କାର୍ଯ୍ୟାଳୟରେ ନିରାପଦ ଭାବେ କାମ କରିପାରିବେ ନାହିଁ, ତେବେ ସାଧାରଣ ଲୋକଙ୍କୁ ସୁଶାସନ ଦେବା କେତେଦୂର ସମ୍ଭବ, ତାହା ଏବେ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ରାଜ୍ୟ ସରକାର ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା, ଶୃଙ୍ଖଳା ଓ ଜନମୁଖୀ ପ୍ରଶାସନର କଥା କହୁଛନ୍ତି। ଏଭଳି ସମୟରେ ଶାସକ ଦଳ ସହ ସମ୍ପୃକ୍ତ ନେତା ଓ କର୍ମୀଙ୍କ ବିରୋଧରେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଓ ଚାପ ପକାଇବା ଭଳି ଅଭିଯୋଗ ଆସିବା ନିଶ୍ଚିତ ଭାବେ ସରକାର ପାଇଁ ଅସ୍ୱସ୍ତିକର। ତେଣୁ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ହିଁ ସରକାରଙ୍କ ପାଇଁ ଉଚିତ ପଦକ୍ଷେପ ହେବ। ଏବେ ପ୍ରଶ୍ନ ଉଠୁଛି, ସରକାରୀ ଅଧିକାରୀଙ୍କୁ ଦଳୀୟ ଚାପରୁ ମୁକ୍ତ ରଖିବାକୁ ପ୍ରଶାସନ କ'ଣ ପଦକ୍ଷେପ ନେବ?


**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ସଂ.5 ଏବଂ 6

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIV BBS2026016, ତା.18.04.2026 ରିଖ

**କାର୍ଯ୍ୟର ନାମ :** ପ୍ରକାଶିତ ଅନୁଯାୟୀ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ଼ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**କାର୍ଯ୍ୟର ନାମ :** ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ OHE, PSI, PLC ଏବଂ GS କାର୍ଯ୍ୟର ବିଦ୍ୟୁତୀକରଣ ସହିତ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ଼ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

ଶୁଦ୍ଧିପତ୍ର ସଂ. 04

**ବିଷୟ:** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ: ତା.18.08.2026 ରିଖ 1200 ଘଟିକା । ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.03.09.2026 ରିଖ 1200 ଘଟିକା ।

ସଂପୂର୍ଣ୍ଣ ବିବରଣୀ ପାଇଁ ଟେଣ୍ଡରଦାତାଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-172/CJ/26-27



**AFFIDAVIT**

By virtue of an affidavit sworn before the executive magistrate, Sukinda No 2103 dated 10/08/2026. I Chittaranjan Mohanta, S/O- Bidyadhar Mohanta resident of Karadagadia, Kankadapal, Kaliapani, Jajpur declare that I have changed My name from Chitta mahanta (Old name) to Chittaranjan Mohanta (New name). Henceforth I will be known as **Chittaranjan Mohanta** for all purposes.

Sd/- Chittaranjan Mohanta



**OFFICE OF THE EXECUTIVE ENGINEER**
GROUND WATER DEVELOPMENT DIVISION-1HP BUILDING,UNIT-8,DELTA SQUARE,BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com

32001/690/2627

"e" Procurement Notice No. 960 of 2026-27 Dt-12.08.2026
Bid Identification No. GWD DIV-1BBSR-07/26-27

**Executive Engineer, GWD Division-I , Delta square, Unit- 8, Bhubaneswar** on behalf of Hon'ble Governor of Odisha invites on-line percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1 | Nature of the Work | Civil Work |
| 2 | Name of the Work : | Construction of 11nos of Recharge shafts under ARUA scheme in Bolagarh block ph-III of Khordha district for the FY - 2026-27. |
| 3 | Approximate amount put to tender | Rs.18.12 Lakh |
| 4 | Period of Completion | 2 (Two) Calendar Months |
| 5 | Class of Contractor | "C" & "D" Class Contractor |
| 6 | Date & time of Availability of Bid document in the portal | Dt. 20.08.2026 at 11.00 AM to 31.08.2026 up to 11.00 AM |
| 7 | Last date & time of receipt of Bids in the Portal | Dt. 31.08.2026 up to 11.00 AM |
| 8 | Date, time & place of opening of Technical/ Financial Bid/s | Dt. 31.08.2026 at 11.30 AM in O/o the EE GWD Divn-1 |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING,UNIT-8,DELTA SQUARE,BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Sd/- Executive Engineer
GWD division 1

OIPR-32001/32331/1/26-27/0004



**NOTICE**
**(Above 18 years of age)**

By virtue of an affidavit sworn before Notary Public, Baripada, dated 13.08.2026, I, ARUP ANAND DAS, Address Village-Banakati Samil Jodapada, P.O.-Gobara, P.S.-Rasgovindpur, Dist.-Mayurbhanj, Odisha, PIN-757016, declare that I have changed my name from ARUPANANDA DAS to ARUP ANAND DAS. Henceforth, I shall be known as **ARUP ANAND DAS** for all purposes.

ARUP ANAND DAS



**AFFIDAVIT**

By Virtue of an affidavit (SL NO-104, dtd-06.08.2026 )sworn before The executive Magistrate, Baripada, Mayurbhanj. I,chula Murmu, aged about 58 years, W/O- Mathu Murmu, resident of village- Asanbani, PO- Majhigaon, PS-Bisoi, pin-757033, DIST - Mayurbhanj. That, in my Aadhar Card bearing no - 5559 9996 4698 the name of mine as CHIULA MURMU (incorrect name) instead of CHULA MURMU (correct name). That, Both the name CHIULA MURMU and CHULA MURMU is one and same person . Henceforth, I shall be known as **CHULA MURMU** for all purposes.

S/D - CHULA MURMU



**ODISHA HYDRO POWER CORPORATION LTD.**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2610721(0), 2550765(R), E-Mail: srgmhep_burla@ohpco.co.in

4001/258/2627

No. HHEP/Tech-W-199(Vol-1)/ 6173 Date : 12. 08. 2026

**NOTICE INVITING TENDER NO HHEP-65/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha for the following work as mentioned below.

| Name of work | Cost of tender paper (Non-Refundable) Rs. | EMD in Rs. |
|---|---|---|
| Annual electrical maintenance of residential and non-residential building of HHEP, Burla on job contract basis | Rs. 4720/- (Rs. 4000/- + GST 18%) | 9400/- |

- Sale of tender paper : 17.08.2026 (10.00AM) to 02.09.2026 upto 01.00PM
- Receipt of tender paper : 02.09.2026 upto 01.30PM
- Date & time of opening of tender : 02.09.2026 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in

Sd/-
Unit Head, HHEP, Burla

OIPR-4001/4007/1/26-27/0023



**AFFIDAVIT**

By virtue of an affidavit sworn before the Executive Magistrate, Jajpur No 10769 dated 06/08/2026. I Radhashyam Sethy S/O- Panchanana Sethy resident of Panasa, (Balighai) Lalbag, Jajpur declare that I have changed My minor son name from Rudrapratap sethy(Old name) to Lipun sethy (New name) . Henceforth He will be known as **Lipun Sethy** for all purposes.

Sd/- Radhashyam Sethy




**ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର**

ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ :- " କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ"

୧ . ଓଡିଶା ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ କୃଷିଋଣ ଟ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ ୧ ଲକ୍ଷ ଟଙ୍କା ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାତ୍ର ୨ % ସୁଧହାରରେ ଋଣ ପ୍ରଦାନ।
୨. ମିଶନ ଶକ୍ତି ସ୍କୁଟର ଯୋଜନାରେ ହିତାଧିକାରିଣୀ ମାନଙ୍କୁ ସରକାରୀ ସହାୟତାରେ ସୁଧ ମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା।
୩. "ମୋ ଘର" ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀ ମାନଙ୍କୁ ସୁଲଭ ମୂଲ୍ୟ ରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପ୍ରଦାନ କରିବା।
୪. ସ୍ୱୟଂ ସହାୟକ ଗୋଷ୍ଠୀ (ଏସ . ଏଚ . ଜି ) ମାଧ୍ୟମରେ ମହିଳା କୃଷିଜୀବୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ, ସ୍ୱଳ୍ପ ମିଆଦୀ କୃଷି ଓ ଆନୁସଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା।
୫ . ବଳରାମ ଯୋଜନାରେ (ଜେ . ଏଲ . ଜି ) ମାଧ୍ୟମ ରେ ସ୍ୱଳ୍ପ ମିଆଦୀ କୃଷି ଋଣ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା।
୬. ବଳିଆ ଯୋଜନାରେ ବୁଣାକାର ତନ୍ତୀ ମାନଙ୍କୁ ବୁଣାକାର ଋଣ ପ୍ରଦାନର ବ୍ୟବସ୍ଥା।
୭. କୃଷି, ଅଣକୃଷି, ଓ ଆନୁସଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା।
୮. ଗୃହ ଋଣ, ଦୀର୍ଘ ମିଆଦି କୃଷି ଋଣ ଓ ବନ୍ଧକ ଋଣ ପ୍ରଦାନର ବ୍ୟବସ୍ଥା
୯. କୃଷକ ମାନଙ୍କ ପାଇଁ କୃଷି ବୀମା ଯୋଜନା ର ପ୍ରଚଳନ।
୧୦ . ବ୍ୟାଙ୍କ ର ଆମାନତକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ରେ ପ୍ରଚଳନ।
୧୧. ଜିରୋ ବାଲାନ୍ସ ରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା।
୧୨. ବରିଷ୍ଠନାଗରିକ ମାନଙ୍କୁ ସେମାନଙ୍କ ଜମା ରାଶି ଉପରେ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା।
୧୩ . ବ୍ୟାଙ୍କ ର ପ୍ରତ୍ୟକ ଶାଖା ରେ NEFT/RTGS/ଇମ୍ପାସ ମାଧ୍ୟମରେ ଟଙ୍କା ଦେଣ ନେଣ ର ସୁବିଧା ଓ ତତ ସହିତ ଲକର୍ ସୁବିଧା ଉପଲବ୍ଧ।
୧୪ . ବ୍ୟାଙ୍କର ତାରିଗୋଡି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା / ଜମାଖାତା ଖୋଲିବା / ନଗଦ ଜମା ଉଠାଣ / ଏ .ଟି .ଏମ ମାଧ୍ୟମରେ ଋଣ ପ୍ରଦାନ।
୧୫ . ବ୍ୟାଙ୍କର IFS CODE-ORCB0KPT001.
୧୬ . ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ / ଭାରତୀୟ ସଞ୍ଚୟ ପ୍ରମାଣପତ୍ର ( N . S. C), କିଷାନ ବିକାଶ ପତ୍ରିକା (K. V. P) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା।

"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"


ଶ୍ରୀ ଐଶ୍ୱର୍ଯ୍ୟ ରତ୍ନ ମହାନ୍ତି
ସମ୍ପାଦକ
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର


ଇଂ ଶ୍ରୀ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ
ସଭାପତି
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର



**OFFICE OF THE MUNICIPAL COUNCIL, ASIKA ( GANJAM )**
(Email: - askanac@gmail.com, Ph No: -06822-273068)
Letter no- 2106 Date-12.08.2026

13001/1544/2627

**QUOTATION CALL NOTICE**

Sealed quotations are invited from the Registered Suppliers/Authorized dealers/Agencies for taking of different scrap materials from Municipality Asika. The rate of goods should be quoted with excluding all taxes. The goods should be taken from Municipality Asika including transportation charges.

The Tender paper cost of Rs. 708/- and EMD of Rs.2000/-has to be deposited along with quotation paper in shape of DD in favour of "Executive Officer Municipality Asika" payable at Asika. The quotation paper will available in office hour except Govt. Holidays as follows.

Sale of tender paper- : 13.08.2026 to 21.08.2026
Last date of submission of Tender Paper- : 24.08.2026 at 12.00 Noon
Date of Opening of Tender Paper- : 24.08.2026 at 4 P.M

Executive Officer
Municipality, Asika

OIPR-13001/13181/1/26-27/0007



**ZILLA PARISHAD, NABARANGPUR**
Phone No- 06858-222372
Mail- ori-dnawarangpur@nic.in
19001/193/2627

Order No. 4343 **OFFICE ORDER** Date:- 12.08.2026

Sub:- Calendar for Public Hearing at Panchayat Samiti / Block Level.

In pursuance of the Letter No.172/OS, dated. 31.03.2026 of Government in Panchayati Raj Department, Odisha and Letter No.2491, dated 31.04.2026 of this office, Public Hearing under **VB G RAM G**, for the **FY: 2026-27** (period from 01.10.2025 to 31.03.2026, Ist cycle) at Block Level to be conducted as per the calendar given below:

| Sl No | Name of the Block | Date and Time of Public Hearing | District level Designated Officer to participate in the S.A. P.H | Other officer to attend | Remarks |
|---|---|---|---|---|---|
| 01 | Raighar | 18.08.2026, 10.00 AM | ADM, General | DPO, (N)/DPM, OLM | 1. All the Block Level Officers including Line Departments and staff concerned shall remain present with all records / documents. 2. Local NGOs may be associated voluntarily in the Public Hearing |
| 02 | Nandahandi | 19.08.2026, 10.00 AM | CDO-cum-EO | Addl EO, Tech/MC | |
| 03 | Nabarangpur | 20.08.2026, 10.00 AM | ADM, Revenue | Addl.Sub Collector/DSA | |
| 04 | Papadahandi | 25.08.2026, 10.00 AM | ADM, General | Sub Collector/ Dy.CEO, ORMAS | |
| 05 | Dabugam | 28.08.2026, 10.00 AM | ADM, Revenue | Addl.EO, Admin/DSA | |
| 06 | Jharigam | 29.08.2026, 10.00 AM | CDO-cum-EO | Addl E.O, Tech/MC | |
| 07 | Chandahandi | 01.09.2026, 10.00 AM | ADM, General | DPO (N) / Dy.CEO, ORMAS | |
| 08 | Umerkote | 02.09.2026, 10.00 AM | ADM, Revenue | Addl Sub Collector /DPM, OLM | |
| 09 | Kosagumuda | 03.09.2026, 10.00 AM | CDO-cum-EO | Sub Collector/MC | |
| 10 | Tentulikhunti | 05.09.2026, 10.00 AM | CDO-cum-EO | Addl.EO Admin /DSA | |

OIPR-19001/19233/1/26-27/0002 Collector, Nabarangpur



**AFFIDAVIT**

I, Santosi Samal aged about 22 year D/o-Ramachandra Barik , Resident of At-Danda Sahi, Tentuliapada, Jagatsinghpur, Pin-754136, Odisha, declared by this Affidavit No.282, Dated 20.02.2026, That now onwards I shall Be Known as **SANTOSI BARIK** for all future Purposes.



**OFFICE OF THE MUNICIPAL COUNCIL: SUNDARGARH**
Tender Call Notice No. 3958/ Date. 12.08.2026
COMPETITIVE BIDDING THROUGH e-Procurement
**NOTICE INVITING TENDER**
Bid Reference No. SNGM-07/2026-27

13001/1531/2627

1. **Total No. of Works for which Tenders Invited:** 03 Nos.
2. **Place of Execution:** Different locations of Sundargarh Municipality.
3. **Estimated Cost of Individual Works excluding GST:** Rs. 5839633.00 to Rs. 8640761.00
4. **Eligible Class of Contractors:** Registered Contractors of Class- **'B'** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of Dt.14.08.2026** to **5.00 P.M of Dt. 28.08.2026** for online bidding.
7. Bids received will be opened on e-Procurement System at **11.00 A.M onwards on Dt.29.08.2026**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

Executive Officer,
Sundargarh Municipality

OIPR-13001/13130/1/26-27/0011



**No. 70519/CRC/PF/R.K.K/47th Bn/SSB/2024/9460-71, dated 30/07/2026**

To: UIN-11070519 HC (GD) Rabindra Kumar Kendu
S/o Sh. Gora Kendu, Village-Kankadahandi,
Post Office-Kaliagaon, Police Station-Jeypore,
District-Koraput, State- Odisha, PIN-764002.
Subject: Show Cause Notice under Rule-21.

**Whereas**, while posted in 47 Bn SSB, you proceeded on 20 days earned leave w.e.f. 04/04/2026 to 23/04/2026 and after expiry of leave you absented yourself without leave w.e.f. 24/04/2026(FN).

2. Whereas, notice for assumption of duty were issued vide this office OM No.47th Bn/Estt-III/CRC/PF-HC/GD-R.K.C/2026/4833-36 dated 04/05/2026 & even No. 5396-98 dated 14/05/2026, at your home address with direction to join your duties but you failed to report in 47th Bn SSB Raxaul.
3. Whereas, you are absenting yourself without leave since 24/04/2026 (FN) without sufficient cause and have not reported at 47th Bn SSB despite reminders.
4. Whereas, a Court of Inquiry under Section-74 of the SSB Act was convened to enquire into the aforesaid absence and the said Inquiry declared your said absence as unauthorized.
5. Whereas, Apprehension Rolls were issued to concerned Police Authority to apprehend you vide letter No.70519/CRC/PF/R.K.K/47th Bn/SSB/2024/7733-37 dated 29/06/2026 and No.70519/CRC/PF/R.K.K/47th Bn/SSB/2024/8058-62 dated 04/07/2026. You have not reported for duty after the said declaration by Court of Inquiry and also not surrendered or apprehended by the Police as such you are deemed to be deserter within the ambit of Section-74 of the said Act 2007 vide order No.70519/CRC/PF/R.K.K/47th Bn/SSB/2024/-8541-49 dated 13/07/2026 and the said offence is punishable under SSB Act -2007.
6. Whereas, in the facts and circumstances of the case, the undersigned is satisfied that your trail by Force Court for the said offence of desertion under the SSB Act is inexpedient and impracticable and is of the tentative opinion that your further retention in the service is undesirable.
7. And whereas, a copy of the Court of Inquiry referred to in para-4 above containing statements of witnesses, and nature of allegations have already been served to you as Annexure-I. to the 1st Show Cause Notice issued vide letter No.70519/CRC/PF/R.K.K/47th Bn / SSB/2024/8688-8700 dated 15.07.2026
8. In view of the above, you are hereby called upon to submit in writing your explanation and defence in respect of above allegation(s) by 14/08/2026 as to why action to dismiss or remove you tentatively from service for said misconduct should not be initiated against you under Rule-21 of the SSB Rules 2009. In case, you fail to file any reply within the stipulated period, it shall be presumed that you have nothing to put forth in your defence and action to terminate your service as proposed above within the ambit of SSB Rule-21 shall be initiated against you ex-parte.

Commandant
65 Bn SSB, Bagaha
(Holding statutory power of Comdt. 47 Bn SSB Raxaul)



**AFFIDAVIT**

I, Sayam Agrawal, S/o-Manoj Kumar Agarwal, resident at-Brindaban Apt, Gangamandir PO-Cuttack GPO, PS-LALBAG, Dist-Cuttack, Pin-753001, Odisha, declare by this affidavit No.29535 dtd-11.08.2026 that now onwards I shall be known as **SAYAM AGARWAL** for all future purposes.



**AFFIDAVIT**

I, Kanaklata Samal, W/o- Darpahari Samal, resident of At/Po-Sohada, Ps-Dhamanagar, Dist-Bhadrak, Pin- 756117, Odisha declare by this affidavit No-1410, dated- 13.08.2026 that now onwards I shall be known as **KANAKALATA SAMAL** for all future purposes.



**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

Statement of Standalone & Consolidated Audited Financial Results For the quarter and year ended 31st March'2026

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation(including Other Income) | (40.17) | (19.40) | (0.41) | 44.27 | 5,058.02 | 2,572.79 | 18,693.84 | 13,486.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (48.73) | (29.41) | (63.11) | (28.91) | (477.35) | (3,166.75) | 739.03 | (3,481.32) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (48.73) | (29.41) | (63.11) | (28.91) | (345.59) | (3,173.88) | 870.79 | (3,488.45) |
| 6 | Net Profit attributable to Non Controlling Interests | - | - | - | | (223.94) | (1,580.08) | 359.65 | (1,772.88) |
| 7 | Net Profit attributable to Owners of the Company | - | - | - | | (253.41) | (1,586.67) | 379.38 | (1,708.44) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,483.53 | 26,546.64 | 26,483.53 | 26,546.64 | (8,945.44) | (9,390.71) | (8,945.44) | (9,390.71) |
| 10 | Earning per share ( Rs) | | | | | | | | |
| | (i) Basic: | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |
| | (ii) Diluted | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |

1. The above results of the Company were approved by the Board of Directors at their respective meetings held on 14.08.2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Bhubaneswar
Date: 14th August 2026

Sd/-
(A.K. Bagchi)
Managing Director-EIL



**ହଜିଛି**

ଆମ୍ଭେ **ଶ୍ରୀ ବ୍ରହ୍ମାନନ୍ଦ ମଙ୍ଗରାଜ,** ପିତା: ଚୈତନ୍ୟ ମଙ୍ଗରାଜ, ସା/ପୋ: ଗୋଠପାଟଣା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ଗତ ତା ୦୩.୦୨.୨୦୨୩ରିଖରେ ରେଜିଷ୍ଟ୍ରି ଦଲିଲ ନଂ: ୧୧୧୩୨୩୦୨୦୬୭ ବଳରେ ଗୀତାରାଣୀ ପାଢୀଙ୍କ ଠାରୁ ଘଙ୍ଗାପାଟଣା ମୌଜାର ଖାତା ନଂ: ୫୧୨/୬୨୨୧, ପ୍ଲଟ୍ ନଂ.: ୧୧୪୪/୪୪୭୩/୪୮୭୮, ଏରିଆ: ଏ୦.୦୫୮ଡି. କ୍ରୟ କରିଥିଲୁ । ଗୀତାରାଣୀ ପାଢୀ ଏହି ଜମିକୁ ତରୁଣକାନ୍ତ ମହାନ୍ତିଙ୍କ ଠାରୁ କିଣିଥିଲେ ଏବଂ ତରୁଣକାନ୍ତ ମହାନ୍ତି ଏହାକୁ ବାଲାଜୀ ବିଲଡକମ ତରଫ ପାର୍ଟନର ରାହୁଲ ଗୁଣଧରଙ୍କ ଠାରୁ କିଣିଥିଲେ । ଗୀତାରାଣୀ ପାଢୀ ମୋତେ ଜମି ବିକ୍ରି କରିବା ସମୟରେ ପୂର୍ବର ସମସ୍ତ ଦଲିଲ ଦେଇଥିଲେ । ଗତ ତା ୦୬.୦୮.୨୦୨୬ରିଖ ସନ୍ଧ୍ୟା ୭ ଘଟିକା ସମୟରେ ଘଙ୍ଗାପାଟଣା ସ୍ଥିତ ରାଧାମାଧବ ନଗରରୁ ଗୋଠପାଟଣା ଛକ ଆଡକୁ ବାଇକ ଯୋଗେ ଜେରକ୍ସ ପାଇଁ ଯାଉଥିବା ସମୟରେ ଉକ୍ତ ରେଜିଷ୍ଟ୍ରି ଦଲିଲ୍ ନଂ.: ୧୧୧୩୨୧୦୦୪୦୫, ତା୦୮.୦୧.୨୦୨୧, ଖାତା ନଂ.: ୫୧୨/୩୯୪୯, ପ୍ଲଟ୍ ନଂ.: ୧୧୪୪/୪୪୭୩ ଏରିଆ: ଏକର୦.୦୫୮ ଡିସିମିଲି, ଏବଂ ଘଙ୍ଗାପାଟଣା ମୌଜାର ଏକ ପଟ୍ଟା ଯାହାର ଖାତା ନଂ.: ୫୧୨/୪୪୦୬, ପ୍ଲଟ୍ ନଂ.: ୧୧୪୪/୪୪୭୩/୪୮୭୮, ଏରିଆ: ଏକର୦.୦୫୮ଡିସିମିଲି କେଉଁଠି ହଜିଯାଇଛି, ଯଦି କୌଣସି ସହୃଦୟ ବ୍ୟକ୍ତି ସେହି ଦଲିଲ ଏବଂ ପଟ୍ଟାକୁ ପାଇଥାନ୍ତି, ଏହି **ମୋବାଇଲ୍ ନଂ. ୯୪୩୯୬୫୧୯୩୧**ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି କୌଣସି ବ୍ୟକ୍ତି ଏହାର ଅସଦ ବ୍ୟବହାର କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ।



**ହଜିଛି**

**ମୁଁ, ପ୍ରମୋଦ କୁମାର ଅଗ୍ରୱାଲ,** ପିତା: ନୋରଙ୍ଗ ରାୟ ଗୁପ୍ତା, ଅଗ୍ରସେନ ଆଲମେଟ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ଯାହାଙ୍କ କାରଖାନା ପ୍ଲଟ୍ ନଂ.: ୧୯୨/୬୫୪, ଖାତା ନଂ.: ୧୪୧/୧୦୮, ମୌଜା: ବେଲଡିହି, ପୋଷ୍ଟ: ବେଲଡିହି, ଥାନା: ବ୍ରାହ୍ମଣୀ ତରଙ୍ଗ, ଜିଲ୍ଲା: ସୁନ୍ଦରଗଡରେ ଅବସ୍ଥିତ), ଏହା ଘୋଷଣା କରୁଛି ଯେ, TPWODL ଦ୍ୱାରା ଉପଭୋକ୍ତା ସଂଖ୍ୟା ୮୧୩୦୦୦୦୦୦୨୬୦ ବିପକ୍ଷରେ ପ୍ରଦାନ କରାଯାଇଥିବା ଟ.୬,୧୩,୩୧୫/- (ଛଅ ଲକ୍ଷ ତେର ହଜାର ତିନି ଶହ ପନ୍ଦର ଟଙ୍କା) ର ମୂଳ ଏସ.ଡି. ଟଙ୍କା ରସିଦ୍‌ଟି ମୋ ଠାରୁ ହଜିଯାଇଛି ଏବଂ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଏହା ମିଳୁନାହିଁ। ଏହି ରସିଦ୍ ସମ୍ବନ୍ଧୀୟ ଯେକୌଣସି ଆଇନଗତ ବିବାଦ ପାଇଁ ମୁଁ ନିଜେ ସମ୍ପୂର୍ଣ୍ଣ ରୂପେ ଦାୟୀରହିବି।

## ପ୍ରିୟାଶିଷ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଟପ୍ପର



ବାରିପଦା, ୧୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ୩୩ ବର୍ଷୀୟା ଛାତ୍ରୀ ପ୍ରିୟାଶିଷ ରଥ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପ୍ରିୟାଶିଷ ଖୁଣ୍ଟାରେ ନିଜର ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିବାବେଳେ ୨୦୧୯ରେ ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହେବା ପରେ ବାରିପଦାସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ରସାୟନିକ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ଜାତୀୟ ସ୍ତରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଚୟନ ପରୀକ୍ଷାରେ ଏକାଧିକ ବିଶ୍ୱବିଦ୍ୟାଳୟ ପାଇଁ ଯୋଗ୍ୟତା ହାସଲ କରିଥିବାବେଳେ ୨୦୨୪ରେ ଗୟାସ୍ଥ ଦକ୍ଷିଣ ବିହାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରସାୟନିକ ବିଜ୍ଞାନରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନ କରୁଥିଲେ। ଏହି ପାଠ୍ୟକ୍ରମରେ ସେ ସଫଳତା ହାସଲ କରିବା ସହିତ ଉକ୍ତ ବିଶ୍ୱବିଦ୍ୟାଳୟର ସମ୍ପୃକ୍ତ ବିଭାଗରେ ଟପ୍ପର ହୋଇଥିବା ଜଣାଯାଇଛି। ପ୍ରିୟାଶିଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରିୟାଶିଷ ସ୍ଥାନୀୟ ଖୁଣ୍ଟା ଅଞ୍ଚଳର ପ୍ରାକ୍ତନ ପ୍ରତିରକ୍ଷା ବିଭାଗ କର୍ମଚାରୀ ଅଶିଷ ରଥ ଓ ପ୍ରିୟଦର୍ଶନୀଙ୍କ କନ୍ୟା ଅଟନ୍ତି।

● ଚେକ୍ ବାଉନ୍ସ ମାମଲା

## ଅଭିଯୁକ୍ତଙ୍କୁ ୬ ମାସ କାରାଦଣ୍ଡାଦେଶ

ବାରିପଦା, ୧୪।୮ (ସମିସ): ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ବାରିପଦା ବିଚାର ବିଭାଗୀୟ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ତତସହିତ ୪ ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ ଦର୍ଶାଇଛନ୍ତି। ଅଭିଯୁକ୍ତ ଜଣକ ବାଙ୍ଗିରିପୋଷି ଥାନା ଭୁଆଷୁଣି ଗ୍ରାମର ଭବାନୀ ଶଙ୍କର ମହାନ୍ତ। ଭବାନୀ ମହାନ୍ତ ବ୍ୟବସାୟ ପାଇଁ ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସାରସକଣା ଶାଖାରୁ ୨ ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ଟଙ୍କା ଓ ସୁଧ ପରିଶୋଧ ନିମନ୍ତେ ସେ ୨ ଲକ୍ଷ ୬୯ ହଜାର ୫୬୧ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଚେକଟି ବାଉନ୍ସ ହୋଇଥିବାରୁ ୨୦୨୪ ଜୁନ ୧୭ ତାରିଖରେ ଶାଖା ପରିଚାଳକ ଜେଏମଏଫସି-୧ଙ୍କ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ବ୍ୟାଙ୍କ ପକ୍ଷରୁ ଆଇନଜୀବୀ ବଟକୃଷ୍ଣ ପାଢ଼ୀ ମାମଲା ପରିଚାଳନା କରୁଥିଲେ।

## ନେଡୁଆପାଳରେ ଘର ଭାଙ୍ଗିଲା ଦନ୍ତା, ୫ ବର୍ଷ ଶିଶୁର ମୃତ୍ୟୁ

କରଞ୍ଜିଆ, ୧୪।୮ (ସମିସ): ନେଡୁଆପାଳରେ ବାମେଇ ସାହିରେ ରାତି ପ୍ରାୟ ୩ଟା ସମୟରେ ଏକ ଦନ୍ତାହାତୀ ଘର ଭାଙ୍ଗିବା ସହ ଏକ ୫ ବର୍ଷର ଶିଶୁର ମୃତ୍ୟୁ ଘଟିଛି। ରାତି ପ୍ରାୟ ୩ଟା ସମୟରେ ଏକ ଦନ୍ତାହାତୀ ନେଢୁଆପାଳ ବାମେଇ ସାହିରେ ପ୍ରବେଶ କରିଥିଲା। ହାତୀଟି ଗୋଟିଏ ଘର ଭାଙ୍ଗିଥିବାବେଳେ ଏଥିରେ ଏକ ଶିଶୁର ମୃତ୍ୟୁ ଘଟିଥିଲା। ମୃତ ଶିଶୁ ଭରତ ଲାଗୁରି ଓ ସରସ୍ୱତୀ ଗାଗରାଇଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ଲାଗୁରି। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି ଘଟଣାର ତଦନ୍ତ କରିବା ସହ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଏ ଦୁଃଖଦ ଘଟଣାକୁ ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜନବସତି ଅଞ୍ଚଳରେ ହାତୀ ପ୍ରବେଶ ରୋକିବା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାସ୍ତା ତଳକୁ ଦୁଇ ବାଇକ୍ ଖସିଲା, ୩ ଗୁରୁତର

ଠାକୁରମୁଣ୍ଡା, ୧୪।୮ (ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଗୋବରଯୋଡ଼ା ନଦୀ ନିକଟରେ ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ପୃଥକ୍ ଭାବେ ଦୁଇଟି ବାଇକ୍ ଦୁର୍ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ଘଟଣାରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିବା ଜଣାପଡ଼ିଛି। ଭରଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ଦାନୁଆବାଲିପୋଷି ଗ୍ରାମର କ୍ଷୀରୋଦ ମହାନ୍ତ (୨୫) ଓ ନାଗେଶ ମହାନ୍ତ (୩୦) ଚମ୍ପାଝରସ୍ଥ ଭିଣୋଇଙ୍କ ଘରକୁ ଯାଇଥିଲେ। ସନ୍ଧ୍ୟାରେ ସେମାନେ ଘରକୁ ଫେରୁଥିବାବେଳେ ଗୋବରଯୋଡ଼ା ନଦୀ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲା। ଉଭୟ ଗୁରୁତର ଆହତ ହୋଇଥିଲେ। ଏହାର କିଛି ସମୟ ପରେ ସେହି ସ୍ଥାନରେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲାଇବେଡ଼ା ପଞ୍ଚାୟତର ଖପରଖାଇ ଗ୍ରାମର ଲବ ମହାନ୍ତ (୩୫) ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲେ। ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଠାକୁରମୁଣ୍ଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ତିନିଜଣ ଆହତଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

## ଶଙ୍କରାଇ ନାଳରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ବାରିପଦା, ୧୪।୮ (ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଚଢ଼େଇପାହାଡ଼ି ଫୁଟବଲ ପଡ଼ିଆ ନିକଟରେ ପ୍ରବାହିତ ଶଙ୍କରାଇ ନାଳରୁ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ଚଢ଼େଇପାହାଡ଼ି ଗ୍ରାମର ଥିମୁ ସୋରେନ (୪୨)। ଥିମୁ ମଙ୍ଗଳବାରଠାରୁ ନିଖୋଜ ଥିଲେ। ଶୁକ୍ରବାର ନାଳରେ ମୃତଦେହ ଦେଖିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଲଗାଣ ବର୍ଷା ଯୋଗୁଁ ନାଳରେ ଜଳସ୍ତର ବଢ଼ିଥିବାରୁ ଥିମୁଙ୍କ ମୃତଦେହ କିଛି ବାଟ ଭାସି ଆସିଥାଇପାରେ ବୋଲି ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ବାଙ୍ଗିରିପୋଷି ପୁଲିସ ପହଞ୍ଚି ନାଳରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଆର୍‌ଡିଏସ୍ ଡିଗ୍ରୀ କଲେଜରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ଉଦଳା, ୧୪।୮ (ସମିସ): କୁଣ୍ଡାବାଇସ୍ଥ ଆର୍‌ଡିଏସ୍ ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ରିସୋର୍ସ ପର୍ସନ ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ଦେ ଓ ଶୋଭା ଏନଜିଓର ସେକ୍ରେଟାରୀ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଉକ୍ତ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ପ୍ରସ୍ତୁତ କରିଥିବା ଷ୍ଟାର୍ଟଅପ୍ ପ୍ଲାନ୍ ବିଷୟରେ ପାୱାର୍ ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଚୟନ କର୍ତ୍ତା ୬୫ଟି ପ୍ଲାନ୍ ମଧ୍ୟରୁ ଶ୍ରେଷ୍ଠ ତିନୋଟି ଷ୍ଟାର୍ଟଅପ୍ ପ୍ଲାନକୁ ଚୟନ କରିଥିଲେ। ସେମାନଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ପ୍ରାଣୀବିଜ୍ଞାନ ଅଧ୍ୟାପକ ସୁବ୍ରତ ବେହେରା ଓ ଇଂରାଜୀ ବିଭାଗ ଅଧ୍ୟାପକ ମହେନ୍ଦ୍ର ବିନ୍ଧାଣୀ ପରିଚାଳନା କରିଥିଲେ।

ରାଇରଙ୍ଗପୁରରେ ପ୍ରସ୍ତାବିତ ସୈନିକ ସୁବିଧା କେନ୍ଦ୍ର

# ଜିଲ୍ଲାପାଳଙ୍କ ସୁପାରିସ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

ବାରିପଦା, ୧୪।୮ (ସମିସ)

ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ସୈନିକଙ୍କ ପାଇଁ ପ୍ରସ୍ତାବିତ ଇଣ୍ଟିଗ୍ରେଟେଡ୍ ସୈନିକ କମ୍ପ୍ଲେକ୍ସ, ସିଏସଡି କ୍ୟାଣ୍ଟିନ, ସୈନିକ ରେଷ୍ଟ ହାଉସ୍ ଓ ଇସିଏଚ୍ ପଲିକ୍ଲିନିକ୍‌କୁ ଜିଲ୍ଲା ସଦର ମହକୁମା ବାରିପଦା ବଦଳରେ ରାଇରଙ୍ଗପୁର ଓ ବାରିପଦାରେ ଭାଗ ଭାଗ କରି ସ୍ଥାପନ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସୁପାରିଶ ଉପରେ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ୧୩ ତାରିଖରେ ନ୍ୟାୟମୂର୍ତ୍ତି ବି.ପି. ରାଉତରାୟଙ୍କ ଏକକ ପୀଠ ମୟୂରଭଞ୍ଜ ଜିଲ୍ଲା ଏକ୍ସ-ସର୍ଭିସେସ୍ ଲିଗ୍ ଓ ଅନ୍ୟମାନଙ୍କ ପକ୍ଷରୁ ଦାଖଲ ହୋଇଥିବା ରିଟ୍ ପିଟିସନ୍ (ଡବ୍ଲୁ ପି(ସି) ନଂ ୨୫୮୨୦/୨୦୨୬)କୁ ଅଦାଲତରେ ଶୁଣାଣି କରି ଏହି ନିଷ୍ପତ୍ତି ଦେଇଛନ୍ତି। ଏହି ମାମଲାରେ ମୟୂରଭଞ୍ଜ ଜିଲ୍ଲା ଏକ୍ସ-ସର୍ଭିସେସ୍ ଲିଗ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପିଟିସନର ଥିଲେ। କେନ୍ଦ୍ର ସରକାର, ଓଡ଼ିଶା ସରକାର, ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ସୈନିକ ବୋର୍ଡ ଅଧ୍ୟକ୍ଷ, ରାଜ୍ୟ ସୈନିକ ବୋର୍ଡ ଓ ଅନ୍ୟମାନେ ବିପକ୍ଷରେ ଥିଲେ।

ପିଟିସନରଙ୍କ ଦାବି ଥିଲା ଯେ, ମୟୂରଭଞ୍ଜ ଜିଲ୍ଲାପାଳ ଚଳିତ ମାସ ୯ ତାରିଖର ଆଦେଶ (ଆନେକ୍ସର-୭) ମାଧ୍ୟମରେ ଏହି ସୈନିକ ସୁବିଧା କେନ୍ଦ୍ରକୁ ଆଂଶିକ ଭାବେ ବାରିପଦା ଓ ଆଂଶିକ ଭାବେ ରାଇରଙ୍ଗପୁରରେ ସ୍ଥାପନ କରିବାର ସୁପାରିଶ କରିଥିଲେ। ଅଥଚ ଜିଲ୍ଲା ସଦର ମହକୁମା ବାରିପଦାରେ ହିଁ ଏହା ସ୍ଥାପିତ ହେବା ଉଚିତ। କାରଣ ମୟୂରଭଞ୍ଜ ଜିଲ୍ଲାର ପୂର୍ବ ଅଞ୍ଚଳରେ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କ ସଂଖ୍ୟା ପଶ୍ଚିମ ଅଞ୍ଚଳର ତୁଳନାରେ ଦୁଇ ଗୁଣାରୁ ଅଧିକ। ବାରିପଦା ଅଞ୍ଚଳରେ ପ୍ରାୟ ୨, ୦୯୧ ଜଣ ପୂର୍ବତନ ସୈନିକ ରହିଥିବାବେଳେ ରାଇରଙ୍ଗପୁରରେ ମାତ୍ର ୮୯୦ ଜଣ ଅଛନ୍ତି। ଏହି ସୁବିଧା ବାରିପଦାରେ ନଥିବା ଫଳରେ ପ୍ରାୟ ୬, ୦୦୦ ଲୋକ ସମସ୍ୟାରେ ପଡ଼ିବେ ବୋଲି ସେମାନେ ଯୁକ୍ତି ଦେଇଥିଲେ। ଏହାପୂର୍ବରୁ ଗତମାସ ୧୫ ତାରିଖରେ ମୟୂରଭଞ୍ଜ ଏକ୍ସ-ସର୍ଭିସେସ୍ ଲିଗ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା ଓ ବାରିପଦାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଗଠନର ଦାବି ଆଧାରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହି ସୁବିଧା ମଞ୍ଜୁର ହୋଇଥିଲା। ମାତ୍ର ସଂଗଠନକୁ ଅନ୍ଧାରରେ ରଖି ଏହାକୁ ସ୍ଥାନାନ୍ତର କରାଯାଉଛି ବୋଲି ଅଭିଯୋଗ କରାଯାଇଥିଲା। ଏ ପର୍ଯ୍ୟନ୍ତ ମୟୂରଭଞ୍ଜର ପୂର୍ବତନ ସୈନିକମାନେ କ୍ୟାଣ୍ଟିନ, ଇସିଏଚ୍ଏସ୍, ପଲିକ୍ଲିନିକ୍ କିମ୍ବା ଜିଲ୍ଲା ସୈନିକ ବୋର୍ଡ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ବୋଲି ସେମାନେ କହିଛନ୍ତି। ଇସିଏଚ୍ଏସ୍ ସୁବିଧା ପାଇଁ ସୈନିକମାନେ ନିଜ ଚାକିରି ସମୟରେ ଅର୍ଥ ଦେଇଛନ୍ତି, ଏହା ସେମାନଙ୍କର ଅଧିକାର ବୋଲି ଦାବି କରାଯାଇଛି। ହାଇକୋର୍ଟଙ୍କ ଆଦେଶରେ କୁହାଯାଇଛି ଯେ, ରିଟ୍ ପିଟିସନ୍‌କୁ ଅଦାଲତ ଆଡ଼ମିସନ୍ ସ୍ତରରେ ନିଷ୍ପତ୍ତି କରାଯାଉଛି ଓ ପିଟିସନରଙ୍କ ଦାବିର ଗୁଣାଗୁଣ ଉପରେ କୌଣସି ମତ ଦିଆଯାଉନାହିଁ। ଜିଲ୍ଲାପାଳ (ବିପକ୍ଷ ପକ୍ଷ ନଂ ୩)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ପିଟିସନରଙ୍କ ସ୍ମାରକପତ୍ର (ଆନେକ୍ସର-୮) ଅନୁଯାୟୀ ସେମାନଙ୍କ ଅଭିଯୋଗକୁ ବିଚାର କରନ୍ତୁ। ପିଟିସନର ଓ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କୁ ଶୁଣାଣିର ସୁଯୋଗ ଦେଇ ଆଇନ ଅନୁଯାୟୀ ନିଷ୍ପତ୍ତି ନିଅନ୍ତୁ। ଏହି ଆଦେଶର ପ୍ରମାଣିତ ନକଲ ଓ ରିଟ୍ ପିଟିସନ୍‌ର ନକଲ ପ୍ରାପ୍ତି ତାରିଖରୁ ୩ ମାସ ମଧ୍ୟରେ ଏହି ନିଷ୍ପତ୍ତି ନିଆଯିବ। ସେହି ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ୯ ଜୁଲାଇ ୨୦୨୬ର ସୁପାରିଶ (ଆନେକ୍ସର-୭) ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନାହିଁ। ଏହି ଆଦେଶ ପରେ ମୟୂରଭଞ୍ଜର ପୂର୍ବତନ ସୈନିକ ମହଲରେ ସନ୍ତୋଷ ପ୍ରକାଶ ପାଇଛି। ସେମାନେ ଆଶା କରୁଛନ୍ତି ଯେ, ଜିଲ୍ଲାପାଳ ଏହି ନିର୍ଦ୍ଦେଶକୁ ଗମ୍ଭୀରତାର ସହିତ ଗ୍ରହଣ କରି ଜିଲ୍ଲା ସଦର ମହକୁମା ବାରିପଦାରେ ହିଁ ସୈନିକ ସୁବିଧା କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ନେବେ। ହାଇକୋର୍ଟଙ୍କ ଏହି ଆଦେଶ ପରେ ଏବେ ସମସ୍ତ ଦୃଷ୍ଟି ଜିଲ୍ଲାପାଳଙ୍କ ଉପରେ ରହିଛି। ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ କୁହାଯାଇଥିବାରୁ ପୂର୍ବତନ ସୈନିକ ସଂଗଠନ ଏହାର କାର୍ଯ୍ୟକାରିତାକୁ ନିବିଡ଼ ଭାବେ ନଜରରେ ରଖିଛି ବୋଲି ଲିଗ୍‌ର ସଭାପତି ଜନାର୍ଦ୍ଦନ ମହାନ୍ତ, ସାଧାରଣ ସମ୍ପାଦକ ପରମେଶ୍ୱର ମହାନ୍ତ ଓ ଉପସଭାପତି ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ କହିଛନ୍ତି।

## ସ୍ୱାଧୀନତା ଦିବସ 'ଆଟ-ହୋମ' କାର୍ଯ୍ୟକ୍ରମକୁ ରାମଜିତଙ୍କୁ ଆମନ୍ତ୍ରଣ



ବାରିପଦା, ୧୪।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ଲୋକ ଭବନରେ ଆୟୋଜିତ ହେବାକୁ ଥିବା 'ଆଟ-ହୋମ' କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' କାର୍ଯ୍ୟକ୍ରମରେ ଉଲ୍ଲେଖିତ ଓଡ଼ିଶାର ୧୫ ଜଣ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଛି। ସେମାନଙ୍କ ମଧ୍ୟରେ ମୟୂରଭଞ୍ଜର ରାମଜିତ ଟୁଡୁ ରହିଛନ୍ତି। ସାନ୍ତାଳୀ ଭାଷାକୁ ଡିଜିଟାଇଜେସନ୍ ପାଇଁ ମୟୂରଭଞ୍ଜର ଆଦିବାସୀ ଯୁବକ ରାମଜିତ ଟୁଡୁଙ୍କୁ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କୀ ବାତ୍'ରେ ଗତବର୍ଷ ଜୁନ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଆଗରେ ପ୍ରଶଂସା କରିଥିଲେ। ଡିଜିଟାଇଜେସନ୍ ମାଧ୍ୟମରେ ସାନ୍ତାଳୀ ଭାଷାର ପ୍ରଚାର ଓ ସଂରକ୍ଷଣ ଦିଗରେ ଶ୍ରୀ ଟୁଡୁଙ୍କ ଅଗ୍ରଣୀ ଉଦ୍ୟମ ପାଇଁ ସେ ପ୍ରଶଂସା କରିଥିଲେ। ଡିଜିଟାଲ୍ ସ୍ପେସ୍ ସମେତ ଡିଜିଟାଲ୍ ପ୍ଲାଟଫର୍ମରେ ସାନ୍ତାଳୀ ଭାଷାକୁ ଉପଲବ୍ଧ କରାଇବାରେ ଟୁଡୁଙ୍କ ଅବଦାନକୁ ମୋଦୀ ଆଲୋକିତ କରି ସ୍ୱଦେଶୀ ଭାଷାର ବଞ୍ଚିବା ଓ ଅଭିବୃଦ୍ଧି ସୁନିଶ୍ଚିତ କରିବାରେ ତାଙ୍କ କାର୍ଯ୍ୟର ଗୁରୁତ୍ୱକୁ ସ୍ୱୀକାର କରିଥିଲେ। ସାନ୍ତାଳୀ ଭାଷାରେ ରାମଜିତ ଟୁଡୁଙ୍କ ଉତ୍ସର୍ଗ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ଏକ ଦୁନିଆରେ ଯେଉଁଠାରେ ଭାଷାଗୁଡ଼ିକ ଲୋପ ହୋଇପାରେ, ସେହି ସମୟରେ ସାନ୍ତାଳୀ ଭାଷାକୁ ଡିଜିଟାଇଜେସନ୍ କରିବା ଓ ଭବିଷ୍ୟତ ପିଢ଼ି ପାଇଁ ଏହାକୁ ଉପଲବ୍ଧ କରାଇବା ପାଇଁ ତାଙ୍କର ଅହେତୁକ ଉଦ୍ୟମ ଏକ ଉଲ୍ଲେଖନୀୟ ସଫଳତା।

ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକର ଗୋବିନ୍ଦପୁରର ଛୋଟ ଗାଁରୁ ଆସିଥିବା ଟୁଡୁ ସାନ୍ତାଳୀ ଉଇକିପିଡ଼ିଆ ସୃଷ୍ଟି ଓ ଅଲଚିକି ଟେକ୍, ସାନ୍ତାଳୀ ଇ-ପତ୍ରିକା ବିର୍-ମାଲି ଭଳି ଡିଜିଟାଲ ପ୍ଲାଟଫର୍ମର ସହପ୍ରତିଷ୍ଠାତା ଭାବେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର କାର୍ଯ୍ୟ ସାନ୍ତାଳୀ ଭାଷାକୁ ଡିଜିଟାଲ ଯୁଗର ଅଗ୍ରଭାଗକୁ ଆଣିବାରେ ସହାୟକ ହୋଇଛି। ଭାରତ, ବାଂଲାଦେଶ ଓ ନେପାଳର ଯୁବକ ସାନ୍ତାଳୀ ବକ୍ତାଙ୍କୁ ସେମାନଙ୍କର ଭାଷା ଐତିହ୍ୟକୁ ଗ୍ରହଣ କରିବା ଓ ଡିଜିଟାଲ ପ୍ଲାଟଫର୍ମରେ ଏହାର ଅଭିବୃଦ୍ଧିରେ ସହାୟକ ହୋଇଛି। ଦେଶର ଡିଜିଟାଲ ଇକୋସିଷ୍ଟମରେ ଆଞ୍ଚଳିକ ତଥା ସ୍ୱଦେଶୀ ଭାଷାକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱକୁ ପ୍ରତିଫଳିତ କରି ଭାରତର ଡିଜିଟାଲ ଭାଷା ସଂରକ୍ଷଣ ଆନ୍ଦୋଳନରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଟୁଡୁଙ୍କ ସ୍ଥିତିକୁ ଆହୁରି ଦୃଢ଼ିଭୂତ କରିପାରିଛି। ରାଜ୍ୟପାଳଙ୍କ କମିଶନର-କମ୍-ସଚିବଙ୍କ ପତ୍ର କ୍ରମାଙ୍କ ୭୨୭୭/ଆଇପିଆର/୨୦୨୬ ଅନୁସାରେ ଏହି ନିମନ୍ତ୍ରଣ କରାଯାଇଛି। କାର୍ଯ୍ୟକ୍ରମ ୧୫ ଅଗଷ୍ଟ ୨୦୨୬ ସନ୍ଧ୍ୟା ୬:୧୫ରେ ଲୋକ ଭବନରେ ଅନୁଷ୍ଠିତ ହେବ। ଆମନ୍ତ୍ରିତ ବ୍ୟକ୍ତିମାନେ ଭୁବନେଶ୍ୱରରେ ପହଞ୍ଚିବା ପରେ ନୋଡାଲ ଅଧିକାରୀଙ୍କ ଦ୍ୱାରା ସେମାନଙ୍କୁ ନିମନ୍ତ୍ରଣ ପତ୍ର ହସ୍ତାନ୍ତର କରାଯିବ। ମୟୂରଭଞ୍ଜ ଜିଲ୍ଲାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ଏହି ପତ୍ର ପଠାଯାଇଛି। ସେମାନଙ୍କୁ ବିବରଣୀ ଦେବା ସହ ଆମନ୍ତ୍ରିତଙ୍କ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ସମନ୍ୱୟ ଓ ସମୟାନୁକୂଳ ଯୋଗାଯୋଗ ନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବାଡୁଣିଆ ବାଳିକା ବିଦ୍ୟାଳୟ ସମସ୍ୟା ନେଇ ମାସା ସଂଗଠନର ଦାବିପତ୍ର



ବିଶୋଇ, ୧୪।୮ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ବାଡୁଣିଆ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ଦାବି କରି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ପକ୍ଷରୁ ବାମନଘାଟି ଉପଜିଲ୍ଲାପାଳଙ୍କୁ ୮ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଡୁଣିଆ ବାଳିକା ବିଦ୍ୟାଳୟରେ ଛାତ୍ରୀ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ନିୟମିତ ପାଠପଢ଼ା ହେଉ ନ ଥିବାରୁ ଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଖାଦ୍ୟ ଓ ପାନୀୟ ଜଳର ଗୁଣବତ୍ତାକୁ ନେଇ ମଧ୍ୟ ଅଭିଯୋଗ ରହିଥିବା ସଂଗଠନ ପକ୍ଷରୁ କୁହାଯାଇଛି। ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ପୂର୍ବରୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛି ମାସା। ଏହାକୁ ନେଇ ଛାତ୍ରୀ ଗତ କିଛିଦିନ ପୂର୍ବରୁ ନୂତନ ଭାବେ ଯୋଗଦାନ କରିଥିବା ଅଧ୍ୟକ୍ଷାଙ୍କୁ ଅନ୍ୟତ୍ର ବଦଳି ଓ ଅନ୍ୟ ସମସ୍ତ ସମସ୍ୟାର ସମାଧାନ ପାଇଁ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିବା ନେଇ ମଧ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମାସା ସଂଗଠନ ପକ୍ଷରୁ କରାଯାଇଥିବା ଦାବି ମଧ୍ୟରେ ବିଦ୍ୟାଳୟରେ ନିୟମିତ ଓ ସୁଚାରୁ ଭାବେ ପାଠପଢ଼ା ବ୍ୟବସ୍ଥା ସୁନିଶ୍ଚିତ କରିବା, ଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ବୃଦ୍ଧି ସହ ନିୟମିତ ଯାଞ୍ଚ କରିବା, ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରହିଛି। ଏଥିସହିତ ବିଦ୍ୟାଳୟର ସମସ୍ତ ଅବ୍ୟବସ୍ଥା ଓ ଅଭିଯୋଗର ନିରପେକ୍ଷ ତଦନ୍ତ, ଛାତ୍ରୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର, ପ୍ରଶାସନିକ ପରିଚାଳନା ସମ୍ପର୍କିତ ଅଭିଯୋଗର ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବାକୁ ସଂଗଠନ ଦାବି କରିଛି। ମାସା ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଛାତ୍ରୀଙ୍କ ଶିକ୍ଷା, ସୁରକ୍ଷା ଓ ଭବିଷ୍ୟତ ସହିତ ଏହି ସମସ୍ତ ବିଷୟ ଜଡ଼ିତ ଥିବାରୁ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ଯଦି ଦାବି ଉପରେ ଉଚିତ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଛାତ୍ରୀଙ୍କ ନ୍ୟାୟ ଓ ଅଧିକାର ପାଇଁ ଆଗାମୀ ଦିନରେ ମାସା ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି।

## ଏସସିବିରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ବାରିପଦା, ୧୪।୮ (ସମିସ): କଟକସ୍ଥ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜକୁ ଏଆଇଆଇଏମଏସ-ପ୍ଲସ ସ୍ତରର ଅନୁଷ୍ଠାନରେ ରୂପାନ୍ତରିତ କରାଯିବା ପରେ ଏହାର ପ୍ରତିଷ୍ଠାତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଗୌରବମୟ ଉତ୍ତରାଧିକାରକୁ ସମ୍ମାନ ଜଣାଇବା ପାଇଁ ଦାବି ଉଠିଛି। ଡାକ୍ତର ପ୍ରିୟବ୍ରତ ମାଝୀ ଟ୍ୱିଟର ପୋଷ୍ଟରେ ଲେଖିଛନ୍ତି ଯେ ଏସସିବି ମେଡିକାଲ କଲେଜର ବିସ୍ତାର ଓ ରୂପାନ୍ତର ପରେ ଅନୁଷ୍ଠାନର ମୁଖ୍ୟ ପ୍ରବେଶ ଦ୍ୱାରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଏକ ବିଶାଳ(ପୂର୍ଣ୍ଣାବୟବ) ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ଉଚିତ। ଏହା ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣୀୟ କରିବା ପାଇଁ ଏକ ସ୍ଥାୟୀ ଶ୍ରଦ୍ଧାଞ୍ଜଳି ହେବ। ଡାକ୍ତର ମାଝୀ କହିଛନ୍ତି, ତାଙ୍କର ଦୃଷ୍ଟିଭଙ୍ଗୀ, ଉଦାରତା ଓ ଚିକିତ୍ସା ଶିକ୍ଷା ପ୍ରତି ପ୍ରତିବଦ୍ଧତା ପିଢ଼ି ପିଢ଼ି ଧରି ସ୍ମରଣୀୟ ରହିବା ଉଚିତ। ଏହି ପ୍ରତିମୂର୍ତ୍ତି କୃତଜ୍ଞତାର ପ୍ରତୀକ ହେବ ଓ ମୟୂରଭଞ୍ଜର ଏହି ମହାନ ସନ୍ତାନଙ୍କ ଉତ୍ତରାଧିକାରକୁ ସଂରକ୍ଷିତ କରିବ। ଯିଏ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ସେ ଆହୁରି କହିଛନ୍ତି, ଏକ ମହାନ ଅନୁଷ୍ଠାନ ନିଜ ନାମ ପଛରେ ଥିବା ମହାନ ଉତ୍ତରାଧିକାରକୁ ସମ୍ମାନ ଜଣାଇବା ଉଚିତ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମୟୂରଭଞ୍ଜର ଶାସକ ଥିଲେ ଓ ସେ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷ ଅବଦାନ ରଖିଥିଲେ। ତାଙ୍କ ନାମରେ ନାମିତ ଏସସିବି ମେଡିକାଲ କଲେଜ ଓଡ଼ିଶାର ଏକ ପ୍ରମୁଖ ଚିକିତ୍ସା ଅନୁଷ୍ଠାନ ଭାବେ ଉଭା ହୋଇଛି।

## ଦେବବ୍ରତ ମେମୋରିଆଲ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଠାକୁରମୁଣ୍ଡା/ମହୁଲଡିହା, ୧୪।୮ (ସମିସ): ଠାକୁରମୁଣ୍ଡା ଓ କରଞ୍ଜିଆ ବ୍ଲକରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା କୃତୀ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଭୁବନେଶ୍ୱରର ଦେବବ୍ରତ ମେମୋରିଆଲ ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ମେଧା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ତଥା ଠାକୁରମୁଣ୍ଡାର ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷା ଫୁଲମଣୀ ମାଝୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା କନ୍ୟାଶ୍ରମର ପ୍ରଧାନଶିକ୍ଷୟିତ୍ରୀ କର୍ମେଲା ଲାକ୍ରା, ସମ୍ମାନିତ ଅତିଥି ଭାବେ ବନାଞ୍ଚଳ ଫରେଷ୍ଟର ବିଦ୍ୟାଧର ମହାନ୍ତ, ଜଡିବିଲ ହାଇସ୍କୁଲ ପ୍ରଧାନଶିକ୍ଷକ ଦିଲ୍ଲୀପ ମହାନ୍ତ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଜଡିବିଲ ହାଇସ୍କୁଲର ମଦନ ସୋରେନ, ରାକେଶ ମାଝୀ, ବବଲୁ ମାଝୀ ଓ ସୁନାରାମ ସିଂ, ଠାକୁରମୁଣ୍ଡା ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟର ପୂଜା ହୋ ଓ ଲକ୍ଷ୍ମୀପ୍ରିୟା ସିର୍କା, କରଞ୍ଜିଆ ବ୍ଲକ ହାତିବାରୀ ହାଇସ୍କୁଲର ଜଗନ୍ନାଥ ପୂର୍ତ୍ତି, ଲୋକନାଥ ନାଏକ, ବିନୋଦ ଗାଗରାଇ, ତାଟୋ ବାଳିକା ଉଚ୍ଚବିଦ୍ୟାଳୟର ଅଞ୍ଜନା ନାଏକ, ହେମଲତା ନାଏକ, ଶୁଭସ୍ମିତା ମାଝୀଙ୍କୁ ଅତିଥିମାନେ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ସଚ୍ଚିକାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କନ୍ୟାଶ୍ରମର ପୂର୍ବତନ ଛାତ୍ରୀ ଫୁଲମଣୀ ମାଝୀଙ୍କ ପୁତ୍ର ଦେବବ୍ରତ ସମାଜସେବା ଭାବନାକୁ ପ୍ରକୃତ ରୂପ ଦେବା ପୂର୍ବରୁ ଆକସ୍ମିକ ମୃତ୍ୟୁ ହୋଇଥିଲା। ତାଙ୍କ ଇଚ୍ଛା ପୂରଣ କରିବାକୁ ମାତା ଫୁଲମଣୀ ମାଝୀ ପ୍ରତ୍ୟେକ ବର୍ଷ ଦେବବ୍ରତଙ୍କ ଜନ୍ମ ଦିନରେ ଏଭଳି ନିଆରା କାର୍ଯ୍ୟକ୍ରମ କରିଆସୁଛନ୍ତି।



ରାସ୍ତା ନିର୍ମାଣ ପାଇଁ ଖୋଳାଯାଉଛି ମାଟି, ଅସୁରକ୍ଷିତ ଲୋକେ

# କୃତ୍ରିମ ଜଳାଶୟରେ ପଡ଼ି ନାବାଳକ ମୃତ

ବିଶୋଇ, ୧୪।୮ (ସମିସ)



ଜନଗହଳିପୂର୍ଣ୍ଣ ସ୍ଥାନରେ ଗର୍ତ୍ତ ଖୋଳିବାକୁ ନେଇ ବଢ଼ୁଛି ଅସନ୍ତୋଷ

ବିଶୋଇ ଥାନା ଅନ୍ତର୍ଗତ ଖଡ଼ମବେଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜାତୀୟ ରାଜପଥ ନିର୍ମାଣରେ ବ୍ୟବହୃତ ମାଟି ପାଇଁ ଖୋଳାଯାଇଥିବା ଏକ ଜଳପୂର୍ଣ୍ଣ ଖାଲରେ ପଡ଼ି ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକ ଖଡ଼ମବେଡା ଗ୍ରାମର ବୁଧୁରାମ ମୁଣ୍ଡାଙ୍କ ୯ ବର୍ଷର ପୁଅ ମହେଶ ମୁଣ୍ଡା। ମହେଶର ବାପା ବାହାର ରାଜ୍ୟରେ କାମ କରୁଥିବାବେଳେ ସେ ଜେଜେମାଆ ଓ କକା ସହିତ ରହୁଥିଲେ। ଗତକାଲି ମହେଶଙ୍କ ଜେଜେମା ନିକଟସ୍ଥ ଜଙ୍ଗଲକୁ ଗୋରୁ ଚରାଇବା ପାଇଁ ଯାଇଥିବାବେଳେ କକା ଅନ୍ୟ କାମରେ ବାହାରକୁ ଯାଇଥିଲେ। ଉଭୟେ ଘରକୁ ଫେରି ମହେଶକୁ ପାଇ ନ ଥିଲେ। ଗତକାଲିଠାରୁ ମହେଶକୁ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳି ନ ଥିଲା। ଆଜି ସକାଳେ ଘର ନିକଟରେ ଥିବା ଏକ କୃତ୍ରିମ ଜଳାଶୟରେ ମହେଶର ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ଖବରପାଇ ଖଡ଼ମବେଡା ସରପଞ୍ଚ ସୋମବାରୀ ସିଂ, ସମିତିସଭ୍ୟା ବାସନ୍ତୀ ହାଁସଦା ପହଞ୍ଚି ଉକ୍ତ ଘଟଣା ସମ୍ପର୍କରେ ପରିବାର ଲୋକଙ୍କ ସହାୟତାରେ ବିଶୋଇ ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ପଠାଯାଇଛି। କିଛିଦିନ ପୂର୍ବେ ଗ୍ରାମ ନିକଟରେ ଦ୍ୱାରଶୁଣି ଘାଟି ରାସ୍ତା ପ୍ରଶସ୍ତୀକରଣ କାମ ପାଇଁ ମାଟି ଖୋଳାଯାଇଥିବାରୁ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ଯୋଗୁଁ ଉକ୍ତ ଗାତରେ ପାଣି ଭର୍ତ୍ତି ହୋଇଯାଇଛି। ଏଥିରେ ନାବାଳକ ପଡ଼ି ମୃତ୍ୟୁବରଣ କରିଥିବା ଅଭିଯୋଗ ହେଉଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସୀମାନ୍ତ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ସାରସକଣା, ୧୪।୮ (ସମିସ): ଝାରପୋଖରିଆସ୍ଥ ସୀମାନ୍ତ ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ଦିବସ ଉତ୍ସବ ଅଧ୍ୟକ୍ଷ ପ୍ରହଲ୍ଲାଦ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦାବ ହାଁସଦା ଯୋଗ ଦେଇଥିବାବେଳେ ସୀମାନ୍ତ ସମିତିର ଦୁଇ ପ୍ରତିଷ୍ଠାତା ସଦସ୍ୟ ଅର୍ଦ୍ଧେନ୍ଦୁ ପ୍ରହରାଜ ମୁଖ୍ୟବକ୍ତା ଓ ଘାସିରାମ କଲିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଉତ୍ସବର ସଂଯୋଜକ ଅନୀଲ କୁମାର ଝା, ପ୍ରାଧ୍ୟାପକ ରଞ୍ଜନ ମହାନ୍ତି, ଲେଫ୍ଟନାଣ୍ଟ ନିହାର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୀଲ ଝା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟକ୍ଷ ବିବରଣୀ ଓ ଅଭାବ ଅସୁବିଧା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ପ୍ରାଧ୍ୟାପକ ରଞ୍ଜନ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ବିଧାୟକ ଭାଦବ ହାଁସଦା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସରକାରଙ୍କ କେଜିରୁ ପିଜି ମୁକ୍ତ ଆର୍ଥିକ ଯୋଜନା ସହ ସୀମାନ୍ତ ମହାବିଦ୍ୟାଳୟର ଅତୀତ ଗୌରବ ବଜାୟ ରଖିବାକୁ ସାଧନା କରିବାକୁ ପ୍ରେରଣା ଯୋଗାଇଥିଲେ। ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅତିଥିଙ୍କ ଦ୍ୱାରା ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର ସ୍ୱର୍ଣ୍ଣସୀମାର ଉନ୍ମୋଚନ କରାଯାଇଥିଲା। ପରେ ୨୦୨୫-୨୬ ଶିକ୍ଷାବର୍ଷରେ ବିଭିନ୍ନ ପରୀକ୍ଷା ଓ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନରେ ଶିବଶଙ୍କର ମଣ୍ଡଳ, କଳାରେ ଦୁଲିମଣି ମାରାଣ୍ଡି, ବାଣିଜ୍ୟରେ ସ୍ନେହଲତା ନାଏକ ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ପୁରସ୍କୃତ ହୋଇଥିବାବେଳେ ବିଶ୍ୱବିଦ୍ୟାଳୟସ୍ତରୀୟ ଶ୍ରେଷ୍ଠ ସ୍ନାତକ ଭାବେ ଓଡ଼ିଆରେ ଶିବାନୀ ମହାନ୍ତ ଓ ନୃତତ୍ତ୍ୱରେ ସାଗରିକା ମୁର୍ମୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଦତ୍ତ ମେମୋରିଆଲ ତର୍କ ପ୍ରତିଯୋଗିତାରେ ଓଡ଼ିଆ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ସମ୍ପାରାଣୀ ଦଳେଇ ଓ ଜଗବନ୍ଧୁ ମେମୋରିଆଲ ପକ୍ଷରୁ +୨ ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିହାର ରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



**କମୁଛି ବନ୍ୟା, ବଢୁଛି ଦୁର୍ଦ୍ଦଶା**

# ଏବେବି ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ, ଚାଷୀଙ୍କୁ କ୍ଷତିପୂରଣ ଦାବି

ବଡ଼ସାହି, ୧୪।୮ (ସମିସ): ଲଗାତର ୨ଟି ବନ୍ୟାକୁ ନେଇ ବଡ଼ସାହି ଅଞ୍ଚଳବାସୀ ନାକେଦମ ହୋଇଛନ୍ତି। ବନ୍ୟା ପାଣି ଛାଡୁଥିବାବେଳେ ତଳି ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା





ସୀମା ଟପିଛି। ଯେଉଁ ଆଡ଼କୁ ଚାହିଁବ ପାଣି। ଘର ଭିତରେ, ବାହାରେ, ରାସ୍ତା ଉପରେ ଜୁଆଡେ ଚାହିଁବ କେବଳ ପାଣି ହିଁ ପାଣି। ୨ଦିନ ହେବ ଲୋକଙ୍କ ପେଟରୁ ଭୋକ ଓ ଆଖିରୁ ନିଦ ହଜିଯାଇଛି। ଅଧିକାଂଶ ସ୍ଥାନରେ ପ୍ରଶାସନ କେବଳ ଶୁଖିଲା ଖାଦ୍ୟ ଦେଇ ନିଜର କର୍ତ୍ତବ୍ୟ ସାରିଥିବାବେଳେ ଲୋକେ ଛୁଆପିଲାଙ୍କୁ ଧରି ଆଉଟପାଉଟ ହେଉଛନ୍ତି। ଅଭିଯୋଗ ଓ ଉତ୍ତେଜନା ପ୍ରକାଶ ପାଇଲେ ସେଠାରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଉଛି। ଯାହାକି ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ ହେଉଛି। ଲୋକଙ୍କ ସମସ୍ୟା ବୁଝିବା ଅପେକ୍ଷା ବେଶୀ ଫଟୋ ଉଠା ଓ ପ୍ରଚାରପ୍ରସାର ହେଉଛି। ତେଣୁ ପ୍ରଶାସନ ଆନ୍ତରିକତାର ସହିତ ଲୋକଙ୍କ ସମସ୍ୟା ବୁଝିବା ଦରକାର ବୋଲି ଦାବି ହୋଇଛି।

ଆଜି ମଧ୍ୟ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲି, ବିଧାୟକ ସନାତନ ବିଜୁଳି, ଜିଲ୍ଲା ଉନ୍ନୟନ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଓ ବିଡିଓ ବନଜା ଦାସଙ୍କ ସହିତ ମିରିଗିଦାରୀ, ଉତ୍ତରପାଳ, ଧନାପାଳ ଓ କୁଡିମୁଣ୍ଡା ଗ୍ରାମର ସ୍ଥିତି ଅନୁଧ୍ୟାନ କରିବା ସହିତ ଓଡ୍ରାଫ୍ ଟିମ ମାଧ୍ୟମରେ ଲୋକଙ୍କୁ ଉଦ୍ଧାର କରି ମାନଗୋବିନ୍ଦପୁର ବିଦ୍ୟାଳୟରେ ରଖାଯାଇଛି। ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଗଣମାଧ୍ୟମ ପ୍ରତିନିଧି, ନିର୍ବାଚିତ ପ୍ରତିନିଧି ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀଙ୍କ ସହିତ ଯୋଗାଯୋଗରେ ରହି ସୂଚନା ପ୍ରଦାନ କରିବା ସହିତ ଲୋକଙ୍କ ସମସ୍ୟା ବୁଝିଛନ୍ତି। ଏବେ ମଧ୍ୟ କୁଞ୍ଜିବଣିଆ, ଭୁରୁଡିହା, ଡୁମୁରିଆ, ଆଗ୍ରିଆ, ମିରିଗିଦାରୀ, ଉତ୍ତରପାଳ, ଧନାପାଳ ଓ କୁଡିମୁଣ୍ଡା, ଆରପଟା, ପାଳପାଟଣା, ଶାଳଗାଁ, ନରଣଗାଁ, ସର୍ବେଶ୍ୱରପୁର, ମହୁପୁରା ଗ୍ରାମ ପାଣି ଘେରରେ ଥିବା ଜଣାଯାଇଛି। ବେଲପାଳ ଓ ଖୁଣ୍ଟାପାଳ ବହୁମାତ୍ରାରେ ପ୍ରଭାବିତ ହୋଇଥିବା ଜଣାଯାଇଛି। ଚନ୍ଦନପୁରରେ ସନ୍ଧ୍ୟାରେ ରନ୍ଧାଖାଦ୍ୟ ଦିଆଯାଇଥିବାବେଳେ ମହୁପୁରା ଓ ସର୍ବେଶ୍ୱରପୁରରେ ଦିଆଯାଇ ନ ଥିବାରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ଦୁଇଦୁଇ ଥର ବନ୍ୟା ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବାରୁ ସଠିକ୍ ଆକଳନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ସେହିପରି କଂଗ୍ରେସ ଦଳ ପକ୍ଷରୁ ବରିଷ୍ଠ ନେତା ପ୍ରକାଶ କରମହାପାତ୍ର, ବ୍ଲକ ସଭାପତି ଶଶାଙ୍କ ଶେଖର କର, ଭାଗବତ ପତି, ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା ଜିଲ୍ଲାପାଳ ଓ ଏସପିଙ୍କ ସହିତ ଆଲୋଚନା କରିବା ସହିତ ବିଭିନ୍ନ ପ୍ରଭାବିତ ଗ୍ରାମକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ବଡସାହି ସିଏଚସି ପକ୍ଷରୁ ସ୍ୱାସ୍ଥ୍ୟ ଟିମ ୧୧ଟି ପଞ୍ଚାୟତୀ ୩୨ଟି ପ୍ରଭାବିତ ଗ୍ରାମରେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ବର୍ତ୍ତମାନ ପରିସ୍ଥିତିରେ କିପରି ଚଳିବାକୁ ପଡ଼ିବ, ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରି ବ୍ଲିଚିଂ, ଫିନାଇଲ ଓ ହାଲୋଜେନ ବଟିକା ବଣ୍ଟନ କରିଛନ୍ତି।

## ସୁବର୍ଣ୍ଣରେଖା କେନାଲ ଭାଙ୍ଗିଲା; ମାଟିରେ ମିଶିଲା ୮ ଘର

ରାସଗୋବିନ୍ଦପୁର, ୧୪।୮ (ସମିସ): ଦେବଶୋଳ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାହାରୀ, ଅନ୍ଧାରି ଗାଁରେ ବିଳମ୍ବିତ ରାତିରେ ସୁବର୍ଣ୍ଣରେଖା କେନାଲ ଭାଙ୍ଗିଯିବାରୁ ଖଣ୍ଡାହାରୀ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାୟ ରାତି ୧୨ଟା ସମୟରେ ଲୋକେ



ଶୋଇଥିବା ବେଳେ ହଠାତ୍ ଘର ଭିତରକୁ ପାଣି ପଶିଯିବାରୁ ଆତଙ୍କ ଖେଳିଯାଇଥିଲା। ଅନେକ ପରିବାର ନିଜର ଜିନିଷପତ୍ର ଓ ଆସବାବପତ୍ର ବାହାର କରିବାକୁ ସୁଯୋଗ ପାଇ ନ ଥିଲେ। କେନାଲରେ ଅନେକ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବାବେଳେ ବନ୍ୟାଜଳରେ ପ୍ରାୟ ୮ଟି ଘର ଭାଙ୍ଗି ମାଟିରେ ମିଶିଯାଇଛି। ଏଥିସହ ୧୦ଟି ଛେଳି ମରିଥିବା ଏବଂ ୩ଟି ଘୁଷୁରୀ ନିଖୋଜ ଥିବା ଜଣାପଡ଼ିଛି। ବନ୍ୟାଜଳର ପ୍ରବାହରେ ଅନେକ ସ୍ଥାନରେ ରାସ୍ତା ଧୋଇଯାଇଥିବାରୁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଘଟଣାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ପ୍ରଶାସନ ପକ୍ଷରୁ ଯୋଗାଣ ଅଧିକାରୀ ପ୍ରବୀର କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଥିଲେ। ଏଥିସହ କ୍ଷୟକ୍ଷତିର ଆକଳନ କରିବା ସହ ବିପନ୍ନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣର ବ୍ୟବସ୍ଥା କରାଯାଇଥିଲା। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ତୁରନ୍ତ ସରକାରୀ ସହାୟତା ଯୋଗାଇବା ସହ ଭାଙ୍ଗିଯାଇଥିବା କେନାଲ ଏବଂ ଧୋଇଯାଇଥିବା ରାସ୍ତାର ଶୀଘ୍ର ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କ ମଧ୍ୟରେ ସବାନ ସୋରେନ, ଶଙ୍କର ସୋରେନ, ଚାମୁରୁ ସୋରେନ, ସୁକୁଳ ସୋରେନ, ରିପା ସୋରେନ, ସିଙ୍ଗୁ ସୋରେନ, ମାନକ ସୋରେନ, ନାରଣ ସୋରେନ ଓ ରୁପାଇ ସୋରେନଙ୍କ ପରିବାର ରହିଛନ୍ତି।

## ଭୁଶୁଡ଼ିଲା ପ୍ରଧାନମନ୍ତ୍ରୀ ଆବାସ ଘର କାନ୍ଥ



ମହୁଲଡିହା,୧୪।୮ (ସମିସ): ଲଘୁଚାପ ପ୍ରଭାବରେ ଠାକୁରମୁଣ୍ଡା ଅଞ୍ଚଳରେ ଭାରି ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ସାତକୋଶିଆ ପଞ୍ଚାୟତ ଦୁଆରଶୁଣୀ ଗ୍ରାମର କର୍ଣ୍ଣବରେଇ ସାହିରେ ଲକମଣ ଦଙ୍ଗଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହର କାନ୍ଥ ପଡ଼ି ଛାତ ବିପଦଜନକ ଅବସ୍ଥାରେ ଝୁଲି ରହିଛି। ଭୂମିରୂପ ଅସମାନ ଥିବାରୁ ଦିନରାତି ଲଗାଣ ବର୍ଷାରେ ମାଟି ଓଦା ହୋଇ ଦବିଯାଇଛି। ମୋବାଇଲ ନେଟ୍‌ୱାର୍କ ଆସୁ ନ ଥିବାରୁ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଛି। ଏନେଇ ସେ ସରପଞ୍ଚ ଚାନ୍ଦମଣି ଜାରିକା ଓ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକଙ୍କୁ ଅଭିଯୋଗ କରିଛନ୍ତି। ରାଜସ୍ୱ ନିରୀକ୍ଷକ ନିରୀକ୍ଷଣ କରି ପଲିଥିନ ଯୋଗାଇ ଦେଇଛନ୍ତି।

## ପାଣି ଘେରରେ ହାଟବାଦଡ଼ା ଛାତ୍ରୀନିବାସ

ରାଇରଙ୍ଗପୁର: ୧୪।୮ (ସମିସ): କୁସୁମୀ ବ୍ଲକ୍ ଅନ୍ତର୍ଗତ ହାଟବାଦଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ନିବାସ ଏବେ ଲଗାଣ ବର୍ଷାରେ ପାଣି ଘେରରେ ରହିଛି। ଏହି ଛାତ୍ରୀନିବାସରେ ରହୁଥିବା ପ୍ରାୟ ୧୦୦ ଜଣ ଆଦିବାସୀ ବାଳିକା ଛାତ୍ରୀ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏଭଳି ଏକ ପରିସ୍ଥିତିରେ ମଧ୍ୟ ସମ୍ପୃକ୍ତ ସ୍କୁଲ ପ୍ରଶାସନିକ ଅଧିକାରୀ କିମ୍ବା ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିଙ୍କ ଉପସ୍ଥିତି ନ ଥିବା ନେଇ ପ୍ରଶ୍ନ ଉଠିଛି। ବର୍ଷା ହେଲେ ପ୍ରତିବର୍ଷ ଏହି ସରକାରୀ ବିଦ୍ୟାଳୟ ଓ ଛାତ୍ରୀନିବାସ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଦୀର୍ଘଦିନ ଧରି ସମସ୍ୟା ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ଆଦିବାସୀ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ନିଜ ଧର୍ମପତ୍ନୀଙ୍କ ସହ ଆଣ୍ଠୁଏ ପାଣିରେ ପଶି ଛାତ୍ରୀ ନିବାସରେ ପହଞ୍ଚିଥିଲେ। ସେଠାରେ ରହୁଥିବା ଆଦିବାସୀ ବାଳିକା ଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଦୁଃଖଦୁର୍ଦ୍ଦଶା ବୁଝିଥିଲେ। ପୂର୍ତ୍ତି କହିଥିଲେ ଯେ, ଛାତ୍ରୀନିବାସ ଭଳି ଏକ ସରକାରୀ ଶିକ୍ଷାନୁଷ୍ଠାନ ପ୍ରତିବର୍ଷ ବର୍ଷା ଯୋଗୁଁ ଜଳବନ୍ଦୀ ହେବା ଅତ୍ୟନ୍ତ ଚିନ୍ତାଜନକ। ବିଶେଷକରି ଏଠାରେ ରହୁଥିବା ୧୦୦ ଜଣ ଆଦିବାସୀ ବାଳିକା ଛାତ୍ରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ସେ ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଛାତ୍ରୀନିବାସ ଚାରିପାଖରେ ଜଳ ନିଷ୍କାସନ ବ୍ୟବସ୍ଥା, ନାଳ ଓ ଆବଶ୍ୟକ ଭିତ୍ତିଭୂମିର ସ୍ଥାୟୀ ବିକାଶ କରାଯାଇ ଭବିଷ୍ୟତରେ ଯେପରି ଏଭଳି ପରିସ୍ଥିତି ନ ଉପୁଜେ, ସେଥିପାଇଁ ଦାବି କରାଯାଇଛି। ଆଦିବାସୀ ବାଳିକାଙ୍କ ଶିକ୍ଷା ଓ ସୁରକ୍ଷା ସହ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ। ସରକାର ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ ବୋଲି ପୂର୍ତ୍ତି ଦାବି କରିଛନ୍ତି।



## ପାଣି ଘେରରେ ସାନବାଇକଳା, ଚମ୍ପରେଇ ଓ ସିଜୁକଳା ଗାଁ

ରାଇରଙ୍ଗପୁର, ୧୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ଅଞ୍ଚଳ ପାଣି ଘେରରେ ରହିଛି। ରାଇରଙ୍ଗପୁର ବ୍ଲକ ହଳଦା ପଞ୍ଚାୟତର ସାନବାଇକଳା, ଚମ୍ପରେଇ ଓ ସିଜୁକଳା ଗ୍ରାମରେ ୩୦ରୁ ଅଧିକ ପରିବାର ପାଣି ଘେରରେ ରହିଥିବାବେଳେ ସାନବାଇକଳା ଗ୍ରାମର ଦୁଇ ପରିବାରର ଘର ଭାଙ୍ଗିଯାଇଛି। ଏଥିସହ ରାଇରଙ୍ଗପୁର କଲେଜ ଛକରୁ ଜାମଦା ବ୍ଲକକୁ ଯୋଗାଯୋଗ କରୁଥିବା



ରାସ୍ତା ଚଉଡ଼ା କରାଯାଇଛି। ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ପ୍ରତିବର୍ଷ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାନବାଇକଳା ଗ୍ରାମର ୯ ପରିବାର। ପାଣି ଘେରରେ ଥିବା ଲୋକଙ୍କ ପାଖରେ ତହସିଲଦାର, ପଞ୍ଚାୟତ ପିଇଓ, ସରପଞ୍ଚ, ଆରଆଇ ପହଞ୍ଚି ତଦାରଖ କରି ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହିତ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ରାଇରଙ୍ଗପୁର ଅଗ୍ନିଶମ ବାହିନୀ ପହଞ୍ଚି ଜମି ରହିଥିବା ପାଣି ନିଷ୍କାସନ କରୁଛି। ଯଥାଶୀଘ୍ର ଉକ୍ତ ସ୍ଥାନରେ ଡ୍ରେନ ନିର୍ମାଣ କରାଯିବାକୁ ପୀଡିତ ପରିବାର ଦାବି କରିଛନ୍ତି।

## ଉଚ୍ଛୁଳିଲା ବୁଢ଼ାବଳଙ୍ଗ, ୧୬ ପଞ୍ଚାୟତ ପ୍ରଭାବିତ

ବୈଶିଙ୍ଗା, ୧୪।୮ (ସମିସ): ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବୃଦ୍ଧି ପାଉଛି। ବେତନଟୀ ବ୍ଲକର ନଦୀକୂଳିଆ ୧୬ଟି ପଞ୍ଚାୟତ ପ୍ରଭାବିତ ହୋଇଥିବାବେଳେ ଅନେକ ଅଞ୍ଚଳ ଜଳବନ୍ଦୀ



ହୋଇପଡ଼ିଛି। କେଉଁଠି ହେକ୍ଟର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି ତ ଆଉ କେଉଁଠି ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି ବନ୍ୟା ପାଣି। ଫାଇଲିନ ବାତ୍ୟା ପରେ ବୁଢ଼ାବଳଙ୍ଗରେ ଏଭଳି ବଡ଼ ବନ୍ୟା ଦେଖିବାକୁ ମିଳିଥିବାରୁ ନଦୀକୂଳିଆ ଲୋକଙ୍କ ମନରେ ଛନକା ପଶିଛି। ରାତି ବଢ଼ିବା ସହ ଜଳସ୍ତର ବଢ଼ି ଚାଲିଥିବାବେଳେ ସକାଳ ସୁଦ୍ଧା ବନ୍ୟାଜଳ ନଦୀକୂଳ ଅଞ୍ଚଳକୁ ବ୍ୟାପି ଯାଇଛି। ବହୁ ଚାଷଜମି ପାଣିରେ ବୁଡ଼ିଥିବାବେଳେ ଅନେକ ଗାଁର ରାସ୍ତାରେ ବନ୍ୟାଜଳ ପଶିଛି। ବନ୍ୟାର ସବୁଠାରୁ ଭୟଙ୍କର ଚିତ୍ର ନାଖରା ସେତୁ ନିକଟରେ ଦେଖିବାକୁ ମିଳିଛି। ଏହି ସେତୁ ଉପରେ ପ୍ରାୟ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବାରୁ ବ୍ୟସ୍ତବହୁଳ ବୈଶିଙ୍ଗା-ମାଣତ୍ରୀ-ଉଦଳା ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଛି। ବନ୍ୟାଜଳର ଏଭଳି ଉଗ୍ରରୂପ ମଧ୍ୟରେ ପ୍ରଶାସନ ମଧ୍ୟ ତତ୍ପର ହୋଇଉଠିଛି। ବିଧାୟକ, ଜିଲ୍ଲାପାଳ ଓ ଏସ୍‌ପି ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

## ଲଗାଣ ବର୍ଷାରେ ରାସଗୋବିନ୍ଦପୁର ବ୍ଲକ୍ ବେହାଲ

ରାସଗୋବିନ୍ଦପୁର, ୧୪।୮ (ସମିସ): ରାସଗୋବିନ୍ଦପୁର ବ୍ଲକ୍‌ରେ ଲଘୁଚାପଜନିତ ଲଗାଣ ବର୍ଷାରେ ଜନଜୀବନ ବେହାଲ ହୋଇପଡ଼ିଛି। ଗତ ଦୁଇଦିନ ମଧ୍ୟରେ ବ୍ଲକ୍‌ରେ ୨୧୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ୧୬ଟି ପଞ୍ଚାୟତରେ ୮୦ରୁ ଊର୍ଦ୍ଧ୍ୱ ମାଟିଘର ଭାଙ୍ଗିପଡ଼ିଥିବା ଜଣାପଡ଼ିଛି। ଲଗାଣ ବର୍ଷା ସାଙ୍ଗକୁ ଜମ୍ବୀରା ଓ ସାନନଦୀରେ ବନ୍ୟା ଆସିବାରୁ ବ୍ଲକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ପାଚେରୀ ଓ ରୋଷେଇଘର ଲଗାଣ ବର୍ଷାରେ ଭାଙ୍ଗିପଡ଼ିଛି। ସେହିପରି ନଳଗଜା ପଞ୍ଚାୟତ ଅନ୍ତର୍ଗତ ନୁଣଚାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ଷାଜଳ ପ୍ରବେଶ କରିବାରୁ ବିଦ୍ୟାଳୟ ପରିସରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନ୍ୟପକ୍ଷରେ ନଳଗଜା ପଞ୍ଚାୟତ କାର୍ଯ୍ୟାଳୟର ଚାଉଳ ଗୋଦାମ ଘରେ ବର୍ଷାପାଣି ପଶିଯାଇଛି। ଫଳରେ ସେଠାରେ ଗଚ୍ଛିତ ଥିବା ବିପିଏଲ୍ ଚାଉଳ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଗୋଦାମରେ ଥିବା ଚାଉଳକୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ବ୍ଲକ୍‌ରେ ପ୍ରବାହିତ ଜମ୍ବୀରା ଓ ସାନନଦୀର ଜଳସ୍ତର ବୃଦ୍ଧି ପାଇବାରୁ ଦୁଇଦିନ ଧରି ଯାତାୟାତ ବ୍ୟାହତ ହୋଇଛି। ସାନନଦୀର ବନ୍ୟାଜଳ ସାରୁମଲା ଚଟାଣ ଉପରେ ପ୍ରବାହିତ ହେଉଥିବାବେଳେ ଜମ୍ବୀରା ନଦୀର ବନ୍ୟାଜଳ ଭରଡ଼ାନଣ୍ଡା ଚଟାଣ ଉପରେ ଚାଲିଛି। ଏହା ଫଳରେ ଅନେକ ଅଞ୍ଚଳକୁ ଯାତାୟାତ ଓ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଦୁଇ ନଦୀର ବନ୍ୟା ଯୋଗୁଁ ରାସଗୋବିନ୍ଦପୁର, ଦେବଶୋଳ, ସାରୁମଲା, ଖୁଣ୍ଟାପାଳ, ସାନମାଣିଦା, ବଡ଼ାମପୁର, ରାଘବପୁର ଓ ତୋଟାପଡ଼ା ପଞ୍ଚାୟତର ପ୍ରାୟ ୧୫୦୦ ଲୋକ ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି। କେତେକ ସ୍ଥାନରେ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ବିଡିଓ, ତହସିଲଦାର, ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାପଡ଼ିଛି। ବର୍ଷା ଓ ବନ୍ୟା ପରିସ୍ଥିତି ଆହୁରି ଗମ୍ଭୀର ହେଲେ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ଆବଶ୍ୟକ ରିଲିଫ୍ ଯୋଗାଇବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି।



## ଆଜାଦ୍ କପ୍ କରାଟେ ଚାମ୍ପିଅନ୍‌ସିପ୍ ୧୭ରୁ

କରଞ୍ଜିଆ, ୧୪।୮ (ସମିସ): କରଞ୍ଜିଆରେ ଆସନ୍ତା ୧୭ରେ '୮ମ ରାଜ୍ୟ ଆଜାଦ୍ କପ୍ କରାଟେ ଚାମ୍ପିଅନ୍‌ସିପ୍' ଅନୁଷ୍ଠିତ ହେବ। ଏନେଇ ସ୍ପୋର୍ଟ୍ସ କରାଟେ ଏକାଡେମୀ ଚାମ୍ପିଅନସିପ୍ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବେ। ପ୍ରାୟ ୧୧ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଯୋଗ ଦେବା ସହିତ ବିଭିନ୍ନ ବର୍ଗରେ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିବେ। ପ୍ରତିଯୋଗିତାରେ ସବ୍-ଜୁନିୟର, କ୍ୟାଡେଟ୍, ଜୁନିୟର, ଓ ସିନିୟର ବର୍ଗରେ ଖେଳାଳି ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ପ୍ରତିଯୋଗୀଙ୍କୁ ସ୍ପୋର୍ଟ୍ସ କରାଟେ ଏକାଡେମି ପକ୍ଷରୁ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ପ୍ରଦାନ କରାଯିବ। ଏହାସହ ଚୟନିତ ପ୍ରତିଯୋଗୀ ଆଗାମୀ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ। ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ଯେ, କରଞ୍ଜିଆ ଅଞ୍ଚଳରେ ଏଭଳି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଆୟୋଜନ ହେବା ଦ୍ୱାରା ଯୁବ କ୍ରୀଡ଼ାବିତ୍ଙ୍କ ମଧ୍ୟରେ କରାଟେ ପ୍ରତି ଆଗ୍ରହ ବଢ଼ିବା ସହ ସେମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନର ଏକ ବଡ଼ ମଞ୍ଚ ମିଳିବ। କରଞ୍ଜିଆରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ କରାଟେ ଚାମ୍ପିଅନ୍‌ସିପ୍‌କୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

## ରାଜ୍ୟ କବାଡ଼ି ଚମ୍ପିଅନସିପ୍ ପାଇଁ ମୟୂରଭଞ୍ଜ ଦଳ

ବାରିପଦା,୧୪।୮ (ସମିସ): ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ୫୨ତମ କନିଷ୍ଠ ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିଅନସିପ୍‌ରେ ମୟୂରଭଞ୍ଜର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ପୁରୁଷ ଦଳରେ ଲିପୁନ ଦାସ, ଲକ୍ଷ୍ମୀଧର ବାଗ, ଗୌତମ ଗୋଛାୟତ, ଓମ ପଣ୍ଡିତ, ସୋନେଶ୍ୱର ଦଳେଇ, ସୁପ୍ରଭାତ ସେନାପତି, ବିଶ୍ୱଜିତ କୁଁଅର, ସତ୍ୟମ ଗିରି, ରିତେଶ ମୁଖି, ନିରାକର ପରିଡ଼ା, ସାଇ ପ୍ରତୀକ ଭଞ୍ଜଦେଓ, ସିମନ ମୁର୍ମୁ ଓ ମହିଳା ଦଳରେ ଦେବକୀ ସୋରେନ, ସୁନିତା ଧଳ, ସନ୍ଧ୍ୟାରାଣୀ ସିଂ, ଦିପ୍ତିମୟୀ ଧୀର, ଯମୁନା ସିଂ, ଆକାଂକ୍ଷା ସୁଭଦର୍ଶିନୀ ନାୟକ, ସୁଭଦ୍ରା ଚାପେୟାର, ସୋନାକ୍ଷୀ ମୁର୍ମୁ, ଆଲିୟା ମହାନ୍ତ ସ୍ଥାନ ପାଇଛନ୍ତି। କୋଚ ଭାବେ ମିହିର ରଞ୍ଜନ ବେହେରା ଓ ମ୍ୟାନେଜର ଭାବେ ମାନସ ମହାପାତ୍ର ଦଳ ସହ ଗସ୍ତ କରିଛନ୍ତି। ମୟୂରଭଞ୍ଜ ଆଥ୍ଲେଟିକ୍ ଆସୋସିଏସନ୍ର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, କବାଡ଼ି ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ବରିଷ୍ଠ ସଦସ୍ୟ ରତିକାନ୍ତ ବେହେରା, ଯୋଗେଶ୍ୱର ପାଲବାବୁ, ନନ୍ଦଲାଲ ମହାପାତ୍ର, କୁନ୍ଦନଲାଲ ଭଞ୍ଜଦେଓ, କ୍ରୀଡ଼ା ପ୍ରଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା ଓ ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ସଫଳତା କାମନା କରିଥିଲେ।

## ଏଡସ୍ ସଚେତନତା କାର୍ଯ୍ୟକ୍ରମ

ବାରିପଦା, ୧୪।୮ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍ ଓ ରେଡ୍ ରିବନ କ୍ଲବ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡ୍‌ସ ପ୍ରତିଷେଧ ଓ ନିୟନ୍ତ୍ରଣ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏଡ୍‌ସ ରୋଗ ପ୍ରତିକାର ସମ୍ପର୍କରେ ଶିକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା କୌଶଲ୍ୟା ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ ନୁରୁଲ ହୁସେନ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ରଶ୍ମିତା ମହାନ୍ତି, ସମନ୍ୱିତ ପରାମର୍ଶ ଏବଂ ପରୀକ୍ଷା କେନ୍ଦ୍ରର ପରାମର୍ଶ ଦାତା ସନ୍ୟାସୀ କୁମାର ଜେନା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଏଚ୍‌ଆଇଭି ସଂକ୍ରମଣରୁ ରକ୍ଷାପାଇଁ ସଚେତନତା ବଡ଼ ଅସ୍ତ୍ରବୋଲି କହିବା ସହ ଚାରିଟି କାରଣ ଯଥା ଅସୁରକ୍ଷିତ ଯୌନ ସମ୍ପର୍କ, ଗୋଟିଏ ସିରିଞ୍ଜ ବା ଛୁଞ୍ଚିକୁ ଏକାଧିକ ବ୍ୟକ୍ତି ବ୍ୟବହାର, ଗୋଟିଏ ବ୍ଲେଡ୍‌ରେ ଏକାଧିକ ବ୍ୟକ୍ତି କ୍ଷୌର ହେବା ଏବଂ ସଂକ୍ରମିତ ମା ଠାରୁ ନବଜାତ ଶିଶୁକୁ ଏହି ରୋଗ ସଂକ୍ରମଣ ହୋଇଥାଏ। ତେଣୁ ଏସବୁକୁ ରୋକିବାକୁ ହେଲେ ସଚେତନତାକୁ ବ୍ୟାପକ କରିବାକୁ ହେବ। ଲୋକମାନଙ୍କ ମନରେ ଥିବା ଏଡ୍‌ସ ସମ୍ପର୍କିତ ଭୁଲ ଧାରଣା ଓ ଅନ୍ଧବିଶ୍ୱାସକୁ କାଢ଼ିବାକୁ ପଡିବ। ପୁଣି ଆଜିକାଲି ଯୁବକମାନଙ୍କ କ୍ଷେତ୍ରରେ ବିଶେଷ କରି କୋଡ଼ିଏରୁ ପଚିଶ ବର୍ଷର କଲେଜ ପିଲାଙ୍କଠାରେ ଏହି ରୋଗ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଯାହା ସୁରକ୍ଷିତ ଯୌନ ସମ୍ପର୍କ ଓ ସଚେତନତା ଦ୍ୱାରା ରୋକା ଯାଇପାରିବ। ଏଡ୍‌ସ ରୋଗକୁ ଘୃଣା କରିବା, ରୋଗୀକୁ ଘୃଣା କରିବା ଉଚିତ୍ ନୁହେଁ ବୋଲି ଉପରୋକ୍ତ ବକ୍ତାମାନେ କହିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସର ସଂଯୋଜିକା ତଥା ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲାବେଳେ ବୈକୁଣ୍ଠ ନାଥ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରମରେ ଏକ ଏଡ୍‌ସ ସଚେତନତା ପରିକ୍ରମା ରଥ ସମଗ୍ର ଜିଲ୍ଲାରେ ଅନ୍ତର୍ଜାତୀୟ ଯୁବଦିବସରୁ ଆରମ୍ଭ ହୋଇ ଆସନ୍ତା ଅକ୍ଟୋବର ୧୧ପର୍ଯ୍ୟନ୍ତ ପ୍ରଚାର, ପ୍ରସାର କରିବାର କାର୍ଯ୍ୟକ୍ରମକୁ ପତାକା ଦେଖାଇ ଉଦ୍ଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ୬ଷ୍ଠ ଦିନରେ ମୟୂରଭଞ୍ଜ ବଞ୍ଚାଅ ଅଭିଯାନ କମିଟି ଆନ୍ଦୋଳନ

- ସମାନ୍ତରାଳ ବିକାଶ ଦାବିରେ ଧାରଣା
- ଆନ୍ଦୋଳନକାରୀଙ୍କ ସହ ଉପଜିଲ୍ଲାପାଳଙ୍କ ଆଲୋଚନା

କରଞ୍ଜିଆ, ୧୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଉପଖଣ୍ଡରେ ସମାନ୍ତରାଳ ବିକାଶ ଦାବିରେ ମୟୂରଭଞ୍ଜ ବଞ୍ଚାଅ ଅଭିଯାନ କମିଟି ପକ୍ଷରୁ ଚାଲିଥିବା ପ୍ରତୀକାତ୍ମକ ଧାରଣା ଷଷ୍ଠ ଦିନରେ ପହଞ୍ଚିଛି। ପାଞ୍ଚପୀଢ଼ ଉପଖଣ୍ଡର ଉପଜିଲ୍ଲାପାଳ ଗୁରୁବାର ଧାରଣାସ୍ଥଳ ପରିଦର୍ଶନ କରି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କମିଟିର ପୂର୍ବ ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଉପଜିଲ୍ଲାପାଳ ପ୍ରାଙ୍ଗଣରେ ଚାଲିଥିବା ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅଗଷ୍ଟ ୯ ତାରିଖରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କମିଟି ପକ୍ଷରୁ କୁହାଯାଇଥିଲା। ଆନ୍ଦୋଳନକାରୀଙ୍କ ମୁଖ୍ୟ ଦାବି ହେଉଛି, ପାଞ୍ଚପୀଢ଼ ଓ କପ୍ତିପଦା ଉପଖଣ୍ଡର ବିକାଶକୁ ବାମନଘାଟୀ ଉପଖଣ୍ଡର ବିକାଶ ଢାଞ୍ଚା ସହ ସମାନ କରାଯାଉ। ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପ୍ରଶାସନିକ ସୁବିଧା ଓ ଅନ୍ୟାନ୍ୟ କ୍ଷେତ୍ରରେ ସମାନ ବିକାଶ ହେବା ଆବଶ୍ୟକ ବୋଲି କମିଟି ଦାବି କରିଛି। ଆନ୍ଦୋଳନକାରୀ କହିଛନ୍ତି ଯେ, ୨୦୧୧ ଜନଗଣନା ଅନୁଯାୟୀ ବାମନଘାଟୀ ଉପଖଣ୍ଡର ଲୋକସଂଖ୍ୟା ପ୍ରାୟ ୪.୯୫ ଲକ୍ଷ ଥିବାବେଳେ ପାଞ୍ଚପୀଢ଼ ଉପଖଣ୍ଡର ଲୋକସଂଖ୍ୟା ଏହାଠାରୁ ଅଧିକ। ଏହା ସତ୍ତ୍ୱେ ବିକାଶ କ୍ଷେତ୍ରରେ ଅସମାନତା କାହିଁକି ରହିଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ମୟୂରଭଞ୍ଜକୁ ଅଖଣ୍ଡ ରଖି ସମଗ୍ର ଜିଲ୍ଲାର ସମାନ ବିକାଶ କରାଯିବା ଦାବି ମଧ୍ୟ ଜୋର ଧରିଛି। ବିଭାଜନ ହେଲେ ଆଗାମୀ ଦିନରେ



ଶିମିଳିପାଳ ଜାତୀୟ ଉଦ୍ୟାନ, ଖଣି ଓ ବିଭିନ୍ନ ଖଣିଜ ସମ୍ପଦକୁ ନେଇ ମତାନ୍ତର ଓ ବିବାଦ ସୃଷ୍ଟି ହୋଇପାରେ ବୋଲି ଆନ୍ଦୋଳନକାରୀ ଆଶଙ୍କା ପ୍ରକଟ କରିଛନ୍ତି। ଆଇନଜୀବୀ ସଞ୍ଜୟ କୁମାର ସାହୁ, ସୁଦର୍ଶନ ବେହେରା, ସମାଜସେବୀ ସଚ୍ଚିଦାନନ୍ଦ, ସିଦ୍ଧାର୍ଥ ରାୟ, ଚିତ୍ରଶିଳ୍ପୀ ଦୁଃଶାସନ ମହାନ୍ତ, ପରିମଳ ବେହେରା, ପ୍ରଦୀପ ଶତପଥି, ଭୀମସେନ ପାତ୍ର, ଆଦିବାସୀ ନେତା ସୁବାଷ ହେମ୍ବ୍ରମ୍ ଓ କବି ହରେକୃଷ୍ଣ ମହାନ୍ତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ତେବେ ଦାବି ପୂରଣ ଦିଗରେ ଠୋସ୍ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆହୁରି ବଡ଼ ଶାନ୍ତିପୂର୍ଣ୍ଣ ଓ ଅହିଂସକ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନରେ ମୟୂରଭଞ୍ଜବାସୀଙ୍କୁ ସାମିଲ ହେବାକୁ କମିଟି ଆହ୍ୱାନ ଜଣାଇଛି।

# ଜଳ ପ୍ରଳୟ; ବ୍ୟାପକ କ୍ଷୟକ୍ଷତି, ଜନଜୀବନ ଠପ୍





ତେଲକୋଇ, ୧୪।୮ (ସମିସ)

ଲଗାଣ ବାଦଲ ଫଟା ବର୍ଷା ଯୋଗୁଁ ତେଲକୋଇ ଅଞ୍ଚଳରେ ଜଳ ପ୍ରଳୟ ଦେଖାଦେଇଛି। ଗୁରୁବାର ମଧ୍ୟରାତ୍ରୀରୁ ଶୁକ୍ରବାର ସକାଳ ଯାଏଁ ୧୨୯.୮ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ମଧ୍ୟାହ୍ନ ପରେ ପୋଡାଙ୍ଗ, କରମଙ୍ଗୀ, ବିମଳା ଆଦି ଅଞ୍ଚଳରେ ବାଦଲ ଫଟା ବର୍ଷା ହୋଇଛି। ଗୁରୁବାର ଭୋରୁ ସମୟରୁ ସନ୍ଧ୍ୟା ଯାଏଁ ତେଲକୋଇ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ନଦୀ ନାଳ ଫୁଲି ଉଠି ବନ୍ୟାଜଳରେ ଗମନାଗମନ ବାଧାପ୍ରାପ୍ତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଛାମୁଣ୍ଡା, ଭିମକାଣ୍ଡ, ଦେଉଳଡିହା ଆଦି ପଞ୍ଚାୟତର ୧୩ଟି ଘର ଭାଙ୍ଗିଥିବା ସୂଚନା ରହିଛି। ସକାଳ ୬ ଯାଏଁ ସମାକୋଇ ନଦୀର ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ତେଲକୋଇ ମୁଖ୍ୟରାସ୍ତା ବିଚ୍ଛିନ୍ନ ହୋଇପଡ଼ିଥିଲା। ସେହିପରି ହନୁମନ୍ତିଆ ନାଳ ପାଣି ଜଗମୋହନପୁର୍‌କୁ ବିଚ୍ଛିନ୍ନ ରଖିଥିଲା। ବିମଳା, କରମଙ୍ଗୀ ଅଞ୍ଚଳବାସୀ ଜଳବନ୍ଦିରେ ଥିବା ଜଣାପଡିଛି। କରମଙ୍ଗୀ ପଞ୍ଚାୟତ ପଡିଆପଶି ଗ୍ରାମର ବୀରବର ନାୟକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଅଗଣାରେ ଥିବା ସ୍କୁଟି ଭସେଇ ନେଇଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ ରାସ୍ତା ଧୋଇ ହେବା ସହିତ ରାସ୍ତାରେ ଘାଇ ସୃଷ୍ଟି ହୋଇଛି। କୁଡବିଲ ରାଣିବଡା ରାସ୍ତାର କାଉ ବଶା ନାଳ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ଟାଙ୍ଗିରୀ ଗ୍ରାମ ମୁଣ୍ଡ ଦଣ୍ଡପୁର ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ପୋଲର ଉଭୟ ପାର୍ଶ୍ୱ ଧୋଇବା ସହ ରାସ୍ତାରେ ୧୦ ଫୁଟରୁ ଅଧିକ ଘାଇ ସୃଷ୍ଟି ହୋଇଛି। ଅନେକ ପଥଚାରୀ ଫସି ରହିଥିଲେ। ଟାଙ୍ଗିରୀ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଛି। କାନ୍ତଲ ସୁଆଁ ବଲାଙ୍ଗୀସାହି ରାସ୍ତାରେ ବିରାଟ ଘାଇ ସୃଷ୍ଟି ହୋଇଛି। ରାସ୍ତା ଅପର ପାର୍ଶ୍ୱରେ ଥିବା ବଲାଙ୍ଗୀ ସାହି ପ୍ରାଥମିକ ବିଦ୍ୟାଳୟର ୨୭ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକ, ଜଣେ ପାଚିକା ଉକ୍ତ ସ୍ଥାନରେ ଫସି ରହିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ସମସ୍ତେ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି। କାନ୍ତଲ ସୁଆଁ ମଧ୍ୟ ଇଂରାଜୀ ବିଦ୍ୟାଳୟ ମଧ୍ୟ ଜଳ ଘେରରେ ରହିଛି। ତେବେ ସନ୍ଧ୍ୟା ହୋଇ ଯାଇଥିବା ବେଳେ ଲୋକେ ସେମିତି ବିଭିନ୍ନ ସ୍ଥାନରେ ଫସି ରହିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ କୌଣସି ସହାୟତା ପ୍ରଦାନ କରା ଯାଇ ନଥିବା ଅଭିଯୋଗ ହୋଇଛି। ବିମଳାଠାରୁ କାଳିଆ ହତା ଓ ପୋଡାଙ୍ଗଠାରୁ କରମଙ୍ଗୀ ଦେଇ ପୁରୁଜୁଡ଼ା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବାରୁ ଉକ୍ତ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ବୈତରଣୀ ବନ୍ୟାରେ ରିଙ୍ଗ ରୋଡ ଘାଇ ସ୍ଥିତି ଅସମ୍ଭାଳ

ଆନନ୍ଦପୁର, ୧୪।୮ (ସମିସ): ଉପରମୁଣ୍ଡରେ ଲଗାତାର ବର୍ଷା ଯୋଗୁଁ ବୈତରଣୀ ନଦୀ ଜଳସ୍ତର ଆଜି ଦ୍ୱିତୀୟ ଦିନରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଗତ ଜୁଲାଇ ବନ୍ୟାରେ ଆନନ୍ଦପୁର ରିଙ୍ଗ ରୋଡ ଘାଇ ମରାମତି ହୋଇ ପାରି ନଥିବାରୁ ଦ୍ୱିତୀୟ ବନ୍ୟାଜଳ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଆନନ୍ଦପୁରଠାରେ ରାତି ୮ଟା ସୁଦ୍ଧା ବୈତରଣୀ ନଦୀର ଜଳ ବିପଦସଂକେତ ଉପରେ ୩୯.୭୦୦ ମିଟରରେ ରହିଛି।



ଏଠାରେ ସତର୍କ ସୂଚନା ୩୭.୪୪ ମିଟର ରହିଥିବାବେଳେ ବିପଦସଂକେତ ୩୮.୩୬୦ ମିଟର। ପାଟଣାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୫ଟାରେ ୩୧.୨୩୦ ମିଟରରେ ପ୍ରବାହିତ ହେଉଥିଲା। ଏଠାରେ ବିପଦସଂକେତ ୩୧.୧୧୦ ମିଟର ରହିଛି।

## ଧୋଇଗଲା ରାଜନଗର-ସାହାରପଡ଼ା ରାସ୍ତା

ତୁରୁମୁଙ୍ଗା, ୧୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ସାହାରପଡା ରାସ୍ତାର ବୈତରଣୀ ପୋଲ ନିକଟରେ ରାସ୍ତା ଧୋଇ ନେଇଯିବାରୁ ଉକ୍ତ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ରାଜନଗର ପୋଲଠାରୁ ପ୍ରାୟ ୮୦୦ ମିଟର ରାସ୍ତା ଜମି ବିବାଦ ଯୋଗୁଁ ହୋଇ ପାରିନାହିଁ। ଏବେ ଲଗାଣ ବର୍ଷାରେ ବିରାଟ ଘାଇ ଯୋଗୁଁ ଯିବା ଆସିବାରେ ବଡ଼ ସମସ୍ୟା ଦେଖାଦେଇଛି। ତୁରନ୍ତ ଉକ୍ତ ରାସ୍ତାର ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ସଂଗଠକ-ସମାଜସେବୀ ଈଶ୍ୱରଚନ୍ଦ୍ର ଦାଶଙ୍କ ପରଲୋକ

ତୁରୁମୁଙ୍ଗା, ୧୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଶିବନାରାୟଣପୁର ଗ୍ରାମର ବରିଷ୍ଠ ସାମାଜିକକର୍ମୀ, ପୂର୍ବତନ ପାଟଣା ଲ୍ୟାମ୍ପ୍‌ସ ସଭାପତି ତଥା ପୂର୍ବତନ ପାଟଣା ବଣିକ ସଂଘ ସଭାପତି ଈଶ୍ୱରଚନ୍ଦ୍ର ଦାଶ (୮୭)ଙ୍କ ଶୁକ୍ରବାର ସକାଳୁ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ବିଦ୍ୟାଧର ଦାଶ, ବଡପୁଅ ରଜତ, ସୁବ୍ରତ, ପୁତୁରା ବିବେକା, ଅରବିନ୍ଦ, ବୋହୂ, ଝିଅଜ୍ୱାଇଁ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନ ଲୋକାରଣ୍ୟ ହୋଇଥିଲା। ପାଟଣା ବାଜାରକୁ ବନ୍ଦ କରାଯାଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ସମାଜିକ କର୍ମୀ ଅଜୟ କୁମାର ଦାଶ, ମଦନ ମୋହନ ଦ୍ୱିବେଦୀ, ଶିକ୍ଷକ ନେତା କମଳାକାନ୍ତ ପତି, ପାଟଣା ସୁରକ୍ଷା ସମିତି ଆବାହକ ବିଜୟରତ୍ନ ପତି, କଂଗ୍ରେସ ନେତା ଇଂ ବିନୋଦ ନାଏକ, କଂଗ୍ରେସ୍ ନେତା ଲକ୍ଷ୍ମଣ ଦାଶ, କୈଳାସଚନ୍ଦ୍ର ବାରିକ, ବୁଲୁ ଭଞ୍ଜ, ସାମାଜିକ କର୍ମୀ ସନାତନ ଦାଶ, ଅଜିତ ଦାଶ, କୃଷ୍ଣଚନ୍ଦ୍ର ଦାଶ, ପର୍ଶୁରାମ ପଣ୍ଡା, ଶିବନାରାୟଣ ମିଶ୍ର, ପ୍ରମୋଦ ଭଞ୍ଜ, ବଳଭଦ୍ର କର, ବିଦ୍ୟାଧର ମହାନ୍ତ, ରାହାସ ବିହାରୀ ପୃଷ୍ଟି, ଦିନବନ୍ଧୁ ମିଶ୍ର, ଦୁର୍ଗାଚରଣ ନାୟକ, ଯୁଗୋଳ କିଶୋର ଦାଶ ଶୋକ ପ୍ରକାଶ କରିଛନ୍ତି। ପାଟଣା ବୈତରଣୀ କୂଳରେ ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ଼ପୁଅ ରଜତ ଦାଶ ମୁଖାଗ୍ନି ଦେଇଥିଲେ।



## ବନ୍ୟା ବିପନ୍ନଙ୍କୁ ସହାୟତା

ଯୋଡ଼ା, ୧୪।୮ (ସମିସ): ବୁଧବାର ମଧ୍ୟରାତ୍ରିରୁ ଗୁରୁବାର ପ୍ରାୟ ୧ଟା ପର୍ଯ୍ୟନ୍ତ ଯୋଡ଼ା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ୧୪ଟି ୱାର୍ଡ ବିଶିଷ୍ଟ ଯୋଡ଼ା ସହରର ଅନେକ ତଳିଆ ଅଞ୍ଚଳରେ ବର୍ଷାଜଳ ପଶିବାରୁ ଲୋକେ ଜଳବନ୍ଦି ଅବସ୍ଥାରେ ରହିଛନ୍ତି। ଏଭଳି ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଛନ୍ତି ଚମ୍ପୁଆ ବିଧାୟକଙ୍କ ସମର୍ଥକ ଚତୁର୍ଭୁଜ ପଲେଇ, ରବିନାରାୟଣ ଦାସ ଓ ତାଙ୍କ ଟିମ। ଜଳବନ୍ଦୀ ଅଞ୍ଚଳଗୁଡ଼ିକର ଅନୁଧ୍ୟାନ କରିବା ସହ ବିପନ୍ନ ପରିବାରଗୁଡ଼ିକୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ବିଧାୟକଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ଚୁଡ଼ା, ଚିନି, ଚା'ପତି, ବିସ୍କୁଟ, ମହମବତି ଓ ମଶାଧୂପ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ଯେଉଁ ପରିବାରଗୁଡ଼ିକର ଘରେ ବର୍ଷାଜଳ ପଶିବାରୁ ଆଶ୍ରୟ ନେବାର ସମସ୍ୟା ଦେଖାଦେଇଛି, ସେମାନଙ୍କୁ ଆବଶ୍ୟକ ସ୍ଥଳେ ପାଲ ମଧ୍ୟ ଯୋଗାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚମ୍ପୁଆ ବିଧାନସଭା କ୍ଷେତ୍ର ମଧ୍ୟରେ ଯୋଡ଼ା ଅଞ୍ଚଳ ବର୍ଷା ଓ ବନ୍ୟାଜନିତ ସମସ୍ୟା ପ୍ରତି ନଜର ରଖାଯାଉଛି। ପ୍ରବଳ ବର୍ଷା ପରେ ସହରର ଜଳବନ୍ଦି ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ବିପନ୍ନ ପରିବାରଙ୍କୁ ଆବଶ୍ୟକ ସହଯୋଗ ଜାରି ରଖିବାକୁ ବିଧାୟକଙ୍କ ସମର୍ଥକମାନେ ଉଦ୍ୟମ କରୁଛନ୍ତି।

## ଲୁଟ୍ ଅଭିଯୋଗରେ ଯୁବକ ଗିରଫ



ଯୋଡ଼ା, ୧୪।୮ (ସମିସ): ଟଙ୍କା ଦେବାକୁ ମନା କରିବାରୁ ଧାରୁଆ କଟୁରି ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ନଗଦ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଯୋଡ଼ା ପୁଲିସ ନେପାଳୀ ହଟିଂ ଅଞ୍ଚଳର ରୂପେଶ ନାଏକ ଓରଫ ଟିପିଲି (୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୋଡ଼ା ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ନିକଟସ୍ଥ ନେପାଳୀ ହଟିଂ ଅଞ୍ଚଳରେ ବିକି ମହାକୁଡ଼ଙ୍କୁ ଟିପିଲି ଟଙ୍କା ମାଗିଥିଲା। ମନା କରିବାରୁ ଅଭିଯୁକ୍ତ ଧମକ ଦେବା ସହ ତାଙ୍କ ସର୍ଟର ଉପର ପକେଟରୁ ୧,୭୫୦ ଟଙ୍କା ନେଇଯାଇଥିବା ଅଭିଯୋଗକାରୀ ପୁଲିସ ନିକଟରେ ଜଣାଇଥିଲେ। ଯୋଡ଼ା ପୁଲିସ ମାମଲା ରୁଜୁକରି ତଦନ୍ତ ସମୟରେ ରୂପେଶଠାରୁ ୧,୦୦୦ ଟଙ୍କା ନଗଦ ଉଦ୍ଧାର କରିବା ସହ ଗୋଟିଏ ଧାରୁଆ ଲୁହା କଟୁରିକୁ ଜବତ କରିଛି।

## ରାସ୍ତା ପାଇଁ ସ୍ଥାନାନ୍ତର ହେଲା ଗଛ



ତୁରୁମୁଙ୍ଗା, ୧୪।୮ (ସମିସ): ଗଛ ନକାଟି ରାସ୍ତା ନିର୍ମାଣ କରିବାର ଏକ ଅଭିନବ ପ୍ରୟାସ ହୋଇଛି। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା-ଚମ୍ପୁଆ କେଟି ରୋଡ୍‌ର ନେଉଳିପଶି ନାଳର ନୂତନ ପୋଲ ନିର୍ମାଣ ପରେ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତାକଡ଼ର ବଡ଼ ବଡ଼ ଗଛଗୁଡ଼ିକୁ କାଟିବା ପରିବର୍ତ୍ତେ ମୂଳ ସହ ଉପାଡ଼ି ଅନ୍ୟତ୍ର ପୁନଃରୋପଣ କରାଯାଇଛି। ବନ ବିଭାଗ ଓ ପୂର୍ତ୍ତ ବିଭାଗର ମିଳିତ ଉଦ୍ୟମରେ ପ୍ରାୟ ୭ ବର୍ଷର ୭ଟି ମହାଲିମ୍ବ ଓ ୩ଟି ଜାମୁ ଗଛକୁ ନୂତନ ସ୍ଥାନରେ ରୋପଣ କରାଯାଇଛି। ଏହି ପଦକ୍ଷେପ ଫଳରେ ଗଛ କଟାକୁ ରୋକାଯିବା ସହ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇପାରିଛି। ବୃକ୍ଷ ପୁନଃରୋପଣ ସମୟରେ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ବୁଦ୍ଧିଆ ମାରାଣ୍ଡି ଓ ସହକାରୀ ଯନ୍ତ୍ରୀ କ୍ଷିତୀଶ ମହାନ୍ତଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

**ବିଭିନ୍ନ ସ୍ଥାନରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ**

# ଦେଶପ୍ରେମର ଭାବରେ ମୁଖରିତ ହେଲା ସହର, ଗାଁ



କେନ୍ଦୁଝର, ୧୪।୮ (ସମିସ)

ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କେନ୍ଦୁଝର ଜିଲ୍ଲାର ପୁରପଲ୍ଲୀ ଦେଶପ୍ରେମର ଭାବରେ ଉତ୍ସବମୁଖର ହୋଇଉଠିଛି। 'ହର ଘର ତ୍ରିରଙ୍ଗା' ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରାକୁ ଜିଲ୍ଲାପାଳ ବିଶାଲ ସିଂହ ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରୁ ବାହାରି ଏହି ଯାତ୍ରା ସହରର ପ୍ରମୁଖ ଛକ ପରିକ୍ରମା କରିବା ସହ ଜନସାଧାରଣଙ୍କ ମଧ୍ୟରେ ଜାତୀୟତାବୋଧ ଓ ଦେଶପ୍ରେମର ବାର୍ତ୍ତା ବାଣ୍ଟିଥିଲା। ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଲିକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ।

ସେହିପରି କେନ୍ଦୁଝରର ସଖୀ ୱାନ୍ ଷ୍ଟପ୍ ସେଣ୍ଟର କର୍ମଚାରୀଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସ ସମୂହ, ସ୍ଥାନୀୟ ମହିଳଙ୍କ ମୋଟ ୨୫ ଜଣ ଅଂଶଗ୍ରହଣକାରୀ କେନ୍ଦ୍ର ପରିଚାଳିକା ସୁଜାତା ପାଢ଼ୀଙ୍କ ନେତୃତ୍ୱରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଥିଲେ। କେନ୍ଦୁଝରର ସଖୀ ୱାନ୍ ଷ୍ଟପ୍ ସେଣ୍ଟରଠାରୁ ଆରମ୍ଭ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଆଡକୁ ଅଗ୍ରସର ହୋଇଥିଲା।

ଅନ୍ୟପକ୍ଷରେ, ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି କେନ୍ଦୁଝର ପକ୍ଷରୁ ଶୁକ୍ରବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ କମାଣ୍ଡିଙ୍ଗ ଅଫିସର କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ଉଦଘାଟନ କରିଥିଲେ। ଏନ୍‌ଏସ୍ ପୁଲିସ୍ ହାଇସ୍କୁଲର ଏନ୍‌ସିସି ଅଫିସର୍ ବିଜୟ ବେହେରା ଏବଂ ପିଏମ୍‌ଶ୍ରୀ ଡିଏନ୍. ହାଇସ୍କୁଲ ଏନ୍‌ସିସି ଅଫିସର୍ ସୁରେନ୍ଦ୍ର ପଇଡାଙ୍କ ତତ୍ତ୍ୱାବଧାନରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପଦ୍ମପୁର, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ଏନ୍‌ଏସ୍ ପୁଲିସ୍ ହାଇସ୍କୁଲ, ପିଏମ୍‌ଶ୍ରୀ ଡିଏନ୍ ହାଇସ୍କୁଲ, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରାୟ ୨୦୦ କ୍ୟାଡେଟ୍ ହାତରେ ଜାତୀୟ ପତାକା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏକ ବିଶାଳ ସାଇକଲ ରାଲି ବଳଦେବଜୀଉ ମନ୍ଦିର ନିକଟରୁ ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି ପିଆଇ. ଷ୍ଟାଫ ସହଯୋଗ କରିଥିଲେ।

**ବଡ଼ବିଲ:** କେନ୍ଦୁଝର ଜିଲ୍ଲା ବଡବିଲ ପୌରାଞ୍ଚଳରେ ଏହି ଶୋଭାଯାତ୍ରା ବିକାଶମହଲଠାରୁ ବାହାରି ବସ୍ତିଛକ, ଭୋଲା ଗ୍ୟାରେଜ ଛକ ବାଟାଛକ ପରିକ୍ରମା କରିଥିଲା। ପୁଲିସ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଥାନାଧିକାରୀ ଅଶୋକ ନାୟକ, ପୌର କାର୍ଯ୍ୟନିର୍ବାହୀ ରମେଶଚନ୍ଦ୍ର ନାୟକ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଧାୟକ ପ୍ରତିନିଧି ମୋହନ ଗୁପ୍ତା, କାଉନସିଲର ଧର୍ମେନ୍ଦ୍ର ମହାନ୍ତ, ପାୟଲ ଦେବଗନ୍, ପରିଷଦର କର୍ମଚାରୀ ମୁଖ୍ୟ କିରାଣି ରାଜେନ୍ଦ୍ର ସିଂ, ଗୋଷ୍ଠୀ ସଂଯୋଜିକା ସୁପ୍ରଭା ପାଣିଗ୍ରାହୀ, ବିଜୟ ବେହୁରିଆ, ରାକେଶରଶ୍ମି ସାହୁ, ଆଶିଷ ମହାନ୍ତି, ରାଜେନ୍ଦ୍ର ଦାସ, ଅଭିଷେକ ନାୟକ, କୀର୍ତ୍ତନ ମହାକୁଡ଼, ତୁଷାର ନାଏକ, ହରିଶ୍ଚନ୍ଦ୍ର ସ୍ୱାଇଁ, ଦଲଜିତ୍ ସିଂ, ପର୍ବେଜ ଅଖତରଙ୍କ ସହିତ ଜାତୀୟ ଦିବସ ପାଳନ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛ ସାଥୀ ଓ ବିଭିନ୍ନ ଘରୋଇ କମ୍ପାନୀର କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳବାସୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ଥିଲେ।

**ତେଲକୋଇ:** ଚାରିଗଡ଼ ମହାବିଦ୍ୟାଳୟ ଆନୁକୂଲ୍ୟରେ ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତଅଧିକାରୀ ପାର୍ବତୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକଅଧ୍ୟାପିକା ତଥା କର୍ମଚାରୀବୃନ୍ଦ ଦେଶପ୍ରୀତି, ମାତୃଭାଷା ସୁରକ୍ଷା ପାଇଁ ସଂକଳ୍ପ ବଦ୍ଧ ହୋଇଥିଲେ।

**ଆନନ୍ଦପୁର:** ବିଜେପି ଦେଓଗାଁ ମଣ୍ଡଳ ପକ୍ଷରୁ ଏକ ଭବ୍ୟ 'ତ୍ରିରଙ୍ଗା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବାଇଧର ଚିହ୍ନାଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଶତାଧିକ ମହିଳା, ଯୁବକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ଶୁଭାରମ୍ଭ ହେବା ପୂର୍ବରୁ ଖଲଣା ଛକଠାରେ ଥିବା ବୀର ସହିଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଅମର ବଳିଦାନକୁ ସ୍ମରଣ କରାଯାଇଥିଲା। ଏହାପରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ହାତରେ ଜାତୀୟ ପତାକା ତ୍ରିରଙ୍ଗା ଧରି ଖଲଣା ଛକରୁ ସାଇଁକୁଳ ବଜାର ପର୍ଯ୍ୟନ୍ତ ଏକ ଶୃଙ୍ଖଳିତ ଶୋଭାଯାତ୍ରାରେ ବାହାରିଥିଲେ। ଜିଲ୍ଲା ସମ୍ପାଦିକା ଯଶସ୍ୱିନୀ ବଳ ଏବଂ ସମ୍ପାଦକ ଦୀପକ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ସଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଓ ପ୍ରମୋଦ ପରିଡ଼ା ସହଯୋଗ କରିଥିଲେ। ସେହିପରି ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ସନ୍ଧ୍ୟାରାଣୀ ଦାସ ଏବଂ ଯୁବମୋର୍ଚ୍ଚା ନେତା ଲିଟୁ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

**ତୁରୁମୁଙ୍ଗା:** ତୁରୁମୁଙ୍ଗା ଶକ୍ତିକେନ୍ଦ୍ର ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଓ ବାଇକ୍ ରାଲି ଆୟୋଜିତ ହୋଇଥିଲା। ହାତରେ ତ୍ରିରଙ୍ଗା ଧରି ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ପଦଯାତ୍ରାରେ ସାମିଲ ହୋଇ ଦେଶଭକ୍ତିର ବାର୍ତ୍ତା ଦେଇଥିଲେ। ସରପଞ୍ଚ ସୁଲେଖା ନାଏକ, ଶକ୍ତି କେନ୍ଦ୍ର ପ୍ରମୁଖ ନାଗେଶ୍ୱର ମହାରଣା, ସହ ପ୍ରମୁଖ ବରୁଣ ସାହୁ, କେନ୍ଦେଇପଶି ମଣ୍ଡଳର ସାଧାରଣ ସମ୍ପାଦକ ତପନ ସାହୁଙ୍କ ସମେତ ସଲିଲ ସାହୁ, ହୃଷୀକେଶ ସାହୁ, ଇନ୍ଦ୍ରଜିତ୍ ସାହୁ ଓ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପରେ କାର୍ଯ୍ୟକର୍ତ୍ତାମାନେ ବାଇକ୍ ରାଲିରେ ମଧ୍ୟ ସାମିଲ ହୋଇଥିଲେ।







## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।


### ଆଜିର ଦିନରେ

- ୧୮୭୨- ମହାନ୍ ଦାର୍ଶନିକ ଶ୍ରୀ ଅରବିନ୍ଦଙ୍କ ଜନ୍ମ।
- ୧୯୪୨- ଭାରତର ମହାନ୍ କ୍ରାନ୍ତିକାରୀ ମହାଦେବ ଦେଶାଇଙ୍କ ପରଲୋକ।
- ୧୯୪୭- ବ୍ରିଟିଶ୍ ଶାସନରୁ ଭାରତ ସ୍ୱାଧୀନ ହେଲା।
- ୧୯୭୨- ଭାରତୀୟ ଡାକ ବିଭାଗ ପକ୍ଷରୁ ପିନ୍‌କୋଡ୍ ଲାଗୁ କରାଗଲା।
- ୧୯୭୯- ଫରିଦାବାଦ ହରିଆନାର ୧୨ତମ ଜିଲ୍ଲା ହେଲା।
- ୨୦୦୭- ପେରୁରେ ଆସିଥିବା ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।



# ୧୨ ବର୍ଷ ପରେ ପୁଣି ଏକାଠି ଅକ୍ଷୟ-ବିପୁଳ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବେ ପୁଣି ଥରେ ତାଙ୍କର ଏକ ଫିଲ୍ମକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଅକ୍ଷୟ ତାଙ୍କର ଆଗାମୀ ଫିଲ୍ମ 'ସମ୍ପର୍କ' ପାଇଁ ଏବେ ଚର୍ଚ୍ଚାରେ। ଏଲିଅନ୍ ପୃଷ୍ଠଭୂମିରେ ନିର୍ମିତ ଏହି ଫିଲ୍ମର ସୁଟିଂ ଅଗଷ୍ଟ ୨୩ରୁ ଲଣ୍ଡନରେ ଆରମ୍ଭ ହେବାକୁ ଯାଉଛି। ପ୍ରଯୋଜକ ବିପୁଲ ଅମୃତଲାଲ ଶାହା ଏବଂ ଅକ୍ଷୟ କୁମାର ଏହି ଫିଲ୍ମ ମାଧ୍ୟମରେ ପ୍ରାୟ ୧୨ ବର୍ଷ ପରେ ପୁଣି ଏକାଠି କାମ କରୁଛନ୍ତି। ବିପୁଲ ପୂର୍ବରୁ ମଧ୍ୟ ଅକ୍ଷୟଙ୍କ ସହ 'ଆଖେଁ' 'ନମସ୍ତେ ଲଣ୍ଡନ', 'ସିଂ ଇଜ୍ କିଙ୍ଗ୍' ଏବଂ 'ଆକ୍ସନ୍ ରିପ୍ଲେ' ଫିଲ୍ମରେ କାମ କରିଛନ୍ତି। ଏହି ନୂଆ ଫିଲ୍ମରେ ଅକ୍ଷୟ ଏଭଳି ଏକ ଚରିତ୍ରରେ ନଜର ଆସିବେ, ଯାହା ଭାରତୀୟ ସିନେମାରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଫିଲ୍ମର କାହାଣୀ ଜଣେ ସାଧାରଣ ମଣିଷକୁ ନେଇ ଗତିଶୀଳ ହେବ। ସେ ହଠାତ୍ ଏଭଳି ଏକ ପରିସ୍ଥିତିରେ ଫସିଯାଉଛନ୍ତି, ଯେଉଁଠି ତାଙ୍କର ସାମ୍ନା ଏକ ଅଜଣା ଗ୍ରହର ଜୀବ ସହିତ ହେଉଛି। ଏହି ଫିଲ୍ମରେ ଏଲିଅନ୍‌କୁ ଅତ୍ୟନ୍ତ ହିଂସ୍ର ଓ ମାରାତ୍ମକ ଜୀବ ଭାବେ ଦେଖାଯିବ। ସେହି ଅଦୃଶ୍ୟ ବିପଦ କବଳରୁ ନିଜକୁ ଏବଂ ନିଜର ଆପଣାର ଲୋକଙ୍କୁ ବଞ୍ଚାଇବା ପାଇଁ ଅକ୍ଷୟ କିଭଳି ସଂଘର୍ଷ କରୁଛନ୍ତି, ତାହା ହିଁ ଏହାର ମୂଳ କାହାଣୀ। ଫିଲ୍ମର ସୁଟିଂର ପ୍ରାୟ ୯୦ ପ୍ରତିଶତ ଭାଗ ଲଣ୍ଡନରେ ହେବ। ବାକି ଅଂଶର ସୁଟିଂ ମୁମ୍ବାଇରେ କରାଯିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି କନିଷ୍କ ବର୍ମା। ଏହି ପ୍ରୋଜେକ୍ଟରେ ଆନ୍ତର୍ଜାତୀୟ ବୈଷୟିକ ବିଶେଷଜ୍ଞଙ୍କ ଏକ ଟିମ୍‌କୁ ମଧ୍ୟ ସାମିଲ କରାଯାଇଛି। ଏଲିଅନ୍ ଚରିତ୍ରର ଡିଜାଇନ୍ ପାଇଁ ଓସ୍କାର ନୋମିନେଟେଡ୍ ଏଲେକ୍ ଗିଲିସ୍ ଏବଂ ଆକ୍ସନ୍ ପାଇଁ ହଲିଉଡ୍‌ର ଷ୍ଟଣ୍ଟ କୋଅର୍ଡିନେଟର ଲ୍ୟୁକ୍ ଟମ୍ବରଙ୍କୁ ସାମିଲ କରାଯାଇଛି। ଏହି ଫିଲ୍ମ କେବଳ ଅକ୍ଷୟଙ୍କ ପାଇଁ ଏକ ନୂଆ ଚ୍ୟାଲେଞ୍ଜ୍ ନୁହେଁ, ବରଂ ଦର୍ଶକଙ୍କୁ ମଧ୍ୟ ଏକ ନୂଆ ଅନୁଭୂତି ପ୍ରଦାନ କରିବ। ଅକ୍ଷୟଙ୍କ କାମ କଥା କହିବାକୁ ଗଲେ ସେ ଆର୍. ଡି. ବର୍ମନଙ୍କ ବାୟୋପିକ୍ ଫିଲ୍ମ ଏବଂ 'ଗୋଲମାଲ ୫'ରେ ନଜର ଆସିବେ। ଏହା ବ୍ୟତୀତ, ତାଙ୍କ ଫିଲ୍ମ 'ହୈୱାନ୍' ସେପ୍ଟେମ୍ବର ୧୧ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି, ଯେଉଁଥିରେ ସେ ଏକ ନକାରାତ୍ମକ ଚରିତ୍ରରେ ନଜର ଆସିବେ।




# ଅବସାଦ ପାଇଁ ୨୫୮ କୋଟି ଟଙ୍କାର ସପିଙ୍ଗ୍

ମାନସିକ ଚାପ ବା ଅବସାଦକୁ ଦୂରେଇ ଦେବା ପାଇଁ କିଏ ଯୋଗ, ପ୍ରାଣାୟମ ଆଦି କରେ ତ ପୁଣି କିଏ ପୁଣି ପ୍ରକୃତିର କୋଳରେ ବା ଗଛଲତାଙ୍କ ସହ ରହି ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରେ। ହେଲେ ଜାପାନର ଜଣେ ମହିଳା ଅବସାଦ କମ୍ କରିବା ପାଇଁ ୨୫୮ କୋଟି ଟଙ୍କାର ଅନଲାଇନ୍ ଅର୍ଡର କରି ସଭିଙ୍କୁ ଚକିତ କରିଛନ୍ତି। ମାୟୁ ୟୋଶିଦା ନାମ୍ନୀ ଏହି ୩୨ ବର୍ଷୀୟା ମହିଳା ଜଣକ ଏକ ରେସ୍ତୋରାଁରେ କାର୍ଯ୍ୟ କରନ୍ତି। ସେ ଅନ୍‌ଲାଇନ୍‌ରେ ଜିନିଷ ଅର୍ଡର କରିବା ସତ୍ତ୍ୱେ ଏହାକୁ କେବେ ଗ୍ରହଣ କରୁ ନ ଥିଲେ। ମାୟୁ ଏଥିପାଇଁ ଜାପାନର ପ୍ରସିଦ୍ଧ ପବ୍ଲିସିଂ ହାଉସ୍ 'ଶୁଏସା'ର ଅନ୍‌ଲାଇନ୍ ଷ୍ଟୋର୍ 'ଜମ୍ପ୍ କ୍ୟାରେକ୍ଟର୍ସ ଷ୍ଟୋର୍‌କୁ ଟାର୍ଗେଟ୍ କରିଥିଲେ। ସେ ସେଠାରୁ ବହୁ ପରିମାଣର ଖେଳନା, ଚିତ୍ର ଏବଂ ପ୍ରସିଦ୍ଧ ଆନିମେ ସିରିଜ୍‌ର ସାମଗ୍ରୀ ଅର୍ଡର କରୁଥିଲେ। ସେ ପ୍ରାୟ ଦୁଇ ବର୍ଷ ମଧ୍ୟରେ ୨,୦୦୦ ରୁ ଅଧିକ ଥର ଅର୍ଡର କରିଥିଲେ। ଏହି ସବୁ ଅର୍ଡରର ମୋଟ ମୂଲ୍ୟ ପ୍ରାୟ ୨୫୮ କୋଟି ଟଙ୍କା ଥିଲା। କମ୍ପାନି ଯେମିତି ତାଙ୍କୁ ଚିହ୍ନି ନ ପାରିବ, ସେଥିପାଇଁ ସେ ୨୩୮ ଟି ନକଲି ଆକାଉଣ୍ଟ ଏବଂ ନକଲି ନାଁ ବ୍ୟବହାର କରିଥିଲେ। ସେ ସାମଗ୍ରୀ ଅର୍ଡର କରିବାବେଳେ କ୍ୟାଶ ଅନ୍ ଡେଲିଭରି ବିକଳ୍ପ ବାଛୁଥିଲେ। ଯେତେବେଳେ ଡେଲିଭରି ବୟ ସାମଗ୍ରୀ ନେଇ ତାଙ୍କ ଘରକୁ ଆସୁଥିଲା, ସେ ପାର୍ସଲ ଗ୍ରହଣ କରିବାକୁ ଏବଂ ଟଙ୍କା ଦେବାକୁ ସିଧା ମନା କରିଦେଉଥିଲେ। କିଛି ଅର୍ଡରରେ ସେ ଦୋକାନରେ ଯାଇ ପଇସା ଦେବାର ବିକଳ୍ପ ବାଛୁଥିଲେ, କିନ୍ତୁ ସମୟ ସୀମା ମଧ୍ୟରେ ଟଙ୍କା ଜମା କରୁନଥିଲେ, ଯାହାଫଳରେ ଅର୍ଡରଗୁଡ଼ିକ ଆପେ ଆପେ ରଦ୍ଦ ହୋଇଯାଉଥିଲା। ଏହାପରେ କମ୍ପାନି ପକ୍ଷରୁ ମହିଳାଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିଲା। ଯଦିଓ ମହିଳା ଜଣକ କୌଣସି ଜିନିଷ ଚୋରି କରିନାହାନ୍ତି, ତଥାପି ଏତେ ବଡ଼ ପରିମାଣର ପାର୍ସଲ ପଠାଇବା ଏବଂ ସେଗୁଡ଼ିକ ଫେରିବା ଯୋଗୁଁ କମ୍ପାନିର ପ୍ୟାକେଜିଂ ଏବଂ ଡେଲିଭରି ବାବଦରେ କମ୍ପାନିର ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କା ନଷ୍ଟ ହୋଇଛି। ଅପରପକ୍ଷରେ ପୋଲିସ ଜେରା ବେଳେ ମହିଳା ଜଣକ କହିଛନ୍ତି ଯେ, ଦୈନନ୍ଦିନ ଜୀବନର ମାନସିକ ଚାପ ଓ ଅବସାଦରୁ ମୁକ୍ତି ପାଇବା ପାଇଁ ସେ ଏପରି କରୁଥିଲେ। କେବଳ ଅନ୍‌ଲାଇନ୍ କାର୍ଟରେ ଜିନିଷ ରଖି ଅର୍ଡର ହେବାର ଦେଖିଲେ ତାଙ୍କ ମନକୁ ଶାନ୍ତି ଓ ସନ୍ତୋଷ ମିଳୁଥିଲା ବୋଲି ମାୟୁ କହିଛନ୍ତି।

# ଆଠ ଫୁଟ ଦଶ ଇଞ୍ଚ ଲମ୍ବା କେଶ

ଉତ୍ତରାଖଣ୍ଡର ହଲଦ୍ୱାନୀ ବାସିନ୍ଦା ରେଣୁ ଧରିୟାଲଙ୍କ କେଶର ଲମ୍ବ ୮ ଫୁଟ ୧୦ ଇଞ୍ଚ। ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସବୁଠାରୁ ଲମ୍ବା କେଶ ଥିବା ଜୀବିତ ମହିଳା ଭାବେ ସ୍ଥାନ ପାଇଛନ୍ତି। ସେ ୟୁକ୍ରେନର ଆଲିଆ ନାସିରୋଭାଙ୍କ ପୂର୍ବ ରେକର୍ଡକୁ ଭାଙ୍ଗି ଏହି ସଫଳତା ହାସଲ କରିଛନ୍ତି। ଆଲିଆଙ୍କ କେଶର ଲମ୍ବ ୮ ଫୁଟ ୫ ଇଞ୍ଚ ଥିଲା। ଭାରତୀୟ ସଂସ୍କୃତି ଓ ପରମ୍ପରାରୁ ପ୍ରେରିତ ହୋଇ ରେଣୁ ୨୦୧୫ ମସିହା ପରଠାରୁ କେବେବି ନିଜ କେଶ କାଟିନାହାନ୍ତି। ସେ ଚାଲିବା ସମୟରେ ତାଙ୍କ କେଶ ମାଟିକୁ ଛୁଇଁଥାଏ ଏବଂ ଏହାକୁ ସମ୍ଭାଳିବା ପାଇଁ ସେ ବଡ଼ ବେଣୀ କରନ୍ତି। ରେଣୁ ତାଙ୍କ କେଶର ଯତ୍ନ ନେବା ପାଇଁ କୌଣସି ଦାମୀ ପାର୍ଲର ଟ୍ରିଟମେଣ୍ଟ ବା କେମିକାଲ୍ ଯୁକ୍ତ ପ୍ରଡକ୍ଟ ବ୍ୟବହାର କରନ୍ତି ନାହିଁ। ସେ ସମ୍ପୂର୍ଣ୍ଣ ରୂପେ ପାରମ୍ପରିକ ଏବଂ ପ୍ରାକୃତିକ ଉପାୟ ଆପଣାନ୍ତି। ସେ କେବଳ ନିଜ ହାତରେ ପ୍ରସ୍ତୁତ କରିଥିବା କେମିକାଲ୍-ମୁକ୍ତ ଘରୋଇ ହେୟାର୍ ଅଏଲ୍ ଏବଂ ସାମ୍ପୁ ବ୍ୟବହାର କରନ୍ତି। ଏତେ ଲମ୍ବା କେଶକୁ ଧୋଇବା, ଶୁଖାଇବା ଏବଂ ଜଟ ଛଡ଼ାଇବା ପାଇଁ ତାଙ୍କୁ ପ୍ରତିଥର ଘଣ୍ଟା ଘଣ୍ଟା ସମୟ ଲାଗିଥାଏ। ରେଣୁ ଜଣେ ୟୁଟ୍ୟୁବର୍ ଏବଂ କଣ୍ଟେଣ୍ଟ କ୍ରିଏଟର୍ ମଧ୍ୟ। ସେ ନିଜ ସୋସିଆଲ୍ ମିଡିଆ ଓ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଘରୋଇ ଉପାୟରେ ସାମ୍ପୁ ଓ ତେଲ ତିଆରି କରିବାର କୌଶଳ ଶିଖାଇଥାନ୍ତି।





## ସପନ କରିବି ସତ

ଦିଅ ମା' ମତେ ତିରଙ୍ଗା ପତାକା
ଉଡ଼େଇବି ଫର୍ ଫର୍
ଭାରତମାତାର ଗରିମା ଗରବ
ବଢ଼ାଇବି ନିରନ୍ତର ॥
ବାଛି ସତପଥ, ବରଜି କୁପଥ
ରଖିବି ଦେଶର ଟେକ
ଶ୍ରମ-ସାହସରେ କାମ କରୁଥିବି
ସାଜି କୁନି ସଇନିକ ॥
ପଢ଼ାଲେଖା ଶିଖି ବୀରଯୋଦ୍ଧା ବନି
ସପନ କରିବି ସତ
ମା' ତୋର ଏଇ ଧରଣୀ କୋଳରେ
ସଚା, ଲଡୁଆ ସୁତ ॥
ଅନନ୍ତ ସୁନୀଳ ଆକାଶ ଛାତିରେ
ଉଡ଼ିବ ତିରଙ୍ଗା ଯେବେ
ଭାରତବାସୀଙ୍କ ମନରେ ଜାଗିବ
ଦେଶଭକ୍ତି ଭାବ ସେବେ ॥
ଫିରଙ୍ଗୀ କବଳୁ ଦେଶ ସିନା ମୁକ୍ତ
ହାତରେ ଶାସନ ଡୋରି
ଆଗେଇ ନେବିଟି ଡିଜିଟାଲ ଭାରତ
ସଠିକ୍ ମାର୍ଗକୁ ଧରି ॥
ଦେଶହିତ କାମେ ଲଗାଇବି ମୁଇଁ
ଇଣ୍ଟରନେଟକୁ ବାଗେ
ଦେବିନିଟି କେବେ ଖରାପ ଖବର
ପ୍ରସାର ହେବାକୁ ଆଗେ ॥




**ନଗେନ୍ଦ୍ରନାଥ ପଟ୍ଟନାୟକ**
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ଼
ଭୁବନେଶ୍ୱର

## ସ୍ମୃତିର ଦିନ

ଅଗଷ୍ଟ ମାସର ପନ୍ଦର ତାରିଖ
ସ୍ମୃତି ଦିନ ଭାରତର,
କେତେ କଷ୍ଟ ସହି ଫିରିଙ୍ଗି କବଳୁ
ପାଇଲା ମୁକତି ତା'ର।
ବାଜା ତାଳେ ତାଳେ ନାଚ ଗୀତ ସୁରେ
ପାଳିଲା ସ୍ମୃତିର ଦିନ,
ପଲ୍ଲୀ ଠାରୁ ଦିଲ୍ଲୀ ଦିଲ୍ଲୀ ଠାରୁ ପଲ୍ଲୀ
ଖୁସିରେ ମଜ୍ଜିଲେ ଜନ।
ବିଦ୍ୟାଳୟ ଠାରୁ ପାର୍ଲାମେଣ୍ଟ ଯାଏ
ଉଡ଼ିଲା ତ୍ରିରଙ୍ଗା କେତ,
କାଶ୍ମୀର ଠାରୁ ସେ କୁମାରୀକା ଯାଏ
ଦେଲା ବିଜୟ ସଙ୍କେତ।
ଜାତି ଧର୍ମ ଭୁଲି ତ୍ରିରଙ୍ଗାର ତଳେ
ହେଲେ ସର୍ବେ କୋଳାକୋଳି,
ଜାତିର ଉନ୍ନତି ଦେଶ ଅଗ୍ରଗତି
ଏଇ କଥା ମନେ ଭାଳି।
କରିଲେ ଶପଥ ଦେଶର ମହତ
ରଖିବେ ଜୀବନ ଦେଇ,
ପରସ୍ପର ମଧ୍ୟେ ମିଷ୍ଟାନ୍ନ ଭୋଜନେ
ଦିନଟି ଦେଲେ ବିତାଇ।



**ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ



## ସେଇ ମୋ ଭାରତ ଭୂଇଁ

ବଙ୍ଗୋପସାଗର ଛୁଇଁଛି ପୟର
ପୁଣ୍ୟ ଗଙ୍ଗା ବହେ ଯହିଁ
ଶୋଭା ପାଏ ଯା'ର ଶିରେ ଗିରିବର
ସେଇ ମୋ ଭାରତ ଭୂଇଁ
ତରୁଲତା ଭରା ସବୁଜ ବନାନୀ
ମଧୁର ଝରଣା ପାଣି
ମୃଦୁ ମୃଦୁ ତା'ର ଶୀତଳ ପବନ
ସୁଆଦିଆ ଲାଗେ ପୁଣି
ଜନମିଲେ କେତେ ଏଇ ମୋର ଦେଶେ
ସାଧୁ ସନ୍ଥ ଯୋଗୀ ମୁନି
ବିଚାର ଆଚର ରହିଛି ଅମର
ତାଙ୍କର ମହତ ବାଣୀ
ଗାନ୍ଧୀ ଗୋପବନ୍ଧୁ ଜନମ ଯେଉଁଠି
ସେ'ତ ଏ ପବିତ୍ର ମାଟି
ସାହସୀ ସୁଭାଷ ବୀର ସୁରେନ୍ଦର୍
ଯଶ ରଖିଗଲେ ଏଠି
କଥା କହେ ତାର କଳା କାରିଗରୀ
କୋଣାରକ ଯା'ର ସାକ୍ଷୀ
ତାଜମହଲର ଚାରୁ ଚିତ୍ରପଟ
ଦେଖି ଆଖି ଯାଏ ଲାଖି
ଜାତି ଧର୍ମ ଭୁଲି ଏକାଠି ରଖିଛି
ଭେଦଭାବ ଜମା ନାହିଁ
ଏ ପୁଣ୍ୟ ମାଟିରେ ଜନମ ଲଭିଛି
ବଡ଼ ଭାଗ୍ୟବାନ ମୁହିଁ



**ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼

## ସୁମନ



# ତ୍ରିରଙ୍ଗା ମୋ ଗର୍ବ

ସକାଳୁ ସକାଳୁ ମିଟୁର ଆଖି ଖୋଲିଗଲା। ଝରକା ପାଖକୁ ଯାଇ ଦେଖିଲା, ଆକାଶଟା ନୀଳ ନୀଳ ଦିଶୁଛି। ଗାଁ ଦାଣ୍ଡରେ କିଛି ପିଲା ହାତରେ ଛୋଟ ଛୋଟ ତ୍ରିରଙ୍ଗା ଧରି ଦୌଡ଼ୁଛନ୍ତି। ମାଆ, ମାଆ! ଆଜି କ'ଣ ହେବ? ମିଟୁ ଉତ୍ସାହରେ ପଚାରିଲା। ମାଆ ହସି କହିଲେ, ଆଉ ଦୁଇଦିନ ପରେ ସ୍ୱାଧୀନତା ଦିବସ। ତୋ ସ୍କୁଲରେ ମଧ୍ୟ କାର୍ଯ୍ୟକ୍ରମ ହେବ ନା! ମିଟୁ ଖୁସିରେ ଡେଇଁ ପଡ଼ିଲା। ତା'ର ମନରେ ଗୋଟିଏ ପ୍ରଶ୍ନ ଘୁରି ବୁଲୁଥିଲା- ତ୍ରିରଙ୍ଗାକୁ ସମସ୍ତେ ଏତେ ଭଲ କାହିଁକି ପାଆନ୍ତି? ସନ୍ଧ୍ୟାରେ ମିଟୁ ଜେଜେବାପାଙ୍କ ପାଖରେ ବସିଲା। ଜେଜେବାପା ବାରଣ୍ଡାରେ ବସି ଖବରକାଗଜ ପଢ଼ୁଥିଲେ। ମିଟୁ ପଚାରିଲା, ଜେଜେବାପା, ଆମ ଜାତୀୟ ପତାକାକୁ ତ୍ରିରଙ୍ଗା କାହିଁକି କୁହାଯାଏ? ଜେଜେବାପା ଖବରକାଗଜଟିକୁ ତଳେ ରଖି ହସିଲେ। କାରଣ ଏଥିରେ ତିନୋଟି ରଙ୍ଗ ଅଛି - ନାରଙ୍ଗୀ, ଧଳା ଓ ସବୁଜ। ଆଉ ମଝିରେ ଅଛି ନୀଳ ରଙ୍ଗର ଅଶୋକ ଚକ୍ର। ମିଟୁ ଆଶ୍ଚର୍ଯ୍ୟରେ ପଚାରିଲା, ଏହି ରଙ୍ଗଗୁଡ଼ିକ କ'ଣ କହନ୍ତି? ଜେଜେବାପା କହିଲେ, ନାରଙ୍ଗୀ ରଙ୍ଗ ଆମକୁ ସାହସ ଓ ତ୍ୟାଗର କଥା ମନେ ପକାଏ। ଧଳା ଆମକୁ ଶାନ୍ତି ଓ ସତ୍ୟର ବାଟ ଦେଖାଏ। ସବୁଜ ଆମକୁ ପ୍ରକୃତି, ଉନ୍ନତି ଓ ସମୃଦ୍ଧିର ସ୍ୱପ୍ନ ଦେଖାଏ। ଆଉ ଅଶୋକ ଚକ୍ର କହେ- ଜୀବନର ଚକ ଯେମିତି ସବୁବେଳେ ଘୂରେ, ଆମେ ମଧ୍ୟ ସବୁବେଳେ ଆଗକୁ ବଢ଼ିବା। ମିଟୁ ଚୁପ୍‌ଚାପ୍ ତ୍ରିରଙ୍ଗାକୁ ଚାହିଁ ରହିଲା। ପୁଣି ପଚାରିଲା, ଜେଜେବାପା, ତ୍ରିରଙ୍ଗା ତଳେ ଆମେ କ'ଣ ଶପଥ ନେବା? ଜେଜେବାପା ତା'ର ମୁଣ୍ଡରେ ହାତ ରଖି କହିଲେ, ଭଲ ପାଠ ପଢ଼ିବା, ସତ କହିବା, ଅନ୍ୟକୁ ସାହାଯ୍ୟ କରିବା, ଦେଶକୁ ସଫା ରଖିବା, ଗଛ ଲଗାଇବା ଓ ସମସ୍ତଙ୍କୁ ଭଲ ପାଇବା। ତୁମେ ଯେତେବେଳେ ଭଲ ମଣିଷ ହେବ, ସେତେବେଳେ ହିଁ ତ୍ରିରଙ୍ଗାର ସମ୍ମାନ ହେବ। ମିଟୁର ଆଖି ଚମକି ଉଠିଲା। ଅଗଷ୍ଟ ପନ୍ଦର ସକାଳ ହେଲା। ମିଟୁ ନୂଆ ପୋଷାକ ପିନ୍ଧି ସ୍କୁଲକୁ ଗଲା। ସ୍କୁଲ ପରିସର ରଙ୍ଗବେରଙ୍ଗ ବେଲୁନ୍ ଓ ଫୁଲରେ ସଜାଯାଇଥିଲା। ପତାକା ଉତ୍ତୋଳନର ସମୟ ହେଲା। ପ୍ରଧାନଶିକ୍ଷକ ଦଉଡ଼ି ଟାଣିଲେ। ଆକାଶ ତଳେ ତ୍ରିରଙ୍ଗା ଫରଫର ହୋଇ ଉଡ଼ିଲା। ସମସ୍ତ ପିଲା ଏକାଠି ହୋଇ ଜାତୀୟ ସଙ୍ଗୀତ ଗାନ କଲେ। ମିଟୁର ଛାତିଟା ଗର୍ବରେ ଫୁଲି ଉଠିଲା। କିଛି ସମୟ ପରେ ଶିକ୍ଷକ ପଚାରିଲେ, ପିଲାମାନେ, କୁହ ତ! ଆମ ତ୍ରିରଙ୍ଗା ଆମକୁ କ'ଣ ଶିଖାଏ? ସମସ୍ତେ ଚୁପ୍ ହୋଇଗଲେ। ହେଲେ ମିଟୁ ଧୀରେ ଧୀରେ ହାତ ଉଠାଇଲା। ସାର୍, ମୁଁ କହିବି? ଶିକ୍ଷକ କହିଲେ, ହଁ ମିଟୁ, କୁହ। ମିଟୁ କହିଲା, ସାର୍! ତ୍ରିରଙ୍ଗା ଆମକୁ ସାହସୀ ହେବାକୁ, ଶାନ୍ତିରେ ରହିବାକୁ ଓ ଦେଶକୁ ଆଗକୁ ନେବାକୁ ଶିଖାଏ। ଏହା ଆମ ପାଇଁ କେବଳ ଗୋଟିଏ ପତାକା ନୁହେଁ। ଏହା ଆମ ଦେଶର ଗର୍ବ। ଏହାକୁ ଦେଖିଲେ ମୋତେ ମୋ ଦେଶ ପାଇଁ କିଛି ଭଲ କାମ କରିବାକୁ ଇଚ୍ଛା ହୁଏ। ଶିକ୍ଷକ ଖୁସି ହୋଇ ମିଟୁକୁ ପାଖକୁ ଡାକି ତା'ର ପିଠିକୁ ଥାପୁଡେଇ ଦେଲେ। କହିଲେ, ବାଃ! ଆଜି ତୁମେ ଖୁବ୍ ସୁନ୍ଦର କଥା କହିଲ। ମିଟୁ ଆକାଶରେ ଉଡ଼ୁଥିବା ତ୍ରିରଙ୍ଗାକୁ ଚାହିଁ ମନେ ମନେ ଗର୍ବ ଅନୁଭବ କରୁଥାଏ। ସେଦିନ ଘରକୁ ଫେରିବା ବେଳେ ମିଟୁ ତା'ର ଛୋଟ ତ୍ରିରଙ୍ଗାଟିକୁ ହାତରେ ଜାବୁଡ଼ି ଧରିଥିଲା। ତା'ର ମୁହଁରେ ଥିଲା ହସ, ଆଖିରେ ଥିଲା ସ୍ୱପ୍ନ ଏବଂ ହୃଦୟରେ ଥିଲା ଗୋଟିଏ ଗର୍ବର କଥା- ତ୍ରିରଙ୍ଗା ମୋ ଗର୍ବ, ଭାରତ ମୋର ଗର୍ବ।



**ସୁବ୍ରତ କୁମାର ଦାସ**
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।







**ଶୁଭମ୍ ମହାନ୍ତି**
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ





**ଶୁଭଶକ୍ତି ହାଁସଦା**
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ
ମୟୂରଭଞ୍ଜ






**ଇପ୍‌ସିତା ଜେନା**
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡା, ପୁରୀ






**ଶ୍ରୀୟାଦିତା ରାୟ**
ପଞ୍ଚମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା, ପୁରୀ





**ଦମୟନ୍ତୀ ଟୁଡୁ**
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

### ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ଆଜି ଆରମ୍ଭ

# ଗରମ, କୁକାବୁରା ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ



ଗଲ,୧୪।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି ବା ଶନିବାରରୁ ଏଠାରେ ଆରମ୍ଭ ହେବ। ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ପିଚ୍ ଭାରତୀୟ ଉପମହାଦେଶର ପିଚ୍ ହୋଇଥିବାରୁ ଭାରତକୁ ଏଠାରେ ଖେଳିବା ଲାଗି ବିଶେଷ କଷ୍ଟ ହେବା କଥା ନୁହେଁ। କିନ୍ତୁ ପିଚ୍ କିମ୍ବା ଘରୋଇ ଖେଳାଳି ନୁହଁନ୍ତି, ଏଠାରେ ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଅସହ୍ୟ ଗରମ ଓ ଆଦ୍ରତା। ବର୍ଷା ହେବା ପରେ ଅସହ୍ୟ ଗରମ ହେଉଛି। ଏହା ସହ କୁକାବୁରା ବଲ୍‌ରେ ଖେଳିବା ମଧ୍ୟ କଷ୍ଟକର। ଶ୍ରୀଲଙ୍କାର ଖେଳାଳି ଯେତିକି ଅସୁବିଧା ସୃଷ୍ଟି ନ କରିବେ ଏହି ଦୁଇଟି କାରଣ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି କରିଛି।

ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲଙ୍କ କହିବା କଥା ହେଲା ଡ୍ୟୁକ୍ ବଲ ଭଳି କୁକାବୁରା ବଲ ୨୦ରୁ ୨୫ ଓଭରପରେ ଢ଼ିଲା ହୋଇଯାଉଛି। ଏହି ସମୟରେ କିପରି ବୋଲିଂ କରିବାକୁ ହେବ ତାହା ଚିନ୍ତାର କାରଣ ହୋଇଛି। ବଲ ଢ଼ିଲା ହୋଇଗଲେ ସ୍ପିନର ପ୍ରଭାବଶାଳୀ ହୋଇ ପାରିବେ ନାହିଁ। ରିଭର୍ସ ସୁଇଂ ଓ ସଟ୍ ବଲ ହିଁ ଭରସା। ପିଚ୍ ମନ୍ଥର ହୋଇଗଲେ ଏହା ସମ୍ଭବ ହେବ ନାହିଁ।

**ସମ୍ଭାବ୍ୟ ଭାରତୀୟ ଦଳ** : ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ମାନବ ସୁତାର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା। **ରିଜର୍ଭ** - ଗୁରନୁର ବ୍ରାର, ସର୍ଫରାଜ ଖାନ, ସାରାଂଶ ଜୈନ, ଆକ୍ବିବ ନବି।

**ଶ୍ରୀଲଙ୍କା ଦଳ** : ଲାହିରୁ ଉଦାରା, ନିଶାନ ମଦୁସ୍କା, ଦିନେଶ ଚାଣ୍ଡିମଲ, କାମିନ୍ଦୁ ମେଣ୍ଡିସ୍ (ଉପଅଧିନାୟକ), ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ନିରୋସନ ଡିକ୍‌ୱେଲା (ୱିକେଟ ରକ୍ଷକ), ସୋନାଲ ଦିନୁଶା, ରମେଶ ମେଣ୍ଡିସ୍, ପ୍ରବାତ ଜୟସୁରିଆ, ଅସିଥା ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା।

**ରିଜର୍ଭ**- କେଶରା ନୁୱାନ୍ଥା, ମିଲନ ରତନାୟକେ, ବିଶ୍ୱ ଫର୍ଣ୍ଣାଣ୍ଡୋ, ଦିଲସାନ ମଦୁଶଙ୍କା, ପାସିନ୍ଦୁ ସୁରିଆବାନ୍ଦରା।

ଖେଳ ଆରମ୍ଭ- ପୂର୍ବାହ୍ଣ ୧୦ଟା
ଟିଭି ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ - ସୋନି ଲାଇଭ୍

### ଓସିଏ କର୍ମକର୍ତ୍ତା ନିର୍ବାଚନ

## ବିସିସିଆଇକୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ,୧୪।୮ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କର୍ମକର୍ତ୍ତା ନିର୍ବାଚନ ପ୍ରସଂଗ ନେଇ ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ)କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟ ପ୍ରତିପକ୍ଷମାନେ ମଧ୍ୟ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିପାରିବେ। ଅଗଷ୍ଟ ୨୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟକାଳ ଶେଷ ହୋଇଥିବା ଓସିଏର ବିଭିନ୍ନ ପଦପଦବୀ ପାଇଁ ନିୟମ ଅନୁସାରେ ନିର୍ବାଚନ ଘୋଷଣା କରାଯାଉ ଏବଂ ବିଭିନ୍ନ କର୍ମକର୍ତ୍ତା ନିର୍ବାଚିତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ବିସିସିଆଇ, ଓସିଏ, ଓସିଏ ସଭାପତି, ଉପସଭାପତି, ଯୁଗ୍ମସଚିବ, କୋଷାଧ୍ୟକ୍ଷ ଓ କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଜେଏଫ୍‌ସିକୁ ୧୦୦ ଟଙ୍କାରେ ବିକିଦେଲା ଟାଟା ଷ୍ଟିଲ

ରାଞ୍ଚି,୧୪।୮ (ଏଜେନ୍ସି): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଟିମ୍ ଜାମ୍‌ସେଦପୁର ଫୁଟବଲ କ୍ଲବ୍ (ଜେଏଫ୍‌ସି)କୁ ମାତ୍ର ୧୦୦ ଟଙ୍କାରେ ଏହାର ଫ୍ରାଞ୍ଚାଇଜ୍ ମାଲିକ ଟାଟା ଷ୍ଟିଲ ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ବିକ୍ରି କରିଦେଇଛି। ଏହା ଫଳରେ ଟାଟା ଷ୍ଟିଲ୍‌ର ଆଇଏସ୍‌ଏଲ୍‌ରେ ପ୍ରତିନିଧିତ୍ୱ ଶେଷ ହୋଇଛି। ସେପ୍ଟେମ୍ବର ମାସରୁ ଚର୍ଚ୍ଚିଲ ବ୍ରଦର୍ସ ଜେଏଫ୍‌ସିର ସମସ୍ତ ଦାୟିତ୍ୱ ନେବ। ଜେଏଫ୍‌ସିର ସମସ୍ତ ଅଂଶଧନକୁ ମଧ୍ୟ ଚର୍ଚ୍ଚିଲ ବ୍ରଦର୍ସକୁ ଟାଟା ଷ୍ଟିଲ ହସ୍ତାନ୍ତର କରିଛି। ଏହା ସହ କ୍ଲବର ୧୨ଜଣ ଖେଳାଳି ଓ ୨ ଜଣ କୋଚ୍‌ଙ୍କ ଦାୟିତ୍ୱ ଗ୍ରହଣ କରିବ।

## ଏସିଆ କପ୍ ଓ ଏସିଆଡ୍‌ରୁ ବାଦ୍ ପଡ଼ିଲେ ଜେମିମା

ମୁମ୍ବଇ,୧୪।୮ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ଜେମିମା ରୋଡ୍ରିଗ୍ସ ଆଘାତ ଜନିତ କାରଣରୁ ଏସିଆ କପ୍ ଓ ଏସିଆନ ଗେମ୍ସରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରତୀକା ରାୱଲଙ୍କୁ ଦଳରେ ସାମିଲ କରାଯାଇଛି। ୟୁଏଇରେ ଏସିଆ କପ୍ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ଯାଏ, ଏସିଆନ ଗେମ୍ସ ସେପ୍ଟେମ୍ବର ୧୭ରୁ ୨୨ଯାଏ ଖେଳାଯିବ।

## ତାନ୍‌ଜିଦ୍‌ଙ୍କ ପ୍ରଥମ ଶତକ

ଡାରୱିନ୍,୧୪।୮ (ଏଜେନ୍ସି): ତାନଜିଦ ହାସନଙ୍କ ପ୍ରଥମ ଟେଷ୍ଟ ଶତକ (୧୦୧ରନ୍) ଓ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ (୮୪ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଅଷ୍ଟ୍ରେଲିଆ ସହ ଚାଲିଥିବା ପ୍ରଥମ ଟେଷ୍ଟ ବାଂଲାଦେଶ ୧୫୩ ରନ୍‌ରେ ଆଗୁଆ ରହିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୮ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୧ ରନ୍ ସଂଗ୍ରହ କରିନେଇଛି।

### ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍ ହକି ଆଜିଠାରୁ

# ଭାରତ-ୱେଲ୍ସ ଉଦ୍‌ଘାଟନୀ ମୁକାବିଲା

ଆମଷ୍ଟଲଭିନ୍,୧୪।୮ (ଏଜେନ୍ସି)



ଭାରତ- ୱେଲ୍ସ ମ୍ୟାଚ୍: ଅପରାହ୍ଣ ୪.୩୦
ଟିଭି ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ
ଲାଇଭ୍ ଷ୍ଟ୍ରିମିଂ- ଜିଓହଟ୍‌ଷ୍ଟାର


ଭାରତ ଓ ୱେଲ୍ସ ମୁକାବିଲା ସହ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଆସନ୍ତାକାଲିଠାରୁ ନେଦରଲ୍ୟାଣ୍ଡସ ଓ ବେଲଜିୟମରେ ଆରମ୍ଭ ହେବ। ଅଗଷ୍ଟ ୩୦ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଦୁଇଟି ଭେନ୍ୟୁ ଯଥା ଆମଷ୍ଟଲଭିନ ଓ ୱାଭରେରେ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିଥିବା ୧୬ଟି ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ପୁଲ୍-ଏ ଓ ପୁଲ୍-ଡି'ର ମ୍ୟାଚ୍‌ଗୁଡିକ ଅମଷ୍ଟଲଭିନ୍‌ରେ ଓ ପୁଏ-ବି ଓ ସି'ର ମ୍ୟାଚ୍ ବେଲଜିୟମର ୱାଭରେ ସହରରେ ଖେଳାଯିବ। ଆସନ୍ତାକାଲି ପୁଲ-ଡି'ରେ ଭାରତ ଓ ୱେଲ୍ସ ମୁକାବିଲାରୁ ଏହି ବିଶ୍ୱକପ୍ ଆରମ୍ଭ ହେବ। ଗୋଟିଏ ଦିନ ପରେ ମହିଳା ଦଳ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ପୁରୁଷ ଦଳ ଭଳି ମହିଳା ଟିମ୍ ମଧ୍ୟ ପୁଲ-ଡି'ରେ ସ୍ଥାନ ପାଇଛି।

ଏହି ପ୍ରତିଯୋଗିତାରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତ ଖେଳିବାକୁ ଯାଉଛି। ଦଳରେ ହରମନପ୍ରୀତ୍, ମନ୍‌ପ୍ରୀତ ସିଂହ, ମନଦୀପ ସିଂହ ଓ ଅମିତ ରୋହିଦାସ ମିଳିତ ଭାବେ ଦଳର ମୋଟ ୪୧ଶତକଡ଼ା ମ୍ୟାଚ୍ ଖେଳିଛନ୍ତି। ଅନ୍ୟମାନେ ନବାଗତ ଓ ଏତେଟା ଅଭିଜ୍ଞ ନୁହଁନ୍ତି। ଅମିତଙ୍କ ପରେ ଶିଳାନନ୍ଦ ଲାକ୍ରା ଓଡ଼ିଶାରୁ ଦ୍ୱିତୀୟ ଖେଳାଳି ଭାବେ ସାମିଲ ହୋଇଛନ୍ତି। ପୁଲ୍-ଏ'ରେ ଇଂଲଣ୍ଡ ନିଃସନ୍ଦେହରେ ଏକ ଶକ୍ତିଶାଳୀ ଦଳ। ୱେଲ୍ସ ଓ ପାକିସ୍ତାନକୁ ହରାଇ ଭାରତକୁ ଦ୍ୱିତୀୟ ରାଉଣ୍ଡରେ ପ୍ରଥମେ ପ୍ରବେଶ କରିବାକୁ ହେବ। ଏହା ପର କଥା ପରେ ନିର୍ଣ୍ଣୟ କରାଯିବ। ମହିଳା ବିଭାଗରେ ସଲିମା ଟେଟେ ଦଳର ନେତୃତ୍ୱ ନେଉଛନ୍ତି। ଦଳ ପୁଲ୍-ଡି'ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଅଗଷ୍ଟ ୧୬ରେ ଚୀନ ସହ ପ୍ରଥମ, ୧୮ରେ ଇଂଲଣ୍ଡ ସହ ଦ୍ୱିତୀୟ ଓ ୨୦ରେ ଦକ୍ଷିଣ ଆଫ୍ରିକା ସହ ତୃତୀୟ ମ୍ୟାଚ୍ ଖେଳିବ।










PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS